

୧୨ ଡିସେମ୍ବରରେ
'କିସ୍ କିସ୍ କୋ ପ୍ୟାର୍ କରୁଁ ୨'
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-121 •TUESDAY •28 OCTOBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୨୧ •ମଙ୍ଗଳବାର •୨୮ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଆଜି ରାତିରେ ବାତ୍ୟା ମାଡ଼

## ଆନ୍ଧ୍ରରେ ପବନ; ଓଡ଼ିଶାରେ ବର୍ଷା

■ **ଭୁବନେଶ୍ୱର, ୨୭।୧୦ (ସମିସ):** ମଙ୍ଗଳବାର ରାତିରେ ଆନ୍ଧ୍ରପ୍ରଦେଶର ମଛଲିପାଟନମ୍ - କଳିଙ୍ଗପଟ୍ଟନମ୍ ମଧ୍ୟବର୍ତ୍ତୀ କାକିନାଡ଼ା ନିକଟରେ ଭୀଷଣ ବାତ୍ୟା (ସିଭିୟର ସାଇକ୍ଲୋନ୍) ରୂପରେ ଏହା ସ୍ଥଳଭାଗକୁ ପ୍ରବେଶ କରିବ ମୋନ୍ଥା। ଭୂଭାଗ ସ୍ପର୍ଶ ସମୟରେ ପବନର ବେଗ ଘଣ୍ଟାପ୍ରତି ବେଗ ୯୦-୧୦୦ କିଲୋମିଟର ଓ ଝଟକା ପବନ ୧୧୦ କିଲୋମିଟର ପର୍ଯ୍ୟନ୍ତ ରହିବ। କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବା ପରେ ବାତ୍ୟା ମାଲକାନଗିରି ଜିଲ୍ଲା ଦେଇ ଓଡ଼ିଶା ପ୍ରବେଶ କରିବ। ୨୮ ବିଳମ୍ବିତ ରାତିରୁ ୨୯ ତାରିଖ ସକାଳ ମଧ୍ୟରେ ବାତ୍ୟା ଓଡ଼ିଶାରେ ପ୍ରବେଶ କରିବା ପରେ ଦୁର୍ବଳ ହୋଇ ଗଭୀର ଅବପାତ ଅବସ୍ଥାରେ ଗତିକରିବ।

**ମାଲକାନଗିରି ଦେଇ ରାଜ୍ୟରେ ପଶିବ 'ମୋନ୍ଥା'**

**୨୮-୨୯ରେ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା**

**ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି**

କାକିନାଡ଼ାର ଦୂରତା ମାଲକାନଗିରିଠାରୁ ମାତ୍ର ୨୦୦ କିମି ହୋଇଥିବାରୁ ଏହି ଜିଲ୍ଲା ଉପରେ ବାତ୍ୟାର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ ହେବ। ମାଲକାନଗିରି ସମେତ କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁରରେ ଓ କଳାହାଣ୍ଡି ବାତ୍ୟା ଯୋଗୁଁ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏହି ୬ ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପ୍ରତି ୬୦-୭୦ କିମି ମଧ୍ୟରେ ରହିବ ଓ ଝଟକା ପବନ ୮୦ କିମି ପର୍ଯ୍ୟନ୍ତ ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ପବନ ସାଙ୍ଗକୁ ଏହି ୬ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ▶ପୃଷ୍ଠା-୯




## ଆଜିଠାରୁ ୨ ଦିନ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ୨ଦିନ ଯାଏଁ ବିଦ୍ୟାଳୟ ଓ ଅଙ୍ଗନବାଡ଼ିଗୁଡ଼ିକୁ ସରକାର ଛୁଟି ଘୋଷଣା କରିଛନ୍ତି। ମାତ୍ରାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା

**ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା ସମେତ ଖୋର୍ଦ୍ଧାରେ ଛୁଟି**

**ଗଣଶିକ୍ଷା ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ**

ସମେତ ଖୋର୍ଦ୍ଧା ଜିଲ୍ଲାରେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ମଙ୍ଗଳବାର ଓ ବୁଧବାର ବନ୍ଦ ରହିବ। ବାତ୍ୟା ସମୟରେ ବିଦ୍ୟାଳୟଗୁଡ଼ିକ ଯେମିତି ଅଧିକ କ୍ଷତିଗ୍ରସ୍ତ ନ ହେବ, ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ▶ପୃଷ୍ଠା-୯

## ୩୨ ଟ୍ରେନ୍ ବାତିଲ୍; ୨ଟିର ଗତିପଥ ବଦଳିଲା

■ **ଭୁବନେଶ୍ୱର, ୨୭।୧୦ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିଝଡ଼ ମୋନ୍ଥାକୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ପୂର୍ବତଟ ରେଳପଥର ୱାଲ୍ଟିୟର ଏବଂ ସଂଯୁକ୍ତ ରୁଟ୍ରେ ଚଳାଚଳ କରୁଥିବା ଅନେକ ଟ୍ରେନ୍ର ଚଳାଚଳ ବାତିଲ୍ କରାଯାଇଛି। ଏଥିରେ କେତେକ ଟ୍ରେନର ଦିଗ ପରିବର୍ତ୍ତନ ଏବଂ ଆଉ କେତେକକୁ ବିଭିନ୍ନ ସ୍ଥାନରେ ଅଟକାଇ ରଖାଯାଇଛି। ଯାତ୍ରୀ ସୁରକ୍ଷା




ପଦକ୍ଷେପ ସ୍ୱରୂପ ୩୨ଟି ଟ୍ରେନ୍ର ଚଳାଚଳ ବାତିଲ୍ କରାଯାଇଛି। ବାତିଲ୍ କରାଯାଇଥିବା ଟ୍ରେନ ତାଲିକାରେ ବ୍ରହ୍ମପୁର-ବିଶାଖାପାଟନମ୍ ଏକ୍ସପ୍ରେସ କଟକ-ଗୁଣୁପୁର-କଟକ ମେମୁ, ଭୁବନେଶ୍ୱର-ବେଙ୍ଗାଲୁରୁ, ଭୁବନେଶ୍ୱର-ସକନ୍ଦରାବାଦ୍ ଏକ୍ସପ୍ରେସ ପ୍ରଶାନ୍ତି ଏକ୍ସପ୍ରେସ୍ ରହିଛି। ରେଳବାଇ ପକ୍ଷରୁ ସମସ୍ତ ଡିଭିଜନାଲ ମୁଖ୍ୟାଳୟରେ ୨୪ ଘଣ୍ଟା ତଦାରଖ ଏବଂ ଜରୁରୀକାଳୀନ ନିୟନ୍ତ୍ରଣକୁ ସକ୍ରିୟ କରାଯାଇଛି। ରିଅଲ୍-ଟାଇମ୍ ଅପଡେଟ୍ ପାଇଁ ଭାରତ ପାଣିପାଗ ବିଭାଗ ସହିତ ନିରନ୍ତର ସମନ୍ୱୟ। ତୁରନ୍ତ ପ୍ରତିକ୍ରିୟା ପାଇଁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ପୁନରୁଦ୍ଧାର ଦଳ ପ୍ରସ୍ତୁତ ରଖାଯାଇଛି। ବିଭିନ୍ନ ସ୍ଥାନରେ ଫସିରହିଥିବା ଯାତ୍ରୀଙ୍କ ପାଇଁ ପ୍ରମୁଖ ଷ୍ଟେସନଗୁଡ଼ିକରେ ଖାଦ୍ୟ, ପାଣି ଏବଂ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି। ଏହାଛଡା ▶ପୃଷ୍ଠା-୯

**ମୁମ୍ବାଇରେ ଇଣ୍ଡିଆ ମେରିଟାଇମ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

## ୫୦ ହଜାର କୋଟିର ଏମ୍‌ଓୟୁ ସ୍ୱାକ୍ଷରିତ

■ **ଭୁବନେଶ୍ୱର,୨୭।୧୦(ସମିସ):** ଓଡ଼ିଶା ଏକ ସୁଦୃଢ଼ ବନ୍ଦର-ଆଧାରିତ ଅର୍ଥବ୍ୟବସ୍ଥା ନିର୍ମାଣ ପାଇଁ ପ୍ରତିବଦ୍ଧ। ଆମର ଏହି ପ୍ରୟାସ ରାଜ୍ୟର ବନ୍ଦରଗୁଡ଼ିକୁ ବାଣିଜ୍ୟ, ଶିଳ୍ପ ଏବଂ ନିଯୁକ୍ତି ଇଞ୍ଜିନରେ ପରିଣତ କରିବ, ଯାହା ଆଗାମୀ ୨୫ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ଯାତ୍ରାକୁ ଆଗେଇ ନେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ୍ ସପ୍ତାହ ୨୦୨୫ର ଉଦଘାଟନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବନ୍ଦର କ୍ଷମତା ୨୦୪୭ ସୁଦ୍ଧା ୫୦୦ ନିୟୁତ ଟନକୁ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାର ରାଜ୍ୟରେ ବନ୍ଦର ଭିତ୍ତିକ



ଅର୍ଥନୀତିକୁ ବଳ ଦେବା ପାଇଁ ପ୍ରାୟ ୫୦ ହଜାର କୋଟିର ଏଓୟୁ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବନ୍ଦର ଏବଂ ▶ପୃଷ୍ଠା-୯

## ଉପନିର୍ବାଚନ ବେଳେ ଛୁଟିରେ ଗଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଆସନ୍ତା ୧୧ ତାରିଖରେ ନୂଆପଡ଼ାରେ ଉପ ନିର୍ବାଚନ ଅନୁଷ୍ଠିତ ହେବ। ସୁରକ୍ଷା ଦୃଷ୍ଟିରୁ ନୂଆପଡ଼ା ଏକ ସମ୍ବେଦନଶୀଳ ଜିଲ୍ଲା ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏତିକିବେଳେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଲ ସିଂ ଛୁଟିରେ ଯାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଆସନ୍ତା ନଭେମ୍ବର ୧୫ ତାରିଖ ଯାଏଁ ଛୁଟିରେ ରହିବେ ବୋଲି ସୂଚନା ମିଳିଛି। ଗୃହ ବିଭାଗ ପକ୍ଷରୁ ଡିଜିଙ୍କୁ ଏ ▶ପୃଷ୍ଠା-୯

**ଦାୟିତ୍ୱରେ ରହିବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ**

## ହରଡ଼ଘଣାରେ ସରକାରୀ ବାବୁ

## ସମ୍ପତ୍ତି ତାଲିକା ଦେଲେନି; ମିଳିବନି ପଦୋନ୍ନତି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଏବେ ହରଡ଼ଘଣାରେ ପଡ଼ିଛନ୍ତି ସରକାରୀ ବାବୁ। ଯେଉଁ ଅଧିକାରୀ ୨୦୨୪ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି, ଚଳିତ ବର୍ଷ ସେମାନେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସେହିପରି ୨୦୨୫ ମସିହାର ସମ୍ପତ୍ତି ତାଲିକା ଆସନ୍ତା ଜାନୁଆରୀ ୧ରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାକୁ ହେବ। ଯେଉଁମାନେ ଏହି ତାଲିକା ଦାଖଲ କରିବାରେ ବ୍ୟର୍ଥ ହେବେ, ସେମାନଙ୍କୁ ଆଗାମୀ ବର୍ଷ ବି ପଦୋନ୍ନତି ମିଳିବ ନାହିଁ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗରୁ ନିର୍ଦ୍ଦେଶନାମା ଜାରି ହୋଇଛି।

**ଆଉ ବଢ଼ିବ ନାହିଁ ସମ୍ପତ୍ତି ତାଲିକା ଦାଖଲ ଅବଧି**

ବିଭାଗ ପକ୍ଷରୁ କୁହାଯାଇଛି ଯେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବହୁ ସରକାରୀ କର୍ମଚାରୀ ସେମାନଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଦାଖଲ କରିନାହାନ୍ତି। ସମ୍ପତ୍ତି ତାଲିକା ଦାଖଲ କରିବାର ସମୟସୀମା ବୃଦ୍ଧି ପାଇଁ ଇତିମଧ୍ୟରେ ବହୁ ଅନୁରୋଧ ବିଭାଗ ପାଖରେ ହସ୍ତଗତ ହୋଇଥିଲା। ବିଭାଗୀୟସ୍ତରରେ ଏହି ଅନୁରୋଧକୁ ବିଚାର କରାଯିବା ପରେ ପ୍ରଶାସନିକ ଶୃଙ୍ଖଳାକୁ ▶ପୃଷ୍ଠା-୯

**ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଏସ୍‌ଆଇଆର୍**

## ପ.ବଙ୍ଗ, ତାମିଲନାଡୁ ସମେତ ୧୨ଟି ରାଜ୍ୟରେ ହେବ

■ **ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି):** ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଟି ରାଜ୍ୟରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆସନ୍ତାକାଲି ଠାରୁ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି ନିର୍ବାଚନ କମିସନ। ପ୍ରଥମ ପର୍ଯ୍ୟାୟରେ ବିହାରରେ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ହେବାକୁ ଯାଉଛି ସେଗୁଡ଼ିକ ମଧ୍ୟରେ ରହିଛି ପଶ୍ଚିମବଙ୍ଗ, ତାମିଲନାଡୁ, ଗୁଜରାଟ ଏବଂ ଉତ୍ତରପ୍ରଦେଶ। ପଶ୍ଚିମବଙ୍ଗ, ତାମିଲନାଡୁ, ପୁଡୁଚେରି ଏବଂ କେରଳରେ ଆସନ୍ତା ବର୍ଷ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ୨୦୨୭ରେ ଉତ୍ତର ପ୍ରଦେଶରେ ନିର୍ବାଚନ ହେବ। ଆସାମରେ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିଲେ ମଧ୍ୟ ଏସ୍‌ଆଇଆର୍ ପ୍ରକ୍ରିୟାରେ ଏହାକୁ ସାମିଲ




**ଓଡ଼ିଶାରେ ଏବେ ନୁହେଁ, ଆସାମ ପାଇଁ ପୃଥକ ଏସ୍‌ଆଇଆର୍**

କରାଯାଇ ନାହିଁ। ଆସାମ ପାଇଁ ସ୍ୱତନ୍ତ୍ର ନାଗରିତା ଆଇନ ଥିବାରୁ ସେହି ରାଜ୍ୟରେ ପୃଥକ ଭାବେ ଏସ୍‌ଆଇଆର୍ କରାଯିବ। ତେବେ ଏହି ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରାଯାଇନାହିଁ। ଅନ୍ୟ ଯେଉଁ ରାଜ୍ୟରେ ଏସ୍‌ଆଇଆର୍ କରାଯିବ ସେଗୁଡ଼ିକ ହେଲା: ଆଣ୍ଡାମାନ-ନିକୋବର, ଛତିଶଗଡ଼, ଗୁଜରାଟ, ଗୋଆ, ଲକ୍ଷଦ୍ୱୀପ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ।

ଏହିସବୁ ରାଜ୍ୟରେ ଭୋଟର ସଂଶୋଧନ ପ୍ରକ୍ରିୟା ଆସନ୍ତାକାଲି ୨୮ ତାରିଖରୁ ଆରମ୍ଭ ହେବ। ଅକଟୋବର ୨୮ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ବୁଥସ୍ତରୀୟ ଅଧିକାରୀଙ୍କୁ ତାଲିମ ଦିଆଯିବ। ନଭେମ୍ବର ୪ରୁ ଅଧିକାରୀମାନେ ଘରକୁ ଘର ବୁଲି ଫର୍ମ ପୂରଣ ସହିତ ସଂଗ୍ରହ କରିବେ। ଏହା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ୯ ତାରିଖରେ ▶ପୃଷ୍ଠା-୯




# ପୁଣି ହାତକଡ଼ି ପିନ୍ଧାଇ ୫୦ ଭାରତୀୟଙ୍କୁ ବିଦାକଲା ଆମେରିକା

ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ଆମେରିକାରୁ ପୁଣିଥରେ ଅପଦସ୍ଥ କରାଇ ପ୍ରବାସୀ ଭାରତୀୟଙ୍କୁ ଡିପୋର୍ଟ କରାଯାଇଛି । ଶନିବାର ବିଳମ୍ବିତ ରାତିରେ ପ୍ରବାସୀଙ୍କୁ ନେଇ ଏକ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ଅବତରଣ କରିଥିଲା । ଏମାନଙ୍କ ହାତରେ ହାତକଡ଼ି ପଡ଼ିଥିଲା । ଡିପୋର୍ଟ ହୋଇଥିବା ୫୦ଜଣ ଭାରତୀୟଙ୍କ ମଧ୍ୟରେ କେବଳ ୩୫ ଜଣ ହାରିୟାଣାର ଥିଲେ । ବିମାନରେ ଦୀର୍ଘ ୨୫ ଘଣ୍ଟା ଧରି ସେମାନଙ୍କ ହାତରେ ହାତକଡ଼ି ଥିଲା । ଏହି ୩୫ଜଣଙ୍କ ମଧ୍ୟରୁ ହରିୟାଣାର କର୍ଣ୍ଣାଲ୍‌ର ୧୬, କଇଥାଲର ୧୪ ଓ କୁରୁକ୍ଷେତ୍ରର ୫ ଜଣ ସାମିଲ ରହିଛନ୍ତି । ସମସ୍ତଙ୍କୁ ସେମାନଙ୍କ ଜିଲ୍ଲାକୁ ଅଣାଯାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି । ଏମାନେ ସମସ୍ତେ ଡଙ୍କି ରୁଟ୍ ଅର୍ଥାତ ଅବୈଧ ଭାବେ ପ୍ରବେଶ କରି ଆମେରିକାରେ ରହୁଥିଲେ ବୋଲି କଇଥାଲ ଡିଏସ୍‌ପି ଲଳିତ କୁମାର କହିଛନ୍ତି । ଏମାନଙ୍କ ବୟସ ୨୫ରୁ ୪୦ ବର୍ଷ ବୋଲି କୁହାଯାଇଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏମାନେ ରୋଜଗାର ତଥା ଚାକିରି ପାଇଁ ଆମରେକା ଯାଇଥିଲେ । କିନ୍ତୁ ଶେଷରେ ଏମାନଙ୍କୁ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି । ବେରୋଜଗାର ପାଇଁ ଭାରତୀୟ ଯୁବକମାନେ ଉପାର୍ଜନ କରିବା ଲକ୍ଷ୍ୟରେ ବିଦେଶ ଯାଉଛନ୍ତି । କିନ୍ତୁ ସେମାନଙ୍କୁ ବିଦେଶରେ ଏହି ଭଳି ସମସ୍ୟାର ସମ୍ମୁଖୀନ ହେବା ସହ ଅପଦସ୍ତ ହେବାକୁ



ପଡୁଛି । ପୂର୍ବରୁ ମଧ୍ୟ ଆମେରିକା ପଞ୍ଜାବ, ହରିୟାଣା, ଗୁଜରାଟର ଅବୈଧ ପ୍ରବାସୀଙ୍କୁ ପର୍ଯ୍ୟାୟକ୍ରମେ ଭାରତକୁ ଡିପୋର୍ଟ କରିଥିଲା ଓ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନକୁ ନିନ୍ଦା କରାଯାଇଥିଲା । ଏ ନେଇ ବିବାଦ ମଧ୍ୟ ସୃଷ୍ଟି ହୋଇଥିଲା ।

# ବିଶ୍ୱରେ ପ୍ରଥମ: ରୁଷ କ୍ରୁଜ୍ କ୍ଷେପଣାସ୍ତ୍ରକୁ ରୋକିପାରିବନି କୌଣସି ଡିଫେନ୍ସ ସିଷ୍ଟମ

ମସ୍କୋ, ୨୭ ।୧୦(ଏଜେନ୍ସି): ବିଶ୍ୱରେ ପ୍ରଥମଥର ପାଇଁ ରୁଷିଆ ନ୍ୟୁକ୍ଲିଆର ପାୱାରଡ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି । ଅର୍ଥାତ ପରମାଣୁ ଶକ୍ତି ଦ୍ୱାରା ପରିଚାଳିତ ହେଉଥିବା ଏହି ମିସାଇଲ୍‌ର ସଫଳ ପରୀକ୍ଷଣ ନେଇ ରୁଷିଆ ଘୋଷଣା କରିଛି । ଏହି ମିସାଇଲ୍‌ର ନାମ ବୁରେଭେସ୍ତିନିକ୍-୯ଏମ୍୭୩୯ ରଖାଯାଇଛି । ଏହି ମିସାଇଲର ରେଞ୍ଜ ଅନ୍‌ଲିମିଟେଡ୍ ଅର୍ଥାତ ଅସୀମ ବୋଲି କୁହାଯାଇଛି । ଏହି ମିସାଇଲର ସବୁ ପରୀକ୍ଷା କରାଯାଇ ସାରିଛି ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ରବିବାର ଭିଡିଓ କନଫରେନ୍ସରେ କହିଛନ୍ତି । ଏଭଳି ମିସାଇଲ ବିଶ୍ୱରେ କୌଣସି ଦେଶ ପାଖରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ପ୍ରଥମ ଏଭଳି ଅସ୍ତ୍ର ତିଆରି କରିବା ଅସମ୍ଭବ ବୋଲି ବିଶେଷଜ୍ଞମାନେ କହୁଥିଲେ । କିନ୍ତୁ ଏବେ ଏହା ସତରେ ପରିଣତ ହୋଇଛି । ଅକ୍ଟୋବର ୨୧ରେ ଏହି ମିସାଇଲର ସଫଳ ପରୀକ୍ଷଣ କରାଯାଇଥିଲା ବୋଲି ରୁଷ ସେନା ମୁଖ୍ୟ ଵେଲେରି ଗେରେସିମୋଭ କହିଛନ୍ତି । ପରୀକ୍ଷା ଅବସରରେ ଏହି ମିସାଇଲ୍ ଦୀର୍ଘ ୧୫ ଘଣ୍ଟାର ଉଡାଣ ଭରିଥିଲା । ଏହି ଅବସରରେ ମିସାଇଲ ୧୪ ହଜାର କିମି ଦୂର ଯାତ୍ରା କରିଥିଲା । ତେବେ ଏହା ତା'ର ଅଧିକତମ ରେଞ୍ଜ୍ ନୁହଁ । ଏହି ମିସାଇଲ୍ ୧୪ ହଜାର କିମିରୁ ଅଧିକ ଦୂର ଯାତ୍ରା କରିପାରିବ । ଅର୍ଥାତ ଏହା ଅସୀମିତ ଦୂର ପର୍ଯ୍ୟନ୍ତ ଯାଇ ଟାର୍ଗେଟ୍‌କୁ ମାଡ଼ କରିପାରିବ । ଏହା ଘଣ୍ଟାକୁ ୧୩୦୦ କିମି ବେଗ ଗତି କରିବ । ବୁରେଭେସ୍ତେନିକ ମିସାଇଲ୍‌କୁ କୌଣସି ଡିଫେନ୍ସ ସିଷ୍ଟମ ଅଟକାଇପାରିବ ନାହିଁ ବୋଲି ସେ କହିଛନ୍ତି । ଏହି ମିସାଇଲ ଦ୍ୱାରା ରୁଷିଆ ଆମେରିକା ସମେତ ବିଶ୍ୱର ଯେକୌଣସି ସ୍ଥାନକୁ ଲକ୍ଷ୍ୟ କରି ଆକ୍ରମଣ କରିପାରିବ । ଏହି ମିସାଇଲ୍‌ର ଏକ ସ୍ୱତନ୍ତ୍ରତା ରହିଛି । ସାଧାରଣ ବାଲାଷ୍ଟିକ୍ ମିସାଇଲ୍ ଅନ୍ତରିକ୍ଷରେ ପୂର୍ବରୁ ନିଶ୍ଚିତ କରାଯାଇଥିବା ପଥ ଦେଇ ଗତି କରିଥାଏ । କିନ୍ତୁ ଏହି ମିସାଇଲ୍ ଭୂମିଠାରୁ ୫୦- ୧୦୦ ମିଟର ଉଚ୍ଚରେ ଯାତ୍ରା କରିବ ଓ ଗତିପଥ ପରିବର୍ତ୍ତନ କରିପାରିବ । ତେଣୁ ଏହାକୁ ଟ୍ରେସ୍ କରି ନିଷ୍କ୍ରିୟ କରିବା ଏକ ପ୍ରକାର ଅସମ୍ଭବ ବୋଲି କୁହାଯାଇଛି ।



# ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କଲେ ସିଜେଆଇ ଗଭାଇ

ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ବରିଷ୍ଠ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶ ତଥା ସୁପ୍ରିମକୋର୍ଟର ୫୩ତମ ମୁଖ୍ୟ ବିଚାରପତି ହେବାକୁ ଯାଉଛନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିଷ ଭୂଷଣ ଆର ଗଭାଇ ସୋମବାର କେନ୍ଦ୍ର ସରକାରଙ୍କୁ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କରିଛନ୍ତି । ଏଥିସହ ସିଜେଆଇ ନିଯୁକ୍ତି ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଆଇନ ମନ୍ତ୍ରଣାଳୟ ତରଫରୁ ନିର୍ଦ୍ଦେଶ ମିଳିବା ପରେ ପରମ୍ପରା ଅନୁଯାୟୀ ସିଜେଆଇ ହିଁ ନିଜର ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିଥାନ୍ତି । ଏବେ ଦାୟିତ୍ୱରେ ଥିବା ମୁଖ୍ୟ ବିଚାରପତି ଗଭାଇଙ୍କ କାର୍ଯ୍ୟକାଳ ନଭେମ୍ବର ୨୩ରେ ଶେଷ ହେବ । ତାଙ୍କପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ ଓ ୨୦୨୭ ଫେବୃଆରୀ ୯ରେ ଅବସର ନେବେ । ସେ ୧୪ ମାସ ପାଇଁ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ । ନିୟମ ଅନୁସାରେ ସୁପ୍ରିମକୋର୍ଟଙ୍କ ବିଚାରପତି ୬୫ ବର୍ଷ ବୟସରେ ହିଁ ଅବସର ଗ୍ରହଣ କରିଥାନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ହରିୟାଣାର ପ୍ରଥମ ବିଚାରପତି ଭାବେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ । ପୂର୍ବର ଜଷ୍ଟିସ ସୂର୍ଯ୍ୟକାନ୍ତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ନିଜର ସ୍ମରଣୀୟ ରାୟ ପ୍ରଦାନ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ ।

# ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ରୋକିବାକୁ କରିଛ କ'ଣ?

ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି): ଦେଶରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ବୃଦ୍ଧି ପାଇବାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ଏହାକୁ ରୋକିବା ପାଇଁ କି ପଦକ୍ଷେପ ନେଇଛ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନଙ୍କୁ ପଚାରିଛନ୍ତି । ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଆତ୍ମହତ୍ୟା ଘଟଣାର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଥିବା ମାର୍ଗଦର୍ଶିକାକୁ କିପରି ଭାବେ ପାଳନ କରାଯାଇଛି ତାହାର ସୂଚନା ଦେବା ପାଇଁ କୋର୍ଟ ରାଜ୍ୟ ଏବଂ କେନ୍ଦ୍ରମାନଙ୍କୁ ୮ ସପ୍ତାହ ସମୟ ଦେଇଛନ୍ତି । ଏହି ସମୟ ଭିତରେ ସତ୍ୟପାଠ ଦାଖଲ କରିବାକୁ ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି । ଜୁଲାଇ ୨୫ରେ ସୁପ୍ରିମକୋର୍ଟ ଦେଇଥିବା ନିଷ୍ପତ୍ତିକୁ ନେଇ ଏହି ଶୁଣାଣି ହୋଇଥିଲା । ଏଥିରେ ୨ ମାସ ଭିତରେ ଘରୋଇ କୋଚିଂ କେନ୍ଦ୍ରର ପଞ୍ଜୀକରଣ, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ଅଭିଯୋଗର ସମାଧାନ ପାଇଁ ନିୟମ ବନାଇବାକୁ କୁହାଯାଇଥିଲା । ଆଜିର ଶୁଣାଣିରେ ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଙ୍କୁ ପକ୍ଷଭୁକ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଜାନୁଆରୀ ମାସରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

# ଜୋତା ଫୋପାଡିଥିବା ଓକିଲ ଉପରେ ଅବମାନନା କାର୍ଯ୍ୟାନୁଷ୍ଠାନ ହେବନି

ନୂଆଦିଲ୍ଲୀ, ୨୭ ।୧୦(ଏଜେନ୍ସି): ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ବିଆର ଗଭାଇଙ୍କ ଉପରେ ଜୋତା ଫୋଡିଥିବା ବରିଷ୍ଠ ଓକିଲଙ୍କ ବରୋଧରେ କୌଣସି ଅବମାନନା କର୍ଯ୍ୟାନୁଷ୍ଠାନ ହେବନାହିଁ । ସୁପ୍ରିମକୋର୍ଟଙ୍କ ତରଫରୁ ସୋମବାର ଏ ନେଇ ସ୍ପଷ୍ଟ କରାଯାଇଛି । ଜୋତା ଫୋପାଡିଥିବା ୭୨ ବର୍ଷୀୟ ଓକିଲ ରାକେଶ କିଶୋରଙ୍କ ବରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ମନା କରି ଦେଇଛନ୍ତି । ଫଳରେ ଏହି ମାମଲା ଆଗକୁ ଆଉ ବଢ଼ିବ ନାହିଁ ବୋଲି କୁହାଯାଇଛି । ତେବେ ଭବିଷ୍ୟତରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନହୁଏ, ସେଥିପାଇଁ ଗାଇଡ ଲାଇନ୍ ଅର୍ଥାତ ମାର୍ଗଦର୍ଶିକା ନିର୍ଦ୍ଧାରଣ କରିବାକୁ ବିଚାର କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏ ସମ୍ପର୍କରେ ଦେଶରେ ବିଭିନ୍ନ ଅଦାଲତରେ ଘଟିଥିବା ଏହିଭଳି ଘଟଣାର ବିବରଣୀ ଦେବାକୁ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ କୁହାଯାଇଛି । ଏହି ଘଟଣାକୁ ସୋସିଆଲ ମିଡିଆରେ ମହିମା ମଣ୍ଡନ କରିବା ବିରୋଧରେ ମଧ୍ୟ ମାର୍ଗଦର୍ଶିକା ନିର୍ଦ୍ଧାରଣ କରିବାକୁ ବିଚାର କରାଯିବ ବୋଲି କୁହାଯାଇଛି ।

# ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ

ଅଯୋଧ୍ୟା, ୨୭ ।୧୦(ଏଜେନ୍ସି): ଅଯୋଦ୍ଧାରେ ଭଗବାନ ଶ୍ରୀରାମ ଜନ୍ମଭୂମି ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି ଓ ସବୁ ମୂର୍ତ୍ତି ସ୍ଥାପନ କରାଯାଇଛି ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ସୋମବାର ଏ ନେଇ ଘୋଷଣା କରିଛି । ମନ୍ଦିରରେ ଧ୍ୱଜଦଣ୍ଡ ସହ କଳସକୁ ମଧ୍ୟ ସ୍ଥାପନ କରାଯାଇଛି ବୋଲି ଟ୍ରଷ୍ଟ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛି । ମୁଖ୍ୟ ମନ୍ଦିର ସମେତ ଭଗବାନ ଶିବ, ଗଣେଷ, ହନୁମାନ, ସୂର୍ଯ୍ୟଦେବ, ଦେବୀ ଭଗବତୀ, ଦେବୀ ଅର୍ଣ୍ଣପୂର୍ଣ୍ଣା ଓ ଶେଷ ଅବତାର ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଓ ଉପରେ ଧ୍ୱଜଦଣ୍ଡ ଓ କଳସ ସ୍ଥାପିତ କରାଯାଇଛି । ସବୁ ପ୍ରତିମାଗୁଡିକୁ ମଧ୍ୟ ସ୍ଥାପନ କରାଯାଇଛି ।

# ଜାପାନ ସମ୍ରାଟଙ୍କୁ ଭେଟିଲେ ଟ୍ରମ୍ପ

ଟୋକିଓ, ୨୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୀର୍ଘ ୬ ବର୍ଷ ପରେ ଜାପାନ ଗସ୍ତରେ ଯାଇଛନ୍ତି । ସୋମବାର ସେ ଜାପାନ ସମ୍ରାଟ ନାରୁହିଟୋଙ୍କୁ ଟୋକିଓର ଇମ୍ପେରିଆଲ ପ୍ୟାଲେସ୍‌ରେ ସାକ୍ଷାତ କରିଛନ୍ତି । ମଙ୍ଗଳବାର ସେ ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସାନାଏ ଟାକାଇଚିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଟ୍ରମ୍ପ ସମ୍ରାଟଙ୍କୁ ପ୍ରଶଂସା କରିଛନ୍ତି ଓ ତାଙ୍କୁ ଜଣେ ମହାନ ବ୍ୟକ୍ତି ବୋଲି ଅଭିହିତ କରିଛନ୍ତି । ସେ ଟାକାଇଚିଙ୍କ ସହ ବାଣିଜ୍ୟ ଓ ନିବେଶ ନେଇ ଆଲୋଚନା କରିବେ । ଏହାପୂର୍ବରୁ ୨୦୧୯ରେ ଟ୍ରମ୍ପ ଜାପାନ ଗସ୍ତ କରିଥିଲେ । ଟ୍ରମ୍ପଙ୍କ ସୁରକ୍ଷା ପାଇଁ ୧୮, ୦୦୦ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି ।

## ସୁପ୍ରିମକୋର୍ଟରେ ବୁଲାକୁକୁର ମାମଲା

# ସତ୍ୟପାଠ ଦେଉନାହାନ୍ତି ରାଜ୍ୟ

## ସୁପ୍ରିମକୋର୍ଟ କ୍ଷୁବ୍ଧ; ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ହାଜିରା ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି): ବୁଲା କୁକୁର ମାମଲାରେ ଅଗଷ୍ଟରେ ଦିଆଯାଇଥିବା ରାୟ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ନେଇ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଗୁଡ଼ିକୁ ଭର୍ତ୍ସନା କରିଛନ୍ତି । ବୁଲା କୁକୁରଙ୍କୁ ଧରି ବନ୍ଧ୍ୟାକରଣ କରି ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହାକୁ ପାଳନ କରାଯାଇ ନ ଥିବାରୁ ସାରା ଦେଶରେ ଏଭଳି ମାମଲା ବୃଦ୍ଧି ପାଇବାରେ ଲାଗିଛି । ଏହା ଅତ୍ୟନ୍ତ ବିରକ୍ତି କର ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିଥିବା ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡ଼ି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଜବାବ ତଲବ କରିଛନ୍ତି । ପଶୁଙ୍କ ଜନ୍ମ ନିୟନ୍ତ୍ରଣ (ଏବିସି)କୁ ନେଇ କି ପଦକ୍ଷେପ ନିଆଯାଇଛି ତାହା ଉପରେ ଜବାବୀ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ।

ନିଜ ଆଡୁ ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିକ୍ରମ ନାଥ, ସଞ୍ଜୀବ ମେହେଟ୍ଟା ଏବଂ ଏନ. ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଗତ କିଛି ଦିନ ହେଲା ଦେଶରେ ଘଟିଥିବା କୁକୁର କାମୁଡା ଘଟଣାର ଉଦାହରଣ ଦେଇଥିଲେ । ମହାରାଷ୍ଟ୍ର, କେରଳ, ତେଲଙ୍ଗାନାରେ ଘଟଣା ବିଷୟରେ ଉଲ୍ଲେଖ କରି ରାଜ୍ୟ ସରକାରଗୁଡିକ ନିୟମ ପାଳନ କରୁ ନ ଥିବାରୁ କଠୋର ଭାଷାରେ ସମାଲୋଚନା କରିଥିଲେ । ଖଣ୍ଡପୀଠ କହିଥିଲେ ଯେ କୁକୁର କାମୁଡା ଜନିତ ଘଟଣା ବିଦେଶରେ ଦେଶର ଛବିକୁ ଖରାପ କରୁଛି । କୋର୍ଟଙ୍କ ନିର୍ଦ୍ଦେଶକୁ ଦୁଇ ମାସ ବିତି ଯାଇଥିଲେ ବି ଏହା ଉପରେ କୌଣସି ପ୍ରତିକ୍ରିୟା ଦିଆଯାଉ ନାହିଁ । ଏହାର କାରଣ ଦର୍ଶାଇବାକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଥିଲେ । ଖବର କାଗଜ ପଢୁଛନ୍ତି କି ନାହିଁ ବୋଲି ପଚାରି ଥିଲେ । ଏହା ପରେ ଆସନ୍ତା ସୋମବାର ୧୦ଟା୩୦ରେ ବ୍ୟକ୍ତିଗତ ଭାବେ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଯଦି ନିର୍ଦ୍ଦେଶ ନ ମାନିବେ ତେବେ ଜୋରିମାନା ସହିତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି ।

ଖଣ୍ଡପୀଠ କହିଥିଲେ ଯେ ଦିଲ୍ଲୀ ପୌରପାଳିକା, ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଛାଡି ଆଉ କୌଣସି ରାଜ୍ୟ ସତ୍ୟପାଠ ଦାଖଲ କରିନାହାନ୍ତି । ଦିଲ୍ଲୀ ସରକାର ମଧ୍ୟ ସତ୍ୟପାଠ ଦାଖଲ କରିବାକୁ ବିଫଳ ହୋଇଛନ୍ତି । ଅନେକ ରାଜ୍ୟ ନିୟମ ପାଳନ କରିବାରେ ବିଫଳ ହୋଇଛନ୍ତି । ଏପରିକି କୋର୍ଟରେ ରାଜ୍ୟମାନଙ୍କ ପ୍ରତିନିଧି ମଧ୍ୟ ଉପସ୍ଥିତ ନ ଥିଲେ ।



# ବାଂଲାଦେଶ ନକ୍ସାରେ ଉତ୍ତରପୂର୍ବ ଭାରତ

## ■ ପାକ୍ ସେନା ମୁଖ୍ୟଙ୍କୁ ୟୁନୁସଙ୍କ ବିବାଦୀୟ ମାନଚିତ୍ର ଉପହାର

ଢାକା, ୨୭ ।୧୦(ଏଜେନ୍ସି): ବାଂଲାଦେଶର ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ପାକିସ୍ତାନ ସେନା ମୁଖ୍ୟ ତଥା ଜେନେରାଲ ସାହିର ସମସାଦ ମିର୍ଜାଙ୍କୁ ଏକ ବିବାଦୀୟ ମାନଚିତ୍ର ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି । ଏହି ମାନଚିତ୍ରରେ ଭାରତର ଉତ୍ତରପୂର୍ବ ରାଜ୍ୟଗୁଡିକୁ ବାଂଲାଦେଶ ନିଜର ଅଞ୍ଚଳ ବୋଲି ଦର୍ଶାଇଛି । ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଅବଶ୍ୟ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଏହି ବିବାଦ ଉପରେ କୌଣସି ପ୍ରତିକ୍ରିୟା ଦେଇନାହିଁ । ଏହି ମାନଚିତ୍ରରେ ଆସାମ ସମେତ ଅନ୍ୟ ଉତ୍ତରପୂର୍ବର ରାଜ୍ୟଗୁଡିକୁ ବାଂଲାଦେଶରେ ସାମିଲ କରାଯାଇଥିବାର ଦେଖା ଯାଇଛି । ୟୁନୁସ ମିର୍ଜାଙ୍କୁ 'ଆର୍ଟ ଅଫ୍ ଟ୍ରମ୍ଫ' ନାମକ ଏକ ବହିକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ବହିର ପ୍ରଚ୍ଛଦରେ ବାଂଲାଦେଶର ବିବାଦୀୟ ମାନଚିତ୍ର ଦେଖିବାକୁ ମିଳିଛି । ବହିର କଭରରେ ଉତ୍ତରପୂର୍ବରୁ ୭ଟି ରାଜ୍ୟକୁ ବାଂଲାଦେଶର ଅଂଶ ବୋଲି ଦର୍ଶାଯାଇଛି । ଏହାକୁ କଠୋରପନ୍ଥୀ ଇସ୍‌ଲାମିକ୍ ସଂଗଠନଗୁଡିକ ଗ୍ରେଟର ବାଂଲାଦେଶ ବୋଲି କହୁଛନ୍ତି ।

ଜେନେରାଲ ମିର୍ଜା ଅକ୍ଟୋବର ୨୪ରେ ୬ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳୀ ସହ ବାଂଲାଦେଶ ଗସ୍ତରେ ଯାଇଛନ୍ତି । ତେବେ ପ୍ରଥମଥର ପାଇଁ ବାଂଲାଦେଶ ତରଫରୁ ଏଭଳି ଦୁଃସାହସ କରାଯାଇନାହିଁ । ଗତବର୍ଷ ଡିସେମ୍ବରରେ ୟୁନୁସଙ୍କ ଉପଦେଷ୍ଟା ମେହଫୁସ ଆଲମ ମଧ୍ୟ ଏହି ଭଳି ବାଂଲାଦେଶର ବିବାଦୀୟ ମାନଚିତ୍ର ପୋଷ୍ଟ କରିଥିଲେ । ଏହି ମାନଚିତ୍ରରେ ଆଲମ ଭାରତର ପଶ୍ଚିବବଙ୍ଗ, ତ୍ରିପୁରା ଓ ଆସାମର କିଛି ଅଂଶ ବାଂଲାଦେଶରେ ସାମିଲ କରିଥିଲେ । ତେବେ ବିବାଦ ବଢ଼ିବାରୁ ଏହି ପୋଷ୍ଟକୁ ଡିଲିଟ୍ କରାଯାଇଥିଲା ।




# ଭଉଣୀଙ୍କ ଅଶ୍ଳୀଳ ଏଆଇ ଫଟୋ, ଭିଡିଓ ଦେଖାଇ ବ୍ଲାକ୍‌ମେଲ


# ଆତ୍ମହତ୍ୟା କଲେ କଲେଜ ଛାତ୍ର

ଫରିଦାବାଦ୍, ୨୭ ।୧୦(ଏଜେନ୍ସି): ହରିୟାଣାର ଫରିଦାବାଦ୍‌ରେ ଏକ ବିଚଳିତ କଲା ଭଳି ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପ୍ରସ୍ତୁତ ୩ ଭଉଣୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଦେଖାଇ ବ୍ଲାକ୍‌ମେଲ କରାଯିବା ପରେ ବିଚଳିତ ହୋଇ ଜଣେ ୧୯ ବର୍ଷୀୟ କଲେଜ ଛାତ୍ର ଆତ୍ମହତ୍ୟା କରିଛନ୍ତି । ଏହି ଛାତ୍ର ହେଉଛନ୍ତି ରାହୁଲ ଭାରତୀ । ଅଭିଯୁକ୍ତମାନେ ବ୍ଲାକମେଲ ରାହୁଲଙ୍କଠାରୁ ୨୦ ହଜାର ଟଙ୍କା ଦେବାକୁ କହିଥିଲେ । ରାହୁଲ ଡିଏଭି କଲେଜରେ ଦ୍ୱିତୀୟ ବର୍ଷ ଛାତ୍ର । ଭଉଣୀଙ୍କ ଏଆଇ ଫଟୋ ଓ ଭଡିଓକୁ ସାମାଜିକ ଗଣମାଧ୍ୟମରେ ଛାଡି ଦେବାକୁ ଅଭିଯୁକ୍ତ ମାନେ ଧମକ ଦେଇଆସୁଥିଲେ । ଫଳରେ ସେ ସୁଲଫାସ ପେଷ୍ଟିସାଇଡ୍ ଟାବଲେଟ୍ ଖାଇ ଆତ୍ମହତ୍ୟା କରିଥିଲେ । ରାହୁଲ ନିଜ ଭଉଣୀ ଓ ପରିବାର ସହ ଫରିଦାବାଦ୍‌ର ବାସେଲୱା କଲୋନୀରେ ରହୁଥିଲେ । ଏହି ମାମଲାରେ ଦୁଇଜଣଙ୍କୁ ଗିରଫ୍ କରି ପୁଲିସ ମାମଲା ରୁଜୁ କରିଛି । ଏମାନଙ୍କ ମଧ୍ୟରେ ରାହୁଲଙ୍କ ଜଣେ ବନ୍ଧୁ ମଧ୍ୟ ରହିଛନ୍ତି । ଦୁଇ ସପ୍ତାହ ତଳେ ଅଭିଯୁକ୍ତମାନେ ବ୍ଲାକ୍‌ମେଲ କରିବା ଆରମ୍ଭ କରିଥିଲେ । ରାହୁଲଙ୍କ ମୋବାଇଲ ଫୋନ୍‌କୁ ହ୍ୟାକ କରାଯିବା ପରେ ତାଙ୍କୁ ବ୍ଲାକ୍‌ମେଲ୍ କରାଯାଇଥିଲା ବୋଲି ତାଙ୍କ ବାପା ମନୋଜ ପୁଲିସକୁ କହିଛନ୍ତି ।



# ୟୁପିଏସ୍‌ସି ଛାତ୍ରଙ୍କୁ ମାରିଥିଲେ ଲିଭ୍ ଇନ୍ ପାର୍ଟନର

ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଦିଲ୍ଲୀ ଗାନ୍ଧୀ ବିହାର ଅଞ୍ଚଳରେ ଅକ୍ଟୋବର ୬ରେ ଏକ ପୋଡ଼ା ମୃତଦେହ ଉଦ୍ଧାର କରାଯିବାର ରହସ୍ୟ ଉନ୍ମୋଚନ ହୋଇଛି । ହତ୍ୟାର ଶିକାର ହୋଇଥିବା ଯୁବ ହେଉଛନ୍ତି ରାମକେଶ ମିନା । ସେ ୟୁପିଏସ୍‌ସି ଆଶୟୀ ଥିଲେ ଓ ଏଥିପାଇଁ ପ୍ରସ୍ତୁତି କରୁଥିଲେ । ରାମକେଶଙ୍କୁ ତାଙ୍କ ଲିଭ୍ ଇନ୍ ପାର୍ଟନର ୨୧ ବର୍ଷୀୟା ଅମୃତା ଚୌହାନ ନିଜର ପୂର୍ବତନ ପ୍ରେମିକ ଓ ତାଙ୍କ ବନ୍ଧୁମାନଙ୍କ ସହ ମିଶି ହତ୍ୟା କରିଥିଲେ । ପ୍ରଥମେ ତାଙ୍କ ତଣ୍ଟିଚିପି ପରେ ମୃତଦେହ ଉପରେ ଘିଅ ଓ ମଦ ଢ଼ାଳି ଜଳାଇ ଦେଇଥିଲେ । ପୁଲିସ ଅମୃତା ଓ ତାଙ୍କ ଦୁଇ ସାଥିଙ୍କୁ ଗିରଫ କରିଛି । ଅମୃତା ଫରେନସିକ ସାଇନ୍ସର ଛାତ୍ରୀ । ଗତ ମେ ମାସରୁ ଦୁହେଁ ଲିଭ୍ ଇନ୍‌ରେ ରହିଥିଲେ । ରାମେକଶଙ୍କ ପାଖରେ ଅମୃତାଙ୍କର ଅଶ୍ଳୀଳ ଭିଡିଓ ଥିଲା । ବାରମ୍ବାର କହିବା ପରେ ମଧ୍ୟ ସେ ତାଙ୍କ ଭିଡିଓ ଡିଲିଟ୍ କରି ନଥିଲେ । ଫଳରେ ଅମୃତା ଚିନ୍ତିତ ଥିଲେ । ଶେଷରେ ପୂର୍ବତନ ପ୍ରେମିକ ସୁମିତଙ୍କ ସହ ସେ ରାମକେଶଙ୍କୁ ହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପୁଲିସ କହିଛି । ସୁମିତ ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର ଥିଲେ । ସେ ଗ୍ୟାସ ସିଲିଣ୍ଡରେ ନିଆଁ ଲଗାଇ ବିସ୍ଫୋରଣ ଘଟାଇଥିଲେ । କିନ୍ତୁ ସିସିଟିଭି ଫୁଟେଜକୁ ଭିତ୍ତିକରି ପୁଲିସ ସମସ୍ତଙ୍କୁ ଗିରଫ କରି ମାମଲା ରୁଜୁ କରିଛି ।





# ଚାଷୀଙ୍କୁ ପିଟିପିଟି ମାରିଲେ; କାର୍ ଚଢ଼ାଇଦେଲେ ବିଜେପି ନେତା

ଭୋପାଳ, ୨୭।୧୦ (ଏଜେନ୍ସି): ମଧ୍ୟପ୍ରଦେଶରେ ଆଇନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ଯାଇଛି । କ୍ଷମତା ଏବଂ ଅର୍ଥ ବଳରେ ମଦମତ୍ତ ଥିବା ଜଣେ ବିଜେପି ନେତା ମଧ୍ୟପ୍ରଦେଶ ଗୁନା ଜିଲ୍ଲାର ଗଣେଶପୁରା ଗ୍ରାମରେ ଆତଙ୍କରାଜ ସୃଷ୍ଟି କରିଛନ୍ତି । ଚଳଚ୍ଚିତ୍ରରେ ଦେଖା ଯାଉଥିବା ଦୁର୍ଦ୍ଧାନ୍ତ ଖଳନାୟକ ଚରିତ୍ରଠାରୁ ବି ସେ ଅଧିକ ନିର୍ଦ୍ଦୟୀ ଏବଂ ନୃଶଂସ ପାଲଟି ଯାଇଛନ୍ତି । ଫିଲ୍ମ ଶୈଳୀରେ ଜଣେ ଚାଷୀଙ୍କୁ ନିଜ ଗୁଣ୍ଡାଙ୍କ ସହ ଘେରି ପ୍ରବଳ ମାଡ଼ ମାରିଛନ୍ତି । ମାଡ଼ ମାରି ହାତ ଭାଙ୍ଗି ଦେଇଛନ୍ତି । ଏତିକିରେ ନିର୍ଦ୍ଦୟୀଙ୍କ କ୍ଷୁଧା ମେଣ୍ଟିଲାନି ଯେ ଚାଷୀଙ୍କ ଉପରେ ଥର ଚଢ଼ାଇ ଦେଇଛନ୍ତି । ବାପା ମାଡ଼ ଖାଉଥିବା ଦେଖି ଦୁଇ ଝିଅ ଏବଂ ପତ୍ନୀ ଛଡ଼ାଇବାକୁ ଆସିଥିଲା । ମାତ୍ର ବିଜେପି ବୁଥ୍ କମିଟିର ଅଧ୍ୟକ୍ଷ ମହେନ୍ଦ୍ର ନାଗର ଏବଂ ତାଙ୍କ ଚାମ୍‌ଚାମାନେ ଚାରିପଟୁ ଘେରି ସମସ୍ତଙ୍କୁ ଆକ୍ରମଣ କରିଥିଲେ । ଝିଅ ନେହୁରା ହେଉଥିବା ମାଆ ଏବଂ ଝିଅଙ୍କୁ ନିର୍ଦ୍ଧୂମ ମାଡ଼ ମାରିଥିଲେ । ଯୌନ ନିର୍ଯାତନା ମଧ୍ୟ ଦେଇଥିଲେ । ଏପରିକି ଝିଅମାନଙ୍କ ପୋଷାକ ଚିରି ଦେଇଥିଲେ । ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ପାଇଁ ଫାଙ୍କା ଗୁଳି ଚାଳନା ମଧ୍ୟ କରିଥିଲେ । ବନ୍ଧୁକ ଦେଖି କୌଣସି ଗ୍ରାମବାସୀ ଏହି ଗରିବ ଚାଷୀଙ୍କ ପରିବାରକୁ ବିଜେପି ନେତାଙ୍କ କବଳରୁ ଛଡ଼ାଇବାକୁ ଆସି ନ ଥିଲେ । ଯିଏ ଆସିବ ତାକୁ ଗୁଳି କରିଦେବେ ବୋଲି ବିଜେପି ନେତା ଧମକ ଦେଇଥିଲେ । ଶେଷରେ ଅଧମରା କରି ଚାଲି ଯାଇଥିଲେ । କିନ୍ତୁ ଚାଷୀଙ୍କ ପ୍ରତି କେହି ଦୟା ଦେଖାଇ ମେଡିକାଲ ନେଲେ ମାରିଦେବେ ବୋଲି କହିଥିଲେ । ତେଣୁ ଲୋକେ ସବୁ ଦେଖୁଥିଲେ ମଧ୍ୟ କିଛି କରି ନ ଥିଲେ । ଏମିତିକି ଅଧମରା ଅବସ୍ଥାରେ ଚାଷୀ ପଡ଼ିଥିବାବେଳେ ବିଜେପି ନେତାଙ୍କ ଗୁଣ୍ଡା ତାଙ୍କୁ ଜଗି ରହିଥିଲେ । ତାଙ୍କୁ ମେଡିକାଲ ନେବାକୁ ବି ଅନୁମତି ଦେଇ ନ ଥିଲେ । ଶେଷରେ ଚିକିତ୍ସା ନ ପାଇଁ ଚାଷୀ ପଡ଼ି ପଡ଼ି ପ୍ରାଣ ହରାଇ ଥିଲେ ।

ଜମି ବିବାଦ ପାଇଁ ବିଜେପି ନେତା ଏଭଳି ଜଘନ୍ୟ କାଣ୍ଡ କରିଛନ୍ତି । ଏହା ମାନବିକତାର ସମସ୍ତ ସୀମାକୁ ଟପି ଯାଇଛି । ଦୀର୍ଘ ଦିନ ହେଲା ରାଜ୍ୟରେ କ୍ଷମତାସୀନ ଥିବା ବିଜେପି ସରକାରରେ ଆଇନ ଶୃଙ୍ଖଳା ସ୍ଥିତି କେମିତି ରହିଛି ଏହା ତାହାର କରୁଣ ଉଦାହରଣ । ଗତ ରବିବାର ଦ୍ୱିପହରରେ ରାଜଧାନୀ ଭୋପାଳଠାରୁ ମାତ୍ର ୨୦୦ କିମି ଦୂରରେ ଏଭଳି ଘଟଣା ଘଟିଥିଲା । ଏହି ଅଞ୍ଚଳ ଫତେଗଡ଼ ଥାନା ଅଧିନରେ ଆସୁଛି । କିନ୍ତୁ ବିଜେପି ନେତା ମହେନ୍ଦ୍ରେ ଭୟରେ ପୁଲିସ ବି ମାମଲାରେ ହସ୍ତକ୍ଷେପ କରି ନ ଥିଲା ।

ଚାଷୀଙ୍କ ଝିଅ କାନ୍ଦା କାନ୍ଦି କହିଛନ୍ତି ଯେ ବାପାଙ୍କୁ ବଞ୍ଚାଇବାକୁ ଯିବାରୁ ମୋତେ ତଳେ ପକାଇ ଦେଇଥିଲେ । ମୋ ପୋଷାକ ଚିରି ଭୟଭୀତ କରିଥିଲେ । ମାଆ ଏବଂ ବାପା କ୍ଷେତକୁ ଯାଉଥିବା ସମୟରେ ମହେନ୍ଦ୍ର, ହରିଶ ଏବଂ ଗୌତମ ସେମାନଙ୍କୁ ଆକ୍ରମଣ କରିଥିଲେ । ପରେ ବାପାଙ୍କ ଉପରେ ଥର୍ ଚଢ଼ାଇ ପଳାଇଥିଲେ । ବାପା ସାହାଯ୍ୟ ପାଇଁ ଚିତ୍କାର କରିଥିଲେ ବି ଅପରାଧିଙ୍କ ବନ୍ଧୁକ ଦେଖି କେହି ସହାୟତା ପାଇଁ ଆସି ନ ଥିଲେ । ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ରାମସ୍ୱରୂପଙ୍କ କ୍ଷତାକ୍ତ ଶରୀର ଗାଁରେ ପଡ଼ି ରହିଥିଲା । ସ୍ଥାନୀୟ ଲୋକ କହିଛନ୍ତି ଯେ ଅଭିଯୁକ୍ତ ଏବଂ ତାଙ୍କ ଲୋକମାନେ ବନ୍ଧୁକ ଧରି ଜଗି ରହିଥିଲେ । ଆହତଙ୍କୁ ଡାକ୍ତରଖାନା ନ ନେବା ପାଇଁ କହିଥିଲେ । ସେମାନେ ଗଲା ପରେ ଚାଷୀଙ୍କୁ ଗୁନା ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଗ୍ରାମବାସୀ କହିଛନ୍ତି ଯେ ମହେନ୍ଦ୍ର ନାଗର ନାମ ଶୁଣିଲେ ଲୋକେ ଭୟ କରୁଛନ୍ତି । କେହି ତାଙ୍କ ବିରୁଦ୍ଧରେ କହିବାକୁ ସାହସ କରନ୍ତି ନାହିଁ । ସେ ବର୍ଷ ବର୍ଷ ଧରି ଅନ୍ୟ ଜମି ହଡ଼ପ କରିଆସୁଛନ୍ତି । ଅତି କମରେ ୨୫ ଜଣ ଚାଷୀ ମହେନ୍ଦ୍ରେ ଭୟରେ ନିଜ ଚାଷ ଜମିକୁ କମ୍‌ଦାମରେ ବିକ୍ରି କରି ଗାଁ ଛାଡ଼ି ପଳାଇଛନ୍ତି । ଏହାକୁ ପ୍ରତିବାଦ କଲେ ମାଡ଼ ମରାଯାଏ କିମ୍ବା ଗାଁରୁ ବାହାର କରିଦିଆଯାଏ । କିନ୍ତୁ ରାମସ୍ୱରୂପ ମୁଣ୍ଡ ନୁଆଁଇବାକୁ ମନା କରିଦେଇଥିଲେ । ଏହା ନ ମାନିବାରୁ ତାଙ୍କୁ ଜୀବନ ହରାଇବାକୁ ପଡ଼ିଥିଲା । ରାଜସ୍ଥାନର ପଚଲାୱାଡାରେ ଛଅ ବିଘା ଜମିକୁ ନେଇ ବିବାଦ କେନ୍ଦ୍ରିତ ଥିଲା ।

ରବିବାର ରାତି ସୁଦ୍ଧା, ପୋଲିସ ଭାରତୀୟ ନ୍ୟାୟ ସଂହିତା (BNS)ର ବିଭିନ୍ନ ଧାରା ଅନୁଯାୟୀ ମହେନ୍ଦ୍ର ନଗର, ଜିତେନ୍ଦ୍ର ନଗର ଏବଂ ସେମାନଙ୍କ ପରିବାରର ତିନି ଜଣ ମହିଳାଙ୍କ ବିରୁଦ୍ଧରେ ହତ୍ୟା, ଷଡ଼ଯନ୍ତ୍ର, ଆକ୍ରମଣ ଏବଂ ମହିଳାଙ୍କ ଭଦ୍ରତାକୁ ଅପମାନିତ କରିବା ଭଳି ମାମଲା ରୁଜୁ କରିଛି । ରାଜସ୍ଥାନ ଫଚତାୱାଡାର ୬ ବିଘା ଜମିକୁ ନେଇ ଏହି ବିବାଦ ଆରମ୍ଭ ହୋଇଥିଲା । ରବିବାର ରାତିରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମହେନ୍ଦ୍ର ଦଳର କାର୍ଯ୍ୟକର୍ତ୍ତା ବୋଲି ଜିଲ୍ଲା ବିଜେପି ଅଧ୍ୟକ୍ଷ ଧର୍ମେନ୍ଦ୍ର ସିକାରୱାର ସ୍ୱୀକାର କରିଛନ୍ତି । ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପୁଲିସକୁ କୁହାଯାଇଛି । ଆଇନରୁ ଉର୍ଦ୍ଧ୍ୱରେ କେହି ନୁହଁନ୍ତି ବୋଲି ସେ କହିଛନ୍ତି । କିନ୍ତୁ ଏ ନେଇ ମହେନ୍ଦ୍ରଙ୍କ ବିରୋଧରେ କି ପଦକ୍ଷେପ ନିଆଯାଉଛି ତାହା ଦେଖିବା ବାକି ରହିଲା ।

■ ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା

## ତିନି ସପ୍ତାହରେ ସତ୍ୟପାଠ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ

କଟକ, ୨୭ ।୧୦(ସମିସ): ଓଡ଼ିଶା ସାହିତ୍ୟ ଏକାଡେମିରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଲାଗି ରହିଛି । ଏହାର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ପଡ଼ିବା ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ପ୍ରସଙ୍ଗରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ସମୟ ଲୋଡ଼ିଥିବା ବେଳେ ଆସନ୍ତା ୩ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ ।

ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସେହିଭଳି ସରକାରଙ୍କ ଜବାବ ଦାଖଲ କରିବାର ଏକ ସପ୍ତାହ ଭିତରେ ଆବେଦନକାରୀ ଚାହିଁଲେ ପ୍ରତିଜବାବ ଦାଖଲ କରିପାରିବେ ବୋଲି ଖଣ୍ଡପୀଠ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୨୪କୁ ଧାର୍ଯ୍ୟ ହୋଇଛି ।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପ-ସଭାପତିଙ୍କ କାର୍ଯ୍ୟକାଳ ଗତ ୨୦୨୪ ମେ' ୨୦ରେ ସମାପ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦରେ କାହାରିକୁ ନିଯୁକ୍ତ କରିନାହାନ୍ତି । ସେହିଭଳି ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ବୋର୍ଡ ୨୦୨୩ ଜୁଲାଇ ୧୯ ପରଠାରୁ ଅଚଳ ହୋଇପଡ଼ିଛି । ସାଧାରଣ ପରିଷଦ ଗଠନରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିପାଇଁ ୫ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବା କଥା । ଏ ବାବଦରେ ରାଜ୍ୟର ନିଷ୍କ୍ରିୟତା ସମ୍ବିଧାନର ଧାରା ୧୯ ଏବଂ ୨୧ ର ଉଲ୍ଲଂଘନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି ।

■ ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ପ୍ରସଙ୍ଗ

## ହାଇକୋର୍ଟରେ ଏଜିଙ୍କ ଜବାବ ଦାଖଲ

କଟକ, ୨୭।୧୦(ସମିସ): ବହୁଚର୍ଚ୍ଚିତ ଓଡ଼ିଶା ପୁଲିସ ସବ୍-ଇନ୍ସପେକ୍ଟର୍ (ଏସ୍ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାର ସିବିଆଇ ତଦନ୍ତ ପ୍ରାର୍ଥନା କରି ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀର ଚେର ବିଭିନ୍ନ ରାଜ୍ୟକୁ ଲମ୍ବିଛି । ଅନ୍ତଃରାଜ୍ୟ ରାକେଟ୍ ସମ୍ପୃକ୍ତ ଥିବାରୁ ମୁଖ୍ୟମନ୍ତ୍ରୀ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ସୁପାରିସ କରିବା ପରେ ଏହାର ତଦନ୍ତ ଆରମ୍ଭ କରାଯାଇଛି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟରେ ଜବାବ ରଖିଥିଲେ । ଆବେଦନକାରୀ ଉତ୍ଥାପନ କରିଥିବା ପ୍ରସଙ୍ଗର ଆଉ ପ୍ରାସଙ୍ଗିକତା ନ ଥିବାରୁ ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇଛନ୍ତି । ପ୍ରକାଶଥାଉକି, ଏହି କେଲେଙ୍କାରୀ ଘଟଣାରେ ଚାକିରି ଦେବା ପାଇଁ ପ୍ରାର୍ଥୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ ଅନ୍ୟମାନେ ଧରାପଡ଼ିନାହାନ୍ତି । ଏହାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୬୧(୨) ଅନୁସାରେ ସିବିଆଇକୁ ମାମଲା ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଥିଲେ ।

ବାତ୍ୟା ମୁକାବିଲାର ପୂର୍ବ ପ୍ରସ୍ତୁତି

# ୮ ଜିଲ୍ଲାରେ ୧୪୦ ଉଦ୍ଧାରକାରୀ ଦଳ ମୁତୟନ

■ ୧୪୪୫ ବାତ୍ୟା ଆଶ୍ରୟସ୍ଥଳୀକୁ ୩ ହଜାର ଲୋକ ସ୍ଥାନାନ୍ତର

■ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିହେଲେ ୧୪୯୬ ଆସନ୍ନପ୍ରସବା

ଭୁବନେଶ୍ୱର,୨୭।୧୦(ସମିସ): ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତଟରକ୍ଷୀ ବାହିନୀ ସହିତ ଆଲୋଚନା ହୋଇଛି । ସମୁଦ୍ର ମଧ୍ୟରେ ରହିଯାଇଥିବା ଟ୍ରଲରଗୁଡ଼ିକୁ ସୁରକ୍ଷିତ ଭାବରେ କୂଳକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସର୍ବାଧିକ ପ୍ରଭାବିତ ଆଶଙ୍କା ଥିବା ୮ଟି ଜିଲ୍ଲାରେ ୧୪୦ଟି ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବିଭାଗର ଦଳ ମୁତୟନ ହୋଇଛନ୍ତି । ସବୁ ଜିଲ୍ଲାରେ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପରିଚାଳନାର ଦାୟିତ୍ୱ ଦିଆଯାଇଛି । ବାତ୍ୟା ପରବର୍ତ୍ତୀ ସମୟରେ ଯଦି ବିଦ୍ୟୁତ୍ ସେବାରେ ବ୍ୟାଘାତ ହୁଏ, ତେବେ ୨୪ ଘଣ୍ଟା ମଧ୍ୟରେ ଏହାକୁ ପୁନଃସ୍ଥାପନ କରିବାକୁ ବ୍ୟବସ୍ଥା କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ସୋମବାର ବାତ୍ୟା ମୁକାବିଲାର ପୂର୍ବ ପ୍ରସ୍ତୁତି ସମୀକ୍ଷା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ଉନ୍ନୟନ କମିଶନର ଅନୁ ଗର୍ଗ, ଏସ୍ଆରସି ଡିକେ ସିଂ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ, ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା ପରେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୮ଟି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ୧୪୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରାୟ ୩ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି ଏବଂ ୩୨ ହଜାର ୫୨୮ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯିବାର ଲକ୍ଷ୍ୟ ରଖାଯାଇଛି । ଆଶ୍ରୟସ୍ଥଳୀମାନଙ୍କରେ ଆବଶ୍ୟକତା ଅନୁଯାୟୀ ଶୁଖିଲା ଖାଦ୍ୟ ସହ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି । ସେହିପରି ବର୍ତ୍ତମାନ ସୁଦ୍ଧା ୧୪୯୬ ଆସନ୍ନ ପ୍ରସବା ମହିଳାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବାବେଳେ ଆହୁରି ୭୬୦ ଜଣ ମହିଳାଙ୍କୁ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ଚାଲିଛି । ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁଲା ପରେ ଛତିଶଗଡ଼ ଆଡ଼କୁ ମୁହାଁଇବାର ସମ୍ଭାବନା ରହିଛି । ଫଳରେ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ । ଏଥି ପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ହୀରାକୁଦ ବନ୍ଧର ଜଳ ପରିଚାଳନାକୁ ନିୟନ୍ତ୍ରିତ କରାଯାଉଛି । ସରକାର ଜନଜୀବନ ହାନୀ ନହେବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।




ଏହି ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂ କହଛନ୍ତି, ଆଜି ସମସ୍ତ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହିତ ବାତ୍ୟା ପୂର୍ବପ୍ରସ୍ତୁତି ସଂପର୍କରେ ବିଶଦ ଭାବେ ଆଲୋଚନା ହୋଇଛି । ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ସ୍ଥାନରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ପୂର୍ବାନୁମାନ ଅପେକ୍ଷା ବାତ୍ୟାର ପ୍ରଭାବ କମ ରହିବ । ଏଣୁ ଏ ନେଇ କୌଣସି ପ୍ରକାର ଆତଙ୍କିତ ନହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

## ବିଜେପି ପାଇଁ କାମ କରୁଛନ୍ତି ନୂଆପଡ଼ା ଜିଲ୍ଲାପାଳ ଓ ଏସ୍‌ପି

ଭୁବନେଶ୍ୱର,୨୭।୧୦(ସମିସ): ନୂଆପଡା ଉପନିର୍ବାଚନରେ ପ୍ରଚାର ସରଗରମ ହେଉଥିବା ବେଳେ ଶାସକ ବିଜେପି ବାରମ୍ବାର ଆଚରଣ ବିଧି ଉଲ୍ଲଂଘନ କରୁଛି । ଏପରିକି ସ୍ଥାନୀୟ ଜିଲ୍ଲାପାଳ ଓ ଏସ୍‌ପି ବିଜେପିକୁ ସମର୍ଥନ କରିବା ପାଇଁ କିଛି ବିଜେଡି କର୍ମୀଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି ବିଜେଡି ।

ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି । ଏହି ସ୍ମାରକପତ୍ରରେ ବିଜେପି ସପକ୍ଷରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ଓ ନୂଆପଡା ଏସପି ଅମ୍ରିତପାଲ ସିଂ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି ବୋଲି ଦଳ ଅଭିଯୋଗ କରିଛି । ଉଭୟ ଜିଲ୍ଲାପାଳ ଓ ଏସପି ନିଜ ସରକାରୀ ପଦବୀର ଅପବ୍ୟବହାର କରି କିଛି ବିଜେଡି କର୍ମୀ ଓ ସମର୍ଥକଙ୍କୁ ବିଜେପିକୁ ସମର୍ଥନ କରିବା ପାଇଁ ଚାପ ପ୍ରୟୋଗ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି ।




ବିଜେପି ପାଇଁ କାମ କରିବାକୁ ବିଜେଡିର କର୍ମୀ ଓ ସମର୍ଥକଙ୍କ ଉପରେ ଚାପ

ଉଲ୍ଲେଖଯୋଗ୍ୟ ଯେ ଜିଲ୍ଲାପାଳ ନିଜେ ନିର୍ବାଚନ ଅଧିକାରୀ ହୋଇଥିବା ବେଳେ, ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ଉଭୟ ଜିଲ୍ଲାପାଳ ଓ ଏସପିଙ୍କ ଭୂମିକା ସନ୍ଦେହଘେରରେ ଆସିଥିବା ବେଳେ, ଏଠାରେ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ମାରକପତ୍ରରେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ମୁକ୍ତ ଓ ଅବାଧ ନିର୍ବାଚନ କିପରି ହୋଇପାରିବ, ସେନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଜେଡି ଦାବି କରିଛି । ବିଜେଡି ପ୍ରତିନିଧି ମଣ୍ଡଳୀରେ ସୁଲତା ଦେଓ, ଡ. ଲେନିନ ମହାନ୍ତି, ମିହିର ରାୟ, ତ୍ରମ୍ବନାଥ ପଣ୍ଡା, ସୋଫିଆ ଆଲାମ, ଜ୍ୟୋତ୍ସ୍ନା ପରିଡା, ରୀତାଞ୍ଜଳି ପ୍ରଧାନ ଇତ୍ୟାଦି ସାମିଲ ଥିଲେ ।

ପରକୀୟା ପ୍ରୀତି

## ପ୍ରେମିକ ସହ ମିଶି ଶଶୁରକୁ ମାରିଲା ବୋହୂ

ବାରିପଦା/ରାଇରଙ୍ଗପୁର,୨୭ ।୧୦(ସମିସ): କାଳ ହେଲା ବୋହୂର ପରକୀୟା ପ୍ରୀତି । ପରପୁରୁଷ ସହ ମିଳାମିଶା ଦେଖିଦେବାରୁ ପ୍ରେମିକ ସହ ମିଶି ଶଶୁରକୁ ପିଟିପିଟି ମାରିଦେଲା ବୋହୂ । ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ଧାଙ୍ଗିଡ଼ିମୁଡା ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ବସଲୋ ସିଙ୍କୁ । ଖବର ପାଇ ସାଇଣ୍ଟିଫିକ୍ ଟିମ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ବୋହୂ ଯମୁନା ସିଙ୍କୁ ଓ ତାଙ୍କ ପ୍ରେମିକ ସେହି ଗ୍ରାମର ଟୁନୁ ସିଙ୍କୁଙ୍କୁ ଗିରଫ କରିଛି ।

ସୂଚନାନୁସାରେ, ଯମୁନା ଓ ଟୁନୁଙ୍କ ମଧ୍ୟରେ ଅବୈଧ ସଂପର୍କ ଗଢ଼ି ଉଠିଥିଲା । ସ୍ୱାମୀଙ୍କ ଅନୁପସ୍ଥିତିରେ ଯମୁନା ଓ ଟୁନୁ ମିଳାମିଶା କରୁଥିଲେ । ତେବେ ବସଲୋ ଦୁହିଁଙ୍କୁ ଏକାଠି ଦେଖି ବିରୋଧ କରିବାରୁ ଦୁହେଁ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ । ତାଙ୍କ ମୁହଁ ବନ୍ଦ କରିବା ପାଇଁ ତାଙ୍କୁ ବାଟରୁ ହଟାଇ ଦେଇଥିଲେ । ଦୁହେଁ ମିଶି ବସଲୋଙ୍କ ବେକରେ ଦୌଡ଼ି ବାନ୍ଧିବା ସହ ତାଙ୍କୁ ପିଟିପିଟି ହତ୍ୟା କରିଥିଲେ ।

## ନୂଆପଡ଼ା ତହସିଲଦାର ଓ ଡିଏଫ୍‌ଓଙ୍କୁ ହାଇକୋର୍ଟରେ ହାଜର ନିର୍ଦ୍ଦେଶ

କଟକ,୨୭।୧୦(ସମିସ): ନୂଆପଡ଼ା ଜିଲ୍ଲାରେ ବେଆଇନ ଭାବେ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଘରୋଇ ଜାଗାକୁ ଜଙ୍ଗଲ ଜମି କିସମ ଘୋଷଣା ପ୍ରସଙ୍ଗରେ ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି । ଏହି ମାମଲାର ଆଜି ଶୁଣାଣି କରି ପ୍ରତିପକ୍ଷ ତଥା ନୂଆପଡ଼ା ତହସିଲଦାର ଓ ଖରିଆର ବନଖଣ୍ଡର ଡିଏଫ୍‌ଓଙ୍କୁ ଅଦାଲତରେ ଭର୍ଚୁଆଲ ମାଧ୍ୟମରେ ଆସନ୍ତାକାଲି ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅମ୍ରିତଲାଲ ସୁଦ୍‌ଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । କିଭଳି ଓ କେଉଁ ଆଧାରରେ ଆବେଦନକାରୀଙ୍କ ଘରୋଇ ସମ୍ପତ୍ତିକୁ ଜଙ୍ଗଲ ଜମି କିସମ ଘୋଷଣା କରାଯାଇଛି, ସେ ସଂକ୍ରାନ୍ତରେ ଉଭୟ ଅଧିକାରୀ ଅବଗତ କରିବେ ବୋଲି ହାଇକୋର୍ଟ କହିଛନ୍ତି । ମାମଲାରୁ ପ୍ରକାଶ, ଆବେଦନକାରୀଙ୍କ ନାମରେ ନୂଆପଡ଼ା ଅଞ୍ଚଳରେ ରହିଥିବା କେତେକ ପ୍ଲଟ୍‌ରେ ତାଙ୍କ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ ଏହି ଜମିଗୁଡ଼ିକ ଜଙ୍ଗଲ କିସମ ହୋଇଯାଇଥିବା ଜାଣିବାକୁ ପାଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । କିଛି ସୁଫଳ ନ ମିଳିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ ତାରିଖକୁ ଧାର୍ଯ୍ୟ ହୋଇଛି ।

ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତି ବିଳମ୍ବିତ

## ଓପିଏସ୍‌ସି ଅଫିସ୍ ଆଗରେ ଆଶାୟୀଙ୍କ ଧାରଣା




ଭୁବନେଶ୍ୱର, ୨୭ ।୧୦(ସମିସ): ସିଭିଲ୍ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ନିଯୁକ୍ତି ପାଇଁ ୨୦୨୩ ଡିସେମ୍ବର ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମୋଟ୍ ୫୮୦ଟି ପଦରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ବିଜ୍ଞପ୍ତି ପ୍ରକାଶ କରିଥିଲା । ଗେଟ୍ ପରୀକ୍ଷା ଫଳାଫଳ ଆଧାରରେ ନିଯୁକ୍ତି ହେବ ବୋଲି ମଧ୍ୟ ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ କରିଥିଲା । ହେଲେ ଏହାକୁ ଦୁଇ ବର୍ଷ ପୂରିବାକୁ ଯାଉଥିଲେ ମଧ୍ୟ ଆଶାୟୀମାନେ ନିଯୁକ୍ତି ପାଇପାରି ନାହାନ୍ତି । ଏଣୁ ତ୍ୱରିତ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରି ନିଯୁକ୍ତି ଦେବାକୁ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀମାନେ ଧାରଣା ଦେଇଛନ୍ତି ।

ଗେଟ୍ ପରୀକ୍ଷା ଆଧାରରେ ନିଯୁକ୍ତି ଦେବାକୁ ବହୁ ଆଶାୟୀ ବିରୋଧ କରୁଛନ୍ତି । ଏନେଇ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ । ନିକଟରେ ଏହାର ଶୁଣାଣି କରି ଗେଟ୍ ଆଧାରରେ ନିଯୁକ୍ତି ଦେବା ସପକ୍ଷରେ ହାଇକୋର୍ଟ ରାୟ ଦେଇଛନ୍ତି । ଏହାପରେ ମଧ୍ୟ ନିଯୁକ୍ତି ପ୍ରକ୍ରିୟାକୁ ଓପିଏସ୍‌ସି ପକ୍ଷରୁ ତ୍ୱରାନ୍ୱିତ କରାଯାଉନଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି । ଶୁଣାଣି ସରିବାକୁ ବହୁଦିନ ବିତିଥିଲେ ମଧ୍ୟ ପରୀକ୍ଷା ଫଳ ପ୍ରକାଶ କରାଯାଉନାହିଁ । ଏ ସଂପର୍କରେ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରୁନାହାନ୍ତି । ଫଳରେ ପରୀକ୍ଷାର୍ଥୀମାନେ ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି । ଏଣୁ ତୁରନ୍ତ ପରୀକ୍ଷାଫଳ ବାହାର କରିବା ସହ ନିଯୁକ୍ତି ଦେବା ପାଇଁ ଆଶାୟୀମାନେ ଦାବି କରିଛନ୍ତି । ଅନ୍ୟଥା ଆଗକୁ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ସପ୍ତାହେ ବଢ଼ିଲା ଛାତ୍ରବୃତ୍ତି ଆବେଦନ ଅବଧି

ନଭେମ୍ବର ୪ ଯାଏଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୭ ।୧୦(ସମିସ): ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ ବିଭିନ୍ନ ଛାତ୍ରବୃତ୍ତି ପାଇଁ ଆବେଦନ ଅବଧି ସପ୍ତାହେ ବୃଦ୍ଧି ପାଇଛି । ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । ଶିକ୍ଷାନୁଷ୍ଠାନ ପକ୍ଷରୁ ୧୪ ତାରିଖ ମଧ୍ୟରେ ସମସ୍ତ ଆବେଦନକୁ ଯାଞ୍ଚ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଜ୍ଞପ୍ତି ଅନୁଯାୟୀ, ଇ-ମେଧାବୃତ୍ତି ଅଧୀନରେ ଆସୁଥିବା ୟୁଜି ମେରିଟ୍, ପିଜି ମେରିଟ୍ ଓ ଟେକ୍ନିକାଲ୍ ଆଣ୍ଡ ପ୍ରଫେସନାଲ୍ ମେରିଟ୍, ବ୍ୟାସକବି ଫକୀରମୋହନ ଭାଷାବୃତ୍ତି ଯୋଜନା ଏବଂ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାର ଆବେଦନ ଅବଧି ଗତ ୨୫ ତାରିଖରେ ଶେଷ ହୋଇଥିଲା । ପୂର୍ବରୁ ୱେବସାଇଟ୍ ଧିମା ଚାଲିବା ସହ ଶେଷ ଦିନରେ ୱେବସାଇଟ୍ କ୍ରାସ୍ କରିଯିବାରୁ ବହୁ ଛାତ୍ରଛାତ୍ରୀ ଆବେଦନ କରିପାରିନଥିଲେ । ଫଳରେ ବହୁ ଛାତ୍ରଛାତ୍ରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ । ଆବେଦନ ଅବଧିକୁ ବଢ଼ାଯିବା ସହ ଡିଜି-ଲକର୍ ମାଧ୍ୟମରେ ସାର୍ଟିଫିକେଟ୍ ଅପଲୋଡ୍ କରିବା ବାଧ୍ୟତାମୂଳକକୁ ଉଠାଇ ଦିଆଯାଇଛି ।

ଛାତ୍ରୀଙ୍କୁ ଗେଟ୍‌ରେ ତାଲା ପକାଇଦେଲେ ପ୍ରଧାନଶିକ୍ଷୟିତ୍ରୀ

# ଡହଡହ ଖରାରେ ୩ କିମି ଚାଲି ଜିଲ୍ଲାପାଳଙ୍କୁ ଭେଟିଲେ


କପ୍ତିପଦା, ୨୭।୧୦(ସମିସ): ହଷ୍ଟେଲ ଏବଂ ବିଦ୍ୟାଳୟରେ ଥିବା ଅବ୍ୟବସ୍ଥାକୁ ନେଇ ତାତିଲେ ଛାତ୍ରୀ । ବିଦ୍ୟାଳୟରୁ ବାହାରି ପ୍ରାୟ ୩ କିମି ଡହଡହ ଖରାରେ ଚାଲିଚାଲି ଜନଶୁଣାଣି ଶିବିରରେ ପହଞ୍ଚି ଜିଲ୍ଲାପାଳଙ୍କୁ ଜଣାଇଲେ ଗୁହାରି । ଏଭଳି ଘଟଣା ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ ଶରତ ଫୁଲମତୀ ହେମ୍ବ୍ରମ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ।

ବିଦ୍ୟାଳୟରେ ନବମ ଏବଂ ଦଶମ ଶ୍ରେଣୀରେ ୧୨୯ ଜଣ ଛାତ୍ରୀ ପାଠ ପଢୁଥିବା ବେଳେ ଶହେ ଜଣ ଛାତ୍ରୀ ହଷ୍ଟେଲରେ ରହନ୍ତି । ହେଲେ ଦୀର୍ଘ ଦିନ ହେବ ହଷ୍ଟେଲରେ ଅବ୍ୟବସ୍ଥା ଲାଗି ରହିଛି । ହଷ୍ଟେଲରେ ପାନୀୟ ଜଳର ଅଭାବ, ବିଳମ୍ବରେ ଅନ୍ତେବାସିନୀଙ୍କୁ ଖାଦ୍ୟ ମିଳିବା, ବିଦ୍ୟୁତ୍ ସରବରାହ ନ ରହିବା ସହିତ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ଅଭାବ, ସାଇନ୍ସ ଲାବ୍ରୋଟୋରୀ ଖୋଲା ନ ଯିବା, ଲାଇବ୍ରେରୀ ବନ୍ଦ ରହିବା ଏବଂ ଇଂରାଜୀ ବିଷୟ ଭଲ ଭାବରେ ଶିକ୍ଷୟିତ୍ରୀ ପଢ଼ାଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ପୂର୍ବରୁ ଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧା ସେ ଶୁଣି ନଥିଲେ । ଫଳରେ ସୋମବାର ଛାତ୍ରୀମାନେ ବିଦ୍ୟାଳୟ ଗେଟ୍ ନିକଟରେ ଧାରଣାରେ ବସି ବିକ୍ଷୋଭ କରିଥିଲେ ।


ତାତିଲେ ଫୁଲମତୀ ହେମ୍ବ୍ରମ୍ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ



ଛାତ୍ରୀମାନେ ବିକ୍ଷୋଭ କରୁଥିବା ଜାଣି ଅତି ବେପରୁଆ ଭାବେ ପ୍ରଧାନ ଶିକ୍ଷୟିତ୍ରୀ ନମିତାରାଣୀ ଦାସ ପହଞ୍ଚି ଗେଟ୍‌ରେ ତାଲା ପକାଇ ଦେଇଥିଲେ । ଅଭିଯୋଗ ଶୁଣିବା ପରିବର୍ତ୍ତେ ପ୍ରଧାନ ଶିକ୍ଷୟିତ୍ରୀ ମୁଖ୍ୟ ଫାଟକ ବାହାର ପାଖରୁ ତାଲା ପକାଇଦେବାରୁ ଛାତ୍ରୀମାନେ ତାତିଥିଲେ । ପରିସ୍ଥିତି ଦେଖି ପ୍ରଧାନ ଶିକ୍ଷୟିତ୍ରୀ ଗେଟ୍ ତାଲା ଖୋଲିବା ପରେ ଛାତ୍ରୀମାନେ ଡହଡହ ଖରାରେ ୩କିମି ଚାଲିଚାଲି ଶରତ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଥିବା ଜିଲ୍ଲାପାଳ ଏବଂ ଏସପିଙ୍କ ଯୁଗ୍ମ ଜନଶୁଣାଣିରେ ପହଞ୍ଚିଥିଲେ । ସେଠାରେ ଜିଲ୍ଲାପାଳଙ୍କୁ ଭେଟି ଗୁହାରି ଜଣାଇଥିଲେ । ଛାତ୍ରୀମାନେ ଏତେବାଟ ଚାଲିଚାଲି ଆସିବା ଜାଣିବା ପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲାପାଳ ତାଗିଦ୍ କରିଥିଲେ । ଏହାସହ ତୁରନ୍ତ ବିଦ୍ୟୁତ୍ ସରବରାହ ସ୍ୱାଭାବିକ, ପାନୀୟ ଜଳର ସୁବିଧା ସହ ହିନ୍ଦୀ ଶିକ୍ଷକ ନିଯୁକ୍ତି ହେବା ବାବଦରେ ଛାତ୍ରୀମାନଙ୍କୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ସେହିପରି କାର୍ଯ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ଏକ ମାସର ଦରମା ବନ୍ଦ କରାଯିବ ବୋଲି କହିଥିଲେ । ଅପରପକ୍ଷେ, ପ୍ରତିଶ୍ରୁତି ମିଳିବା ପରେ ଛାତ୍ରୀମାନେ ହଷ୍ଟେଲକୁ ଫେରିଥିଲେ ।

# ସମ୍ପାଦକୀୟ



ଧର୍ମ, ସତ୍ୟ ଓ ନ୍ୟାୟର ପଥରେ ପରିଚାଳିତ ହୁଅ।
-ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍

ସକାଳ
THE SAKALA

## ସାଇବର ଠକଙ୍କୁ ଲଗାମ ନାହିଁ

ଲାଭରୁ ଲୋଭ। ନିବେଶ ମାଧ୍ୟମରେ ଅତିରିକ୍ତ ଆର୍ଥିକ ଫାଇଦା ହାସଲର ସୁଯୋଗ ପଛରେ ଧାଇଁଥିବା ଲୋକେ ଯେ ଶେଷରେ ଠକାମୀର ଶିକାର ହୋଇଥା'ନ୍ତି ତାହାର ଉଦାହରଣ କିଛି କମ ନୁହେଁ। ତଥାପି ନିଶାଖୋରଙ୍କ ପରି ବେଆଇନ ନିବେଶରୁ ସେମାନଙ୍କ ମୋହ ହଟୁନି। ଏହାର ଭରପୂର ସୁଯୋଗ ନେଉଛନ୍ତି ସାଇବର ଠକମାନେ। ଉନ୍ନତ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗରେ ଏହି ଠକେଇ ଚାଲିଥିବା ବେଳେ ସେମାନଙ୍କୁ ରୋକିବା ସମ୍ଭବ ହେଉନାହିଁ। ଏଥିରେ ସରକାରଙ୍କ ପକ୍ଷରୁ ଗଠିତ ସ୍ୱତନ୍ତ୍ର ସାଇବର ସେଲର ନିଷ୍ଫଳତା ଯେତିକି ଦାୟୀ, ତା'ଠାରୁ ଅଧିକ ଦାୟୀ ହେଉଛନ୍ତି ଅତିରିକ୍ତ ଆର୍ଥିକ ଫାଇଦା ପାଇଁ ମାତ୍ରାଧିକ ଉଚ୍ଛୁକ ହୋଇପଡ଼ିଥିବା ନିବେଶକ। ଏପ୍ରକାର ଠକେଇ ସଂପର୍କରେ ଗଣମାଧ୍ୟମରେ କ୍ରମାଗତ ଖବର ପ୍ରକାଶ ପାଇ ଆସୁଥିଲେ ମଧ୍ୟ ସଚେତନତା ବୃଦ୍ଧି ପାଇନି। ଗତ ଛଅମାସ ମଧ୍ୟରେ ଦେଶର ପ୍ରାୟ ୩୦ ହଜାର ଲୋକ ୧୫୦୦ କୋଟି ଟଙ୍କାର ଠକେଇ ସମ୍ମୁଖୀନ ହୋଇଛନ୍ତି। ଏହି ଠକେଇରେ ଆମ ରାଜ୍ୟର ତଥାକଥିତ ନିବେଶକ ପଛରେ ପଡ଼ିନାହାନ୍ତି। ଗତ ୯ ମାସ ମଧ୍ୟରେ ସାଇବର ଠକମାନେ ରାଜ୍ୟରୁ ୩୪୨ କୋଟି ଟଙ୍କା ଲୁଟି ନେଇଛନ୍ତି। ଅବଶ୍ୟ ଆମର ଏଠାରେ ସ୍ୱଚ୍ଛଳ ବର୍ଗଙ୍କ ସଂଖ୍ୟା ଅପେକ୍ଷାକୃତ କମ ହୋଇଥିବାରୁ ନିବେଶ ପରିମାଣ କମ ଏବଂ ଠକି ହୋଇଥିବା ଲୋକଙ୍କ ସଂଖ୍ୟା ୩୭ ହଜାର। ଏକଥା ସତ ଯେ ସାଇବର ସେଲ କିଛି ହାତ ଗଣତି ଠକଙ୍କୁ ଧରିବାକୁ ସକ୍ଷମ ହୋଇଛି ଏବଂ ଏ ପ୍ରକାର ଠକେଇ କମିବା ପରିବର୍ତ୍ତେ ବଢୁଛି।

ଅତିରିକ୍ତ ଫାଇଦା ଭଳି ମରୀଚିକା ପଛରେ ଧାଇଁଥିବା ଲୋକଙ୍କ ସଂଖ୍ୟା ବଢୁଛି କାହିଁକି? ଆର୍ଥିକ ସ୍ଥିତିର ଅନିଶ୍ଚିତତା, ଦିନକୁ ଦିନ ବ୍ୟୟଭାର ବୃଦ୍ଧି ଏବଂ ବ୍ୟାଙ୍କରେ ଥିବା ଜମାରାଶିର ସୁଧହାର ହ୍ରାସ ଯୋଗୁଁ ନିବେଶର ବିକଳ୍ପ ପନ୍ଥାକୁ ଆଦରି ନେଉଛନ୍ତି ଲୋକେ। ସାମାଜିକ ଗଣମଧ୍ୟମରେ ସକ୍ରିୟତା ବୃଦ୍ଧି ପାଇଛି। ତେଣୁ ଫୋନ ନମ୍ବର ଓ ଠିକଣା ହାସଲ କରିବାରେ ସାଇବର ଠକଙ୍କ ପାଇଁ ସେଭଳି ଅସୁବିଧା ନାହିଁ। ନିବେଶ ମାଧ୍ୟମରେ ଅତିରିକ୍ତ ଲାଭ ହାସଲର ସୁଯୋଗ ସଂକ୍ରାନ୍ତ ମନଲୋଭା ବିଜ୍ଞାପନ ମାଧ୍ୟମରେ କ୍ରମାଗତ ପ୍ରଲୁବ୍ଧ କରୁଥିବା ଏହି ଠକମାନେ ଆବଶ୍ୟକ ସ୍ଥଳେ ଲୋକଙ୍କ ମୋବାଇଲକୁ ଲିଙ୍କ ପଠାଇ ସିଧାସଳଖ ଯୋଗାଯୋଗ ଆରମ୍ଭ କରୁଛନ୍ତି। ହାତପାଆନ୍ତାରେ ମିଳୁଥିବା ଏହି ସୁଯୋଗକୁ ଲୋକେ ହାତଛଡ଼ା କରୁନାହାନ୍ତି। ଠକଙ୍କ ଏହି ବ୍ୟୂହରେ ଥରେ ଫସିଗଲେ ଆଉ ମୁକ୍ତିନାହିଁ। ତେଣିକି ଆଖି ପିଛୁଳାକେ ସେମାନେ ଆକାଉଣ୍ଟରୁ ଜମାରାଶି ଲୁଟି ନେଉଛନ୍ତି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା, ଗତ ଦୁଇମାସ ମଧ୍ୟରେ ଆମ ରାଜ୍ୟରୁ ଏହି ସାଇବାର ଠକମାନେ ୧୧୦ କୋଟି ଟଙ୍କା ଲୁଟି ନେଇଣି। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ତଥ୍ୟ ଅନୁଯାୟୀ ସିଲକନ୍ ସିଟି ବେଙ୍ଗାଲୁରୁ, ଦିଲ୍ଲୀ-ଏନସିଆର ଓ ହାଇଦରାବାଦରେ ଏହି ସାଇବର ଅପରାଧ ସବୁଠାରୁ ଅଧିକ।

ଏଠାରେ ଦୁଇଟି କଥା ଉଦ୍‌ବେଗ ସୃଷ୍ଟି କରୁଛି। ସାଇବର ସେଲ ବିଦେଶରେ ସକ୍ରିୟ ଥିବା ଠକଙ୍କ ଚେରକୁ ଉପାଡ଼ିବା ଏତେ ସହଜ ନୁହେଁ। ତେଣୁ ଜନସାଧାରଣ ସଚେତନ ନ ହେବା ପର୍ଯ୍ୟନ୍ତ ଏ ଅପରାଧକୁ ରୋକିବା ସହଜ ନୁହେଁ। ଦ୍ୱିତୀୟତଃ, ବିଭିନ୍ନ ତଥ୍ୟ ମାଧ୍ୟମରେ ଆମେ ଆମର ସମସ୍ତ ଗୋପନୀୟ ତଥ୍ୟ ହସ୍ତାନ୍ତର କରିସାରିଛେ। ସମସ୍ତ ପ୍ରତିଶ୍ରୁତି ସତ୍ତ୍ୱେ ସେହି ଗୋପନୀୟ ତଥ୍ୟ କ୍ରମାଗତ ଭାବେ ପ୍ରଘଟ ହେଉଛି ଏବଂ ସାଇବର ଠକମାନେ ତାହାର ସୁଯୋଗ ନେଇ ଆମକୁ ଲୁଟିଚାଲିଛନ୍ତି। ଏଭଳି ସ୍ଥିତିରେ ଆମେ ପ୍ରତିକାର ଆଶା କରିବା ବୃଥା।

## ପାକ୍ ଆଣବିକ କୂଟନୀତି

ପାକିସ୍ତାନର ଆଣବିକ କୂଟନୀତିର କିଛି ଗୋପନତଥ୍ୟ ଉନ୍ମୋଚନ କରିଛନ୍ତି ସିଆଇଏର ପୂର୍ବତନ ଅଧିକାରୀ ଜନ କିରିଆକୁ। ଆମେରିକା, ସାଉଦୀ ଆରବ ଓ ପାକିସ୍ତାନର ତ୍ରିମୁଖୀ ସଂପର୍କର ଭିତ୍ତିଭୂମି ଯେ ଆଣବିକ ଅସ୍ତ୍ରଶସ୍ତ୍ର, ତାହା ଜନଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଯାଇଛି। ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୋଧରେ 'ଅପରେସନ ସିନ୍ଦୂର'ର ନିର୍ଣ୍ଣାୟକ ଆକ୍ରମଣ ପରେ ଆମେରିକାର ଭାରତ ବିରୋଧୀ ଭୂମିକାରେ ପାକିସ୍ତାନକୁ ପ୍ରୟୋଗ କରିବା ଏବଂ ପରବର୍ତ୍ତୀ ଅବସ୍ଥାରେ ମଧ୍ୟପ୍ରାଚ୍ୟ କୂଟନୀତିରେ ହସ୍ତକ୍ଷେପ କରି ସାଉଦୀ ଆରବକୁ ଇସଲାମାବାଦର ସମର୍ଥନ ଦେବା ଭଳି ଘଟଣାକ୍ରମ ଏପର୍ଯ୍ୟନ୍ତ ଅସ୍ପଷ୍ଟ ଥିଲା। କିନ୍ତୁ ଜନ୍ ସମ୍ବାଦ ସରବରାହ ସଂସ୍ଥା ଏଏନ୍‌ଆଇକୁ ଦେଇଥିବା ସାକ୍ଷାତକାର ଆମେରିକା ଏହି ଦୋହରା ନୀତିକୁ ସ୍ପଷ୍ଟ କରିଛି। ପାକ୍ ଆଣବିକ ଅସ୍ତ୍ରର ନିୟନ୍ତ୍ରଣ କ୍ଷମତା ଆମେରିକାକୁ ପ୍ରଦାନ କରିଥିଲେ ପୂର୍ବତନ ରାଷ୍ଟ୍ରପତି ପରଭେଜ୍ ମୁସାରଫ। ଏଥିରୁ ସ୍ପଷ୍ଟ ଯେ ପାକିସ୍ତାନରେ ମହଜୁଦ ଥିବା ଆଣବିକ ଅସ୍ତ୍ରଶସ୍ତ୍ର ଓ କାର୍ଯ୍ୟକ୍ରମ ସଂକ୍ରାନ୍ତ ସମସ୍ତ ତଥ୍ୟ ଆମେରିକା ନିକଟରେ ଅଛି। 'ଅପେରେସନ ସିନ୍ଦୂର' ସମୟରେ ଭାରତର କ୍ଷେପଣାସ୍ତ୍ର ମାଡ଼ରେ ନୁରଖାନ୍ ବିମାନ କେନ୍ଦ୍ର ଓ ତତ୍‌ସଂଲଗ୍ନ କିରାନା ହିଲ୍‌ସରେ ଆଣବିକ ମହଜୁଦ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିବା ଖବରକୁ ଉଭୟ ପକ୍ଷ ଅସ୍ୱୀକାର କରିଥିଲେ ମଧ୍ୟ ଆମେରିକାର ବି-୩୫୦ ବିମାନରୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ଘଟଣାକ୍ରମକୁ ଉପରୋକ୍ତ ତଥ୍ୟ ସହ ସଂଯୋଗ କରିଦେଲେ ପାକିସ୍ତାନ-ଆମେରିକା ଆଣବିକ କୂଟନୀତିର ଅସଲ ଚରିତ୍ର ସ୍ପଷ୍ଟ ହେବ।

ଆଣବିକ ତେଜସ୍କ୍ରିୟ ବିକିରଣକୁ ନିୟନ୍ତ୍ରଣ କରିବା ସକାଶେ ମିଶରର ସାମରିକ ପରିବହନ ବିମାନ ମାଧ୍ୟମରେ ସଂଗୃହୀତ ବୋରନ୍ ପାକିସ୍ତାନରେ ଖାଲି କରି ଫେରି ଯାଇଥିବା ଘଟଣାକୁ ତ ଅସ୍ୱୀକାର କରିହେବନି। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଆମେରିକାର ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ତୁରନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିଥିଲେ। ଘଟଣାକ୍ରମକୁ ଅନୁଧ୍ୟାନ କଲେ, ସ୍ପଷ୍ଟ ମନେ ହୁଏ ଯେ ଯୁଦ୍ଧ ବିରାମ ସକାଶେ ପାକିସ୍ତାନ ପକ୍ଷରୁ ହସ୍ତକ୍ଷେପ ପାଇଁ ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷରେ ସେଠାକାର ଆତଙ୍କବାଦୀ କେନ୍ଦ୍ରଗୁଡ଼ିକୁ ଭାରତର ବାୟୁସେନା ଧ୍ୱଂସ କରି ବିପୁଳ କ୍ଷତି ଘଟାଇ ସାରିଥିଲା। ତେଣୁ ଚାପରେ ପଡ଼ି ଭାରତ ସାଲିସ କରିବାର ପ୍ରଶ୍ନ ଉଠୁ ନାହିଁ। ଆମେରିକାର କୂଟନୈତିକ ସଂପର୍କ ଉପରେ ମତାମତ ଦେଇ ଜନ୍ କହିଛନ୍ତି ଯେ ୱାଶିଂଟନ ଏକଛତ୍ରବାଦୀଙ୍କ ସହ ବିନା ଦ୍ୱିଧାରେ କାର୍ଯ୍ୟ କରିଆସିଛି। ଅଥଚ ସମଗ୍ର ବିଶ୍ୱକୁ ଗଣତନ୍ତ୍ର ଓ ମାନବବାଦର ସୁରକ୍ଷା ନେଇ ଆଦର୍ଶର ବାର୍ତ୍ତା ଦେଇଥାଏ। ଅସଲରେ ଆମେରିକା ନିଜର ସ୍ୱାର୍ଥକୁ ସବୁ ପ୍ରସଙ୍ଗରେ ପ୍ରାଥମିକତା ଦେଇଆସିଛି। ପାକିସ୍ତାନକୁ ସାମରିକ ଓ ଆର୍ଥିକ ସହାୟତା ଦେଇ ଆମେରିକା ମୁଶରଫଙ୍କ ନେତୃତ୍ୱକୁ ନିଜ ସ୍ୱାର୍ଥରକ୍ଷା ପାଇଁ ବ୍ୟବହାର କରୁଥିଲା। ସେହିଭଳି ପାକିସ୍ତାନର ଆଣବିକ ଜନକ ବୈଜ୍ଞାନିକ ଅବଦୁଲ୍ କାଦିର ଖାନ୍‌ଙ୍କୁ ହତ୍ୟା କରିବାର ଯୋଜନାକୁ ଆମେରିକା ଶେଷ ମୁହୂର୍ତ୍ତରେ ସାଉଦୀ ଆରବର ଅନୁରୋଧ କ୍ରମେ ପ୍ରତ୍ୟାହାର କରିଥିଲା। ଏଠାରେ ଏହି ତଥ୍ୟ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା ପାକିସ୍ତାନର ଆଣବିକ କୂଟନୀତିର ଦୁଇ ପ୍ରମୁଖ ଅଙ୍ଗ ହେଲେ ଆମେରିକା ଓ ସାଉଦୀ ଆରବ। ତେଣୁ ଏବର ପରିବର୍ତ୍ତିତ ଦୃଶ୍ୟପଟ୍ଟ ହିଁ ହେଉଛି ସେହି ପୁରୁଣା ସଂପର୍କର ଅଂଶବିଶେଷ।

ଜନ ଆମେରିକାର ସିଆଇଏ ପକ୍ଷରୁ ପାକିସ୍ତାନର ଆତଙ୍କବାଦ ନିରୋଧୀ ଅଭିଯାନର ତଦାରଖ ପାଇଁ ୧୫ ବର୍ଷ ଧରି କାର୍ଯ୍ୟ କରିଥିଲେ। କୂଟନୀତିର ଦିଗ ପରିବର୍ତ୍ତନକୁ ସେ ଅତି ନିକଟରୁ ଅନୁଧ୍ୟାନ କରିଆସିଛନ୍ତି। ତେଣୁ ଆମେରିକା କୂଟନୈତିକ ପ୍ରତାରଣା ସଂପର୍କରେ ସେ ତଥ୍ୟ ଉପସ୍ଥାପନ କଲା ବେଳେ ସଂପ୍ରତି ବଦଳୁଥିବା ବୈଶ୍ୱିକ ସମୀକରଣ ପଛରେ ଭାରତ, ଚୀନ ଓ ସାଉଦୀ ଆରବ ଭଳି ରାଷ୍ଟ୍ର ରଣନୀତିକ ଭୂମିକାର ସମୀକ୍ଷା ସହ ଆଭିମୁଖ୍ୟ ପରିବର୍ତ୍ତନର ବଡ଼ ଭୂମିକା ରହିଛି।

# ପେନସନ ଅନୁକମ୍ପା ନୁହେଁ, ଅଧିକାର

ବୃହସ୍ପତି ସାମଲ

ନିକଟରେ ପ୍ରକାଶିତ 'ମର୍ସରସିଏଫ୍‌ଏ ଇନଷ୍ଟିଟ୍ୟୁଟ୍ ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଭାରତର ଅତ୍ୟନ୍ତ ଦୁର୍ବଳ ଓ ଅସୁସ୍ଥ ପେନସନ ପ୍ରଣାଳୀ ଉପରେ ଆଲୋକପାତ କରିବା ସହ ତୁର୍କୀ, ଫିଲିପାଇନ୍ସ, ଥାଇଲ୍ୟାଣ୍ଡ ଓ ଆର୍ଜେଣ୍ଟିନା ସହ ଭାରତକୁ ସବୁଠୁ ନିକୃଷ୍ଟ ପ୍ରଦର୍ଶକାରୀ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନିତ କରିଛି। ଏହି ରିପୋର୍ଟ ଅନୁଯାୟୀ ବୟସ୍କ ନାଗରିକଙ୍କ ଆର୍ଥିକ ନିରାପତ୍ତା ବିଷୟରେ ଭାରତ ଏକ ଭୟାବହ ଅସମନ୍ୱୟ ପରିସ୍ଥିତିରେ ରହିଛି। ପୂର୍ବ ବର୍ଷର ୪୪ ଅଙ୍କରୁ ଟିକିଏ ତଳକୁ ଖସି ଭାରତ ୪୩.୮ଅଙ୍କ (ବିଶ୍ୱର ହାରାହାରି ଅଙ୍କ ୬୪.୫ରୁ ଯଥେଷ୍ଟ କମ୍) ସହ ବିଶ୍ୱର ସବୁଠୁ ନିମ୍ନ ଶ୍ରେଣୀ 'ଡି'ରେ ସ୍ଥାନିତ ହୋଇଛି। ସିଙ୍ଗାପୁର୍, ହଂକଂ ଓ ମାଲେସିଆ ଭଳି ଏସିଆର ଦେଶଗୁଡ଼ିକ, ଯେଉଁଠି ୮୦.୮, ୭୦.୬ ଓ ୬୦.୬ ଅଙ୍କ ପାଇଛନ୍ତି, ସେହି ତୁଳନାରେ ଭାରତ ବହୁତ ପଛରେ ରହିଛି। 'ପର୍ଯ୍ୟାପ୍ତତା' (୪୦%), 'ସ୍ଥାୟିତ୍ୱ' (୩୫%) ଓ 'ସାଧୁତା' (୨୫%) ଭଳି ତିନୋଟି ପରିମାପକ ଉପରେ ଆଧାରିତ ମୂଲ୍ୟାଙ୍କନ ଭାରତୀୟ ପେନସନ ବ୍ୟବସ୍ଥାର ସମସ୍ତ ପାରିପାର୍ଶ୍ୱିକ ପ୍ରଣାଳୀକୁ ପ୍ରଭାବିତ କରୁଥିବା ଗଭୀର ସଂରଚନାତ୍ମକ ଦୋଷଦୁର୍ବଳତା ଓ ଶାସନଗତ ଅପାରଗତାକୁ ପ୍ରକାଶ କରିଛି।

ପୃଥିବୀର ବାଉନଟି ଦେଶରେ ବାସ କରୁଥିବା ବିଶ୍ୱର ସମୁଦାୟ ଜନସଂଖ୍ୟାର ପ୍ରାୟ ପଞ୍ଚଷଠି ଶତାଂଶକୁ ନେଇ 'ଗ୍ଲୋବାଲ ପେନସନ ଇଣ୍ଡେକ୍ସ ୨୦୨୫' ଏହି ମୂଲ୍ୟାୟନ କରିଛି, ଯେଉଁଥିରେ ଭାରତର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। 'ପର୍ଯ୍ୟାପ୍ତତା' ପରିମାପକ, ଯାହା ବୟସ୍କ ନାଗରିକମାନଙ୍କର ଉପଯୁକ୍ତ ଜୀବନଯାପନ ପାଇଁ ଆବଶ୍ୟକ ପ୍ରକୃତ ସେବାନିବୃତ୍ତ ଆୟର ପରିମାଣକୁ ନିର୍ଦ୍ଧାରିତ କରେ, ସେଥିରେ ଭାରତ ମାତ୍ର ୩୪.୭ ଅଙ୍କ ପାଇ ନିମ୍ନତମ 'ଇ' ଶ୍ରେଣୀରେ ରହିଛି, ଯାହା ପ୍ରକାଶ କରେ ଯେ ଅଧିକାଂଶ ଅବସରପ୍ରାପ୍ତ ନାଗରିକ ଯଥେଷ୍ଟ ଆୟ ବିନା ବଞ୍ଚିବାକୁ ବାଧ୍ୟ। ସେହିଭଳି 'ସ୍ଥାୟିତ୍ୱ' ପରିମାପକରେ ୪୩.୮ ଅଙ୍କ ସହିତ ଭାରତ 'ଡି' ଶ୍ରେଣୀରେ ରହିଛି, ଯାହା ସ୍ପଷ୍ଟ କରୁଛି ଯେ ଭାରତର ପେନସନ ଅର୍ଥନୀତି ଆଗାମୀ ଜନସଂଖ୍ୟା ବୃଦ୍ଧି ଓ ଆର୍ଥିକ ଚାପକୁ ସାମ୍ନା କରିବାରେ ଅସମର୍ଥ। ଅଧିକନ୍ତୁ 'ସାଧୁତା' ପରିମାପକରେ ୫୮.୪ ଅଙ୍କ ସହ ଭାରତ 'ସି' ଶ୍ରେଣୀରେ ଥିଲେ ମଧ୍ୟ ପ୍ରଶାସନିକ ସ୍ୱଚ୍ଛତା ଓ ନିୟମନ ସମ୍ପର୍କରେ ଦୃଢ଼ତାର ଅଭାବକୁ ସ୍ପଷ୍ଟ କରିଛି। ଅପରପକ୍ଷରେ ମଜଭୂତ ଓ ସ୍ଥାୟୀ ପେନସନ ବ୍ୟବସ୍ଥା ପାଇଁ ନେଦରଲ୍ୟାଣ୍ଡ (୮୫.୪), ଆଇଲ୍ୟାଣ୍ଡ (୮୪.୦), ଡେନମାର୍କ (୮୨.୩), ସିଙ୍ଗାପୁର (୮୦.୮) ଓ ଇସ୍ରାଏଲ (୮୦.୩) ଭଳି ଦେଶଗୁଡ଼ିକ ଚଳିତ ବର୍ଷର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦେଶ ଭାବରେ 'ଏ' ଶ୍ରେଣୀରେ ଥିବା ସହିତ ସମତୁଲ ହାରାହାରି ସୁବିଧା ଓ ଦୀର୍ଘକାଳୀନ ଅର୍ଥନୈତିକ ସୁସ୍ଥିତି ସହ ଜନସାଧାରଣଙ୍କ ଭରସା ଜିତିବାରେ ସମର୍ଥ ହୋଇଛନ୍ତି।

ଭାରତର ପେନସନ ବ୍ୟବସ୍ଥା ଏକ ସୀମିତ ନିର୍ଦ୍ଧାରିତ ଲାଭ ଯୋଜନା ଏବଂ ଖଣ୍ଡିତ ନିର୍ଦ୍ଧାରିତ ଅବଦାନ ପ୍ରଣାଳୀର ମିଶ୍ରଣ। ଭାରତରେ ଏମ୍ପ୍ଲଏଯ୍ ପ୍ରୋଭିଡେଣ୍ଟ ଫଣ୍ଡ (ଇପିଏଫ୍), ଏମ୍ପ୍ଲଏଯ୍ ପେନସନ ସ୍କିମ (ଇପିଏସ୍) ଏବଂ ସେହିଭଳି କିଛି ବୃତ୍ତିଗତ ସାମାଜିକ ସୁରକ୍ଷା ଯୋଜନା ଏକ ଅସମତୁଲ ସଂରଚନା ସୃଷ୍ଟି କରି ବୟସ୍କ ନାଗରିକଙ୍କୁ ସାର୍ବଜନୀନ ତଥା ପର୍ଯ୍ୟାପ୍ତ ସୁରକ୍ଷା ଦେବାରେ ବିଫଳ। ରିପୋର୍ଟ ଅନୁଯାୟୀ ଭାରତର ମୋଟ ଶ୍ରମିକ ଶ୍ରେଣୀର ୯୦% ନିୟୋଜିତ ଥିବା ଅସଂଗଠିତ କ୍ଷେତ୍ରର କର୍ମଚାରୀମାନଙ୍କ ପାଖରେ ନିହାତି ସ୍ୱଳ୍ପ ଅଥବା କୌଣସି ନିୟମିତ ପେନସନ ସୁବିଧା ନାହିଁ। ଭାରତରେ ପେନସନ ଯୋଜନାର ଅସଫଳତା ମୂଳରେ ତିନୋଟି ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି।

ପ୍ରଥମତଃ, ଅସଂଗଠିତ କ୍ଷେତ୍ରରେ ନିଯୁକ୍ତଙ୍କ ମଧ୍ୟରେ ପେନସନ ସୁବିଧା ଅତ୍ୟନ୍ତ ସୀମିତ। ତଥ୍ୟ ଅନୁଯାୟୀ, ଭାରତରେ ବର୍ତ୍ତମାନ କେବଳ ୨୯% ବୟସ୍କ ନାଗରିକ ପେନସନ ପାଉଛନ୍ତି। ଦ୍ୱିତୀୟତଃ, ଦେଶର ଅର୍ଥନୈତିକ ବାଧ୍ୟବାଧକତା, ଯାହା କ୍ରମାଗତ ଦାବି ସତ୍ତ୍ୱେ ସର୍ବନିମ୍ନ ସାର୍ବଜନୀନ ପେନସନ ଯୋଜନା ଲାଗୁ କରିବା ନେଇ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରୁଛି। ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞମାନଙ୍କ ମତ ହେଲା ଯେ ସିଙ୍ଗାପୁର ଯେମିତି ନିଜର ପେନସନ୍ ବ୍ୟବସ୍ଥାକୁ 'ସି' ଶ୍ରେଣୀରୁ 'ଏ' ଶ୍ରେଣୀକୁ ଉର୍ଣ୍ଣୀତ କରେଇବାକୁ ଦୀର୍ଘ ୧୬ ବର୍ଷ ଧରି ପର୍ଯ୍ୟାୟଭିତ୍ତିକ ଅର୍ଥନୈତିକ ସାବଧାନତା ଅବଲମ୍ବନ କରିଥିଲା, ଭାରତକୁ ସେହିଭଳି ସୂତ୍ର ଆପଣେଇବାର ଆବଶ୍ୟକତା ରହିଛି। ତୃତୀୟତଃ, ମୂଲ୍ୟବୃଦ୍ଧି ଓ ଚିକିତ୍ସା ଖର୍ଚ୍ଚ ବୃଦ୍ଧି ସହିତ ଉଚିତ୍ ମୂଲ୍ୟସୂଚୀ ସମନ୍ୱୟର ଅଭାବ ଯୋଗୁଁ ପେନସନ ମୂଲ୍ୟର କ୍ରମାଗତ ଅବନତି ପର୍ଯ୍ୟାପ୍ତତାର ହ୍ରାସକୁ ପ୍ରମାଣିତ କରୁଛି।

ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଭାରତ ଏକ ସଙ୍କଟମୟ ପରିସ୍ଥିତି ଆଡ଼କୁ ଅଗ୍ରସର ହେଉଛି। 'ଏଜିଂ ରିପୋର୍ଟ-୨୦୨୩' ଅନୁସାରେ ଏବେ ଭାରତର ଜନସଂଖ୍ୟାର ୧୦%ରୁ ଅଧିକ ୬୦ ବର୍ଷ ବୟସରୁ ଉର୍ଦ୍ଧ୍ୱରେ, ଯାହା ୨୦୫୦ ସୁଦ୍ଧା ଦୁଇଗୁଣା (୨୦%) ହୋଇ ୩୪.୭ କୋଟିରେ ପହଞ୍ଚିବ। ପାରିବାରିକ ସହାୟତା ଓ ସହାନୁଭୂତି ହ୍ରାସ ଏବଂ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ମହଙ୍ଗା ହେଉଥିବା ସମୟରେ ପେନସନ ନିରାପତ୍ତାର ଅଭାବ ଯୋଗୁଁ ବୟସ୍କମାନେ ଉଭୟ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ଅସୁରକ୍ଷିତ ମନେ କରୁଛନ୍ତି। ଏହି ପରିସ୍ଥିତି କେବଳ ଏକ ଆର୍ଥିକ ଯୋଜନାର ପ୍ରଶ୍ନ ନୁହେଁ, ବରଂ ଏକ ସାମାଜିକ ନ୍ୟାୟ ଓ ନୀତିଗତ ଦାୟିତ୍ୱର ପ୍ରଶ୍ନ। ଯଦି ଭାରତ ସୁସ୍ଥ ଓ ଶକ୍ତିଶାଳୀ ପେନସନ ବ୍ୟବସ୍ଥା ପ୍ରଚଳନ କରିବାରେ ଅସମର୍ଥ ରହେ, ତେବେ ଖୁବଶୀଘ୍ର ଏହା ନିଃସନ୍ଦେହରେ ଏକ 'ବୟସ୍କ ଗରିବ'ମାନଙ୍କ ଦେଶରେ ପରିଣତ ହେବ। ଏ ସମସ୍ୟାର ସମାଧାନ କ୍ଷେତ୍ରରେ 'ସେଣ୍ଟ୍ରାଲ ପ୍ରୋଭିଡେଣ୍ଟ ଫଣ୍ଡ' ଜରିଆରେ ସିଙ୍ଗାପୁରର ପେନସନ ବ୍ୟବସ୍ଥାର ରୂପାନ୍ତରଣ ଏକ ବଡ଼ ଉଦାହରଣ। ଏକ ଅନିବାର୍ଯ୍ୟ ଓ ସମ୍ପୂର୍ଣ୍ଣ ଅଂଶଦାନଭିତ୍ତିକ ପ୍ରଣାଳୀରେ ଅବସର, ସ୍ୱାସ୍ଥ୍ୟ ଓ ଆବାସ ଭଳି ତିନୋଟି ମୂଳ ସୁରକ୍ଷାକୁ ସୁନିଶ୍ଚିତ କରି ସାର୍ବଜନୀନ ଅଂଶଗ୍ରହଣ, ସଠିକ ନିବେଶ ନୀତି ଓ ସୁନିଶ୍ଚିତ ଫେରସ୍ତ ଯୋଜନା ଭିତ୍ତିରେ ସିଙ୍ଗାପୁର ଆଜି ବିଶ୍ୱର ଶୀର୍ଷ ସ୍ଥାନରେ। ସେହିଭଳି ନେଦରଲ୍ୟାଣ୍ଡ ଓ ଡେନମାର୍କ ଶକ୍ତିଶାଳୀ ସରକାରୀ-ବେସରକାରୀ ସମନ୍ୱୟ, ବାଧ୍ୟତାମୂଳକ ସଞ୍ଚୟ ଓ ମୁଦ୍ରାସ୍ଫୀତି ଓ ଜୀବନ ପ୍ରତ୍ୟାଶାକୁ ପ୍ରତିଫଳିତ କରୁଥିବା ନିୟମିତ ସମଯୋଜନ ମାଧ୍ୟମରେ ଉଚ୍ଚତମ ପେନସନ ପର୍ଯ୍ୟାପ୍ତତାକୁ ରଖିପାରିଛନ୍ତି।

ପେନସନ୍ ବ୍ୟବସ୍ଥାରେ ଭାରତର ଅବନତି ଏକ ଅକସ୍ମାତ ଘଟଣା ନୁହେଁ, ବରଂ ନୀତିର ନିରନ୍ତର ଅବହେଳା, ଖଣ୍ଡିତ କାର୍ଯ୍ୟାନ୍ୱୟନ ଏବଂ ସମନ୍ୱିତ ଦୀର୍ଘକାଳୀନ ଦୃଷ୍ଟିକୋଣ ଅଭାବର କୁପରିଣାମ। ସରକାରୀ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଓ ଅଟଳ ପେନସନ ଯୋଜନା ଭଳି ସରକାରୀ ଯୋଜନାଗୁଡ଼ିକରେ ଅସଂଗଠିତ କ୍ଷେତ୍ରର ଅଳ୍ପ କିଛି କର୍ମଚାରୀ ଯୋଡ଼ି ହୋଇଥିବା ବେଳେ ବୃଦ୍ଧାବସ୍ଥାରେ ସମ୍ମାନର ସହ ବଞ୍ଚିବା ପାଇଁ ସେମାନଙ୍କ ଅଂଶଦାନ ଓ ପେନସନ ରାଶି ଅତ୍ୟନ୍ତ ଅଳ୍ପ। ଅଧିକନ୍ତୁ ଅନେକ ବେସରକାରୀ କର୍ମଚାରୀ ନିଜ ଇପିଏଫ୍ ଟଙ୍କାକୁ ଚାକିରି କାଳ ଭିତରେ ଉଠାଇ ନେଇ ଅବସରକାଳୀନ ନିରାପତ୍ତାର ପ୍ରକୃତ ଉଦ୍ଦେଶ୍ୟକୁ ନଷ୍ଟ କରୁଛନ୍ତି। ଏହି ସଂକଟରୁ ମୁକ୍ତି ପାଇବା ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ସଂସ୍ଥାଗତ ସୁଧାର ଓ ପୁନର୍ଗଠନ ଆବଶ୍ୟକ। ଏହି କ୍ରମରେ ବୟସ୍କ ଦରିଦ୍ରଙ୍କ ପାଇଁ ପେନସନର ଏକ ସର୍ବନିମ୍ନ ସୀମା ପ୍ରଣୟନ କରାଯିବା ଆବଶ୍ୟକ, ଯାହା ବୃଦ୍ଧାବସ୍ଥାରେ ଦାରିଦ୍ର୍ୟରୁ ରକ୍ଷା କରିପାରିବ। ରାଜ୍ୟ ସହାୟତା ଦ୍ୱାରା ପ୍ରେରିତ ଅଭିନବ ସୂକ୍ଷ୍ମ ସହଯୋଗ ଯୋଜନା ମାଧ୍ୟମରେ ଅସଂଗଠିତ ଶ୍ରମିକମାନଙ୍କୁ ଅଧିକରୁ ଅଧିକ ପେନସନ ପରିସରଭୁକ୍ତ କରିବାର ଆବଶ୍ୟକତା ମଧ୍ୟ ରହିଛି। ପେନସନ ଲାଭଗୁଡ଼ିକୁ କେବଳ ପେନସନ ପାଇଁ ସୁରକ୍ଷିତ ରଖି ସର୍ବନିମ୍ନ ପ୍ରବେଶ ବୟସ ନିର୍ଦ୍ଧାରଣ ଜରିଆରେ ଆଗୁଆ ଉଠାଣ ନିରୁତ୍ସାହିତ ହେବା ଉଚିତ। ପିଏଫଆରଡିଏ ଅଧୀନରେ ନିୟମାନୁସୂଚନାକୁ ସୁଦୃଢ଼ କରିବା ଏବଂ ପେନସନ ତହବିଲକୁ ସାବଧାନତାର ସହ ଭିନ୍ନ ଭିନ୍ନ କ୍ଷେତ୍ରରେ ନିବେଶ ପାଇଁ ଅନୁମତି ଦେବା ଦ୍ୱାରା ଉଭୟ ଭବିଷ୍ୟତର ଲାଭ ଓ ସ୍ଥିରତାକୁ ବୃଦ୍ଧି କରାଯାଇପାରିବ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଆର୍ଥିକ ସାକ୍ଷରତା ଓ ସେବାନିବୃତ୍ତି ପରିକଳ୍ପନା ପାଇଁ ଏକ ରାଷ୍ଟ୍ରବ୍ୟାପୀ ସଚେତନତା ଅଭିଯାନ ଆବଶ୍ୟକ, ଯାହା ଦୀର୍ଘକାଳୀନ ସଞ୍ଚୟକୁ ପରିବାରର ଏକ ସାଧାରଣ ଅଭ୍ୟାସରେ ପରିଣତ କରିପାରିବ।

ମର୍ସର୍ ଇଣ୍ଡେକ୍ସରେ ଭାରତର ୪୩.୮ ଅଙ୍କ ପାଇବା କେବଳ ଏକ ସଂଖ୍ୟାମାପକ ନୁହେଁ, ବରଂ ଭାରତୀୟ ସମାଜ ତା'ର ବୟସ୍କ ନାଗରିକଙ୍କ ପ୍ରତି କିପରି ସମ୍ମାନ ଓ ବ୍ୟବହାର ପ୍ରଦର୍ଶନ କରୁଛି, ତାହାର ଏକ ନିଛକ ପ୍ରତିବିମ୍ବ। ଉଚ୍ଚତମ ନ୍ୟାୟାଳୟ ସଠିକ ଭାବେ ଦର୍ଶାଇଛନ୍ତି ଯେ ପେନସନ ଏକ ଦାନ କିମ୍ବା ଅନୁକମ୍ପାମୂଳକ ସହାୟତା ରାଶି ନୁହେଁ, ବରଂ ନାଗରିକଟିଏ ନିଜର ଯୌବନ କାଳରେ ବର୍ଷ ବର୍ଷ ଧରି ସମାଜ ଓ ସରକାରଙ୍କୁ ଦେଇଥିବା ପରିସେବା ବଦଳରେ ଏହା ତା'ର ଉପାର୍ଜିତ ସାମ୍ବିଧାନିକ ଅଧିକାର। ଯେଉଁ ରାଷ୍ଟ୍ର ଏକ ବିଶ୍ୱସ୍ତରୀୟ ଆର୍ଥିକ ଶକ୍ତି ହେବାକୁ ଚାହୁଁଛି, ତା'ର ନାଗରିକମାନେ ସମ୍ମାନ ଓ ସୁରକ୍ଷା ବିନା ବୟସର ସାୟାହ୍ନରେ ଅସୁରକ୍ଷିତ ରହିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ତେଣୁ ଭାରତୀୟ ପେନସନ ବ୍ୟବସ୍ଥାରେ ସୁଧାର ପ୍ରଶାସନିକ ସଂଶୋଧନର ଉର୍ଦ୍ଧ୍ୱରେ ଉଭୟ ମାନସିକ ଓ ସାମାଜିକ ଆବଶ୍ୟକତା ଭାବେ ଦେଖାଯିବା ଦରକାର। ପେନସନକୁ ଏକ ସୁବିଧା ଭାବରେ ନଦେଖି ଅଧିକାର ଭାବରେ ଦେଖିଲେ ହିଁ, ଭାରତ 'ଡି' ଶ୍ରେଣୀରୁ 'ଏ' ଶ୍ରେଣୀକୁ ଉନ୍ନୀତ ହୋଇପାରିବ। ପେନସନ ସୁରକ୍ଷା କେବଳ ଜଣେ ବୟସ୍କଙ୍କ ପ୍ରଶ୍ନ ନୁହେଁ, ଏହା ଭାରତର ସାମାଜିକ ଆତ୍ମା ଓ ମାନବୀୟ ମର୍ଯ୍ୟାଦାର ପରୀକ୍ଷା।

(ସାଧାରଣ ସମ୍ପାଦକ, କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ)
ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯

# ଅନ୍ଧାରରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା

ସୁଧାକର ଦାସ

ସାମ୍ପ୍ରତିକ ସ୍ଥିତିକୁ ସମୀକ୍ଷା କଲେ ମନେ ହୁଏ ସତେଯେମିତି ଅନ୍ଧାର ଗର୍ଭରେ ଆଜି ଆମ ଶିକ୍ଷା ବ୍ୟବସ୍ଥା। ବଦଳିଛି ସରକାର, ମାତ୍ର ବଦଳିନି ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି। ସାଧାରଣ ନିର୍ବାଚନ ପୂର୍ବରୁ ବନ୍ଦ ଥିବା ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ବର୍ତ୍ତମାନର ସରକାର ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ସାଧାରଣ ନିର୍ବାଚନ ସରିଲା। କ୍ଷମତାର ଗାଦିରେ ବସିବା ପରେ ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ କଠୋର ନିଷ୍ପତ୍ତି ନେଇ ଘୋଷଣା କଲେ ରାଜ୍ୟରେ ୫୬୩୦ ଗୋଟି ବିଦ୍ୟାଳୟ ବନ୍ଦ କରାଯିବ। ଇତିମଧ୍ୟରେ ପଶ୍ଚିମ ଓଡ଼ିଶାର ୧୮୨୬ ବିଦ୍ୟାଳୟ ବନ୍ଦ କରି ଦେବା ପାଇଁ ଚିହ୍ନଟ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଜିଲ୍ଲା କମିଟି ସୁପାରିସ କରିଥିବା ବେଳେ ନୂଆପଡ଼ା ଜିଲ୍ଲାର ୧୫୬ଟି ବିଦ୍ୟାଳୟ ଏହି ତାଲିକାରେ ରହିଛି।

୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଗତ ମାର୍ଚ୍ଚ ମାସରେ ବିଜ୍ଞପ୍ତି ଜାରି ହୋଇଥିଲା। ସେହି ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ କମ୍ ପିଲା ଥିବା ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିବା ସହ ନିକଟସ୍ଥ ବିଦ୍ୟାଳୟ ସହ ଦୂରତା ସମ୍ପର୍କରେ ସର୍ବେକ୍ଷଣ କରାଯାଇଥିଲା। ତଦନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟ ଚିହ୍ନଟ ହୋଇଥିବା ବେଳେ ବରଗଡ଼ ଜିଲ୍ଲାରେ ୨୭୩, ବଲାଙ୍ଗୀରରେ ୨୮୬, ବୌଦ୍ଧରେ ୧୪୫, ଝାରସୁଗୁଡ଼ାରେ ୧୦୭, ନୂଆପଡ଼ାରେ ୧୫୬, ସମ୍ବଲପୁରରେ ୨୩୩, ସୋନପୁରରେ ୧୪୪ ଓ ଦେବଗଡ଼ରେ ୮୫ଟି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଚିହ୍ନଟ କରାଯାଇଛି। ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ଶିକ୍ଷକ ନିଯୁକ୍ତି ଓ ଅପହଞ୍ଚ ଗ୍ରାମୀଣ ଅଞ୍ଚଳରେ ଶିକ୍ଷାର ବିକାଶ କରିବା ପରିବର୍ତ୍ତେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦେବା ଦ୍ୱାରା ଅପହଞ୍ଚ ଅଞ୍ଚଳର ପିଲାମାନେ ଅନେକ ଅସୁବିଧା ସାମ୍ନା କରିବେ, ଏଥିରେ ସନ୍ଦେହ ନାହିଁ।

ସାମ୍ପ୍ରତିକ ସମୟରେ ଉଚ୍ଚଶିକ୍ଷାର ସ୍ଥିତି ମଧ୍ୟ ଯଦି ଆମେ ସମୀକ୍ଷା କରିବା, ତେବେ ବର୍ତ୍ତମାନ ସମୟରେ ସରକାର ନିଷ୍ପତ୍ତି ନେଇଛନ୍ତି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ ସମେତ ସଂସ୍କୃତ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବି ପୂରଣ ବିଳମ୍ବ ହେଉଥିବାରୁ ୨୦୨୫-୨୬ ଶିକ୍ଷାବର୍ଷରେ ନିୟମିତ ପଦବି ପୂରଣ ପର୍ଯ୍ୟନ୍ତ ଅବସରପ୍ରାପ୍ତ ଶିକ୍ଷାବିତ୍ ଅତିଥି ଭାବେ ଶିକ୍ଷାଦାନ କରିବେ। ଏ ନିଷ୍ପତ୍ତି ଶିକ୍ଷିତ ଯୁବବର୍ଗ ପାଇଁ ଚିନ୍ତାର କାରଣ ସାଜିବା ସହିତ ସରକାରଙ୍କ ଦୋଷ ଦୁର୍ବଳତାକୁ ମଧ୍ୟ ସାମ୍ନାକୁ ଆଣିଛି। ମନରେ ପ୍ରଶ୍ନ ଉଠେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯଦି ଏବେ ଅବସରପ୍ରାପ୍ତ ଶିକ୍ଷାବିତମାନଙ୍କୁ ନିଯୁକ୍ତି କରାଯାଏ ତେବେ ପିଜି, ପିଏଚଡି କରିଥିବା ଯୁବକ ଯୁବତୀ କ'ଣ କରିବେ? ଓଟିଇଟି/ଓଏସ୍‌ଟିଇଟି ପାସ୍ କରି କ'ଣ ଘରେ ବସିବେ? ଏମିତି କରିବା ଦ୍ୱାରା ଶିକ୍ଷିତ ବେକାରୀ ରାଜ୍ୟରେ ବୃଦ୍ଧି ପାଇବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ନାମ ଲେଖାଇବା ପାଇଁ କେହି ଆଗ୍ରହ ପ୍ରକାଶ କରିବେନି। ଯଦି ନିଯୁକ୍ତି ମିଳିବନି, ସୁଯୋଗ ମିଳିବନି, ତେବେ ଶିକ୍ଷା ବ୍ୟବସ୍ଥା ସଫଳ ରୂପାୟନ ହେବ କେମିତି?

ରାଜ୍ୟରେ ପରୀକ୍ଷା ପରିଚାଳନାରେ ମଧ୍ୟ ଦୁର୍ନୀତିର କଥା ସମସ୍ତେ ଜାଣନ୍ତି। ଯଦି ସ୍ଥିତିରେ ସୁଧାର ନଆସେ, ତେବେ ଏ ଶିକ୍ଷା ବ୍ୟବସ୍ଥା ଲୋପ ହେବନି ବୋଲି କିଏ ବା ନିଶ୍ଚିତ କରିବ? ରାଜ୍ୟରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ ହେଉଛି, ପରୀକ୍ଷା ବାତିଲ କରାଯାଉଛି, ଦଶମ ଶ୍ରେଣୀ ପରୀକ୍ଷାଠୁ ଆରମ୍ଭ କରି ଉଚ୍ଚ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଆୟୋଜିତ ପରୀକ୍ଷାଗୁଡ଼ିକ ଆଜି ପର୍ଯ୍ୟନ୍ତ ସଠିକ ଭାବରେ ପରିଚାଳନା କରିବାରେ ସରକାର ବିଫଳ। ସାଧାରଣ ଜନତା ପରିବର୍ତ୍ତନ ଆଣିବା ପାଇଁ ନୂଆ ସରକାର ଚୟନ କଲେ। ସରକାର ବଦଳିଛି। ହେଲେ ସ୍ଥିତି ଯେମିତି ଥିଲା, ତା'ଠାରୁ ଦୁଇ ଗୁଣା ଅଧିକ ଖରାପ ହୋଇଛି। ରାଜ୍ୟ ରାଜନୀତି ସରଗରମ। ମାତ୍ର ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି ଧୀରେ ଧୀରେ ଶୋଚନୀୟ ହେବାକୁ ଯାଉଛି, ସେଥିପାଇଁ କାହାର ଦୃଷ୍ଟି ନାହିଁ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯଦି ପ୍ରତିବର୍ଷ ସର୍ବେକ୍ଷଣ କରି ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ପାଇଁ ଗୋଟିଏ ରିପୋର୍ଟ କରି ସରକାରୀ ସ୍ତରରେ ସମୀକ୍ଷା କରି ପ୍ରତିବର୍ଷ କିଛି କିଛି ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ, ତେବେ ଅନେକ ଶିକ୍ଷିତ ଯୁବବର୍ଗ ନିଯୁକ୍ତି ପାଇବେ। ରାଜ୍ୟରେ ବେକାରୀ ସମସ୍ୟା ଧୀରେ ଧୀରେ ହ୍ରାସ ହେବ। ଶିକ୍ଷା କ୍ଷେତ୍ର ସଶକ୍ତ ହେବ। ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପଇଁ ଖାଲି ଯୋଜନା କଲେ ହେବ ନାହିଁ, ବରଂ ଯୋଜନାକୁ ସଠିକ ପରିଚାଳନା କରିବାର ଆବଶ୍ୟକତା ରହିଛି। ଯୁବବର୍ଗଙ୍କ ପ୍ରତି ଦୃଷ୍ଟି ଦେଇ ଯଦି ସରକାର ଶିକ୍ଷା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପ୍ରତି ବର୍ଷ ସୃଷ୍ଟି କରିବେ, ତେବେ ନିଶ୍ଚୟ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାର ସ୍ଥିତିରେ ସୁଧାର ଆସିବ।

ମୋ: ୭୮୪୮୦୦୦୬୭୬

# ବନବିଧ୍ୱଂସ ମାନବ ସଭ୍ୟତାକୁ ହତ୍ୟା କରିପାରେ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଜୀବଜଗତକୁ ଅରଣ୍ୟର ଅବଦାନ ଅବର୍ଣ୍ଣନୀୟ। କିନ୍ତୁ କ୍ଷୋଭର ବିଷୟ ଯେ ଏହା ବୁଝିସୁଦ୍ଧା ନିଜ ଗୋଡ଼ରେ କୁରାଢ଼ୀ ମାରିବା ଭଳି ଆମେ ତାକୁ ଧ୍ୱଂସ କରିଚାଲିଛୁ। ଏକ ଆକଳନ ଅନୁସାରେ ବର୍ଷକୁ ପୃଥିବୀରେ ୧୫ ରୁ ୧୮ ନିୟୁତ ହେକ୍ଟର ବନ ବିଧ୍ୱଂସ ହେଉଛି। ଜାଗତିକ ଉଷ୍ମତାଠାରୁ ପରିସଂସ୍ଥାର ଅବକ୍ଷୟ ଆଦି ନାନଦି ପରିବେଶୀୟ ବିପର୍ଯ୍ୟୟର ଏହା ହେଉଛି ମୁଖ୍ୟ କାରଣ। ନିକଟରେ ଲିଡସ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ସୂଚୀତ କରିଛନ୍ତି ଯେ ଏହାଫଳରେ ଘଟୁଥିବା ତାପମାତ୍ରା ବୃଦ୍ଧିର ବିଭିନ୍ନ ପ୍ରଭାବରେ ବିଗତ ୨୦ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଛନ୍ତି ପ୍ରାୟ ଅଧ ନିୟୁତରୁ ଅଧିକ ଲୋକ। ଏହି ଗବେଷକମାନଙ୍କ ସୂଚନା ଅନୁସାରେ ବନ ବିଧ୍ୱଂସ ସଫଳରେ ବିଶେଷକରି ଆମାଜନ, କଙ୍ଗୋ ଏବଂ ଦକ୍ଷିଣ-ପୂର୍ବ ଏସିଆର ତାପମାତ୍ରା ବଢ଼ିବାରେ ଲାଗିଛି। ଫଳରେ ପ୍ରକୃତି ଓ ପରିବେଶ ବଦଳିବା ସହିତ ଜୀବଜଗତର ସମସ୍ତଙ୍କ ଉପରେ ପଡୁଛି ତାହାର ଘାତକ ପ୍ରଭାବ। ସେମାନେ ଆକଳନ କରିଛନ୍ତି ଯେ ଅରଣ୍ୟ ସଂକୋଚନ ପ୍ରଭାବିତ ଅଞ୍ଚଳର ତାପବୃଦ୍ଧିର ଏକ-ତୃତୀୟାଂଶରୁ ଅଧିକ ପାଇଁ ଦାୟୀ। ପୁନଶ୍ଚ ସେଠାର ଜଳବାୟୁରେ ଘଟୁଥିବା ଅବ୍ୟବସ୍ଥାର ଏହା ମଧ୍ୟ ମୁଖ୍ୟ କାରଣ।

ବିଷୁବୀୟ ଅଞ୍ଚଳରେ ବର୍ତ୍ତମାନ ପ୍ରାୟ ୩୪୫ ନିୟୁତ ଲୋକ ବନ ବିଧ୍ୱଂସ ଜନିତ ଦୁର୍ଦ୍ଦଶା ଭୋଗୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଇଁ ଏହା ୨୦୦୧ ମସିହାରୁ ୨୦୨୦ ମସିହା ମଧ୍ୟରେ ଅନେକ ସମୟରେ ପ୍ରାୟ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି କରୁଛି। ଗବେଷକମାନଙ୍କ ମତରେ ବନବିଧ୍ୱଂସ କାରଣରୁ ଘଟୁଥିବା ତାପମାତ୍ରା ବୃଦ୍ଧି ହେତୁ ଏଠାର ବାର୍ଷିକ ପ୍ରାୟ ୩୦ ହଜାର ଲୋକଙ୍କର ମୃତ୍ୟୁ ଘଟୁଛି ବିବିଧ ରୋଗବ୍ୟାଧି ଏବଂ ଶାରୀରିକ ଆକ୍ଷମତା ଯୋଗୁଁ। ଏହାବ୍ୟତୀତ ବିଷୁବମଣ୍ଡଳୀୟ ଆଫ୍ରିକାର ଏକ-ତୃତୀୟାଂଶ ଏବଂ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାରେ ବ୍ୟାପକ ଅଞ୍ଚଳର ଲୋକେ ତାପବୃଦ୍ଧିଜନିତ ବିବିଧରୋଗରେ ପୀଡ଼ିତ ହେବା ସହିତ ଅକାଳମୃତ୍ୟୁର ସମ୍ମୁଖୀନ ହେଉଛନ୍ତି। ଗବେଷକମାନେ ବ୍ରାଜିଲ୍ ଘାନା, ଇଂଲଣ୍ଡ ଆଦି କେତେକ ଦେଶରେ ଦୁର୍ଘଟଣା ଜନିତ ହୋଇଥିବା ମୃତ୍ୟୁହାର ଏବଂ ବିଷୁବମଣ୍ଡଳର ଅରଣ୍ୟବିଧ୍ୱଂସ ଯୋଗୁଁ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ତାପମାତ୍ରା ବୃଦ୍ଧି ହେତୁ ଘଟୁଥିବା ମୃତ୍ୟୁହାରକୁ ତୁଳନା କରିଥିଲେ। ଏପ୍ରକାର ଅଧ୍ୟୟନ ଏବେ କରାଯାଇଛି ପ୍ରଥମଥର ପାଇଁ। ଆଗକୁ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ଏହା ବ୍ୟାପକ ରୂପେ କରିବା ପାଇଁ ଗବେଷକମାନେ ଲକ୍ଷ୍ୟ ରଖିଛନ୍ତି।

ଲିଡସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡୋମିନିକ୍ ସ୍ପ୍ରାକ୍‌ଲେନ୍ ମତ ଦେଇଛନ୍ତି ଯେ ଏହା ହେଉଛି ବନ ବିଧ୍ୱଂସ ହତ୍ୟା କରିପାରେ ବୋଲି ଏକ ଚେତାବନୀ। ସେ ଆଶା କରିନ୍ତି ଯେ ଅନେକ ଲୋକ ଏହାକୁ ନେଇ ବିସ୍ମୟ ପ୍ରକାଶ କରିପାରନ୍ତି। କାରଣ ବନ ବିଧ୍ୱଂସର ଏପ୍ରକାର ବିପଦସମୂହ ସାଧାରଣ ଭାବେ, ଜାଗତିକ ଜଳବାୟୁ ସଂପର୍କରେ ଆଲୋଚନା ଭିତରେ ହଜିଯାଉଛି। ଅନ୍ୟପକ୍ଷରେ ବଜାରଭିତ୍ତିକ କୃଷି, ଶିଳ୍ପ ଓ ସହରୀକରଣ ବିସ୍ତାରିତ ହୋଇ ରହିଛି। ବ୍ରାଜିଲର ମାଟୋଗ୍ରୋସୋ ଅଞ୍ଚଳରେ ଘଟିଥିବା ଏକ ଘଟଣାକୁ ଉଦାହରଣ ରୂପେ ନିଆଯାଇପାରେ। ସ୍ପ୍ରାକଲେନଙ୍କ ମତରେ ତାପମାତ୍ର ବୃଦ୍ଧି ଏବଂ ଅନ୍ୟାନ୍ୟ ପରିବେଶ ବିପର୍ଯ୍ୟୟ ଜନିତ ବିପଦରୁ ରକ୍ଷା ପାଇବାକୁ ହେଲେ ବୃକ୍ଷରାଜିକୁ ଅପରିବର୍ତ୍ତିତ ରଖିବା କିମ୍ବା ପରିବର୍ଦ୍ଧିତ କରିବା ଦରକାର। ତାହା ମଣିଷ ସମେତ ବହୁ ଜୀବଜନ୍ତୁଙ୍କ ଜୀବନ ରକ୍ଷା କରିପାରିବ ଏବଂ କୃଷି ଉତ୍ପାଦନ ମଧ୍ୟ ବୃଦ୍ଧି କରିବ। ପୁନଶ୍ଚ ସେ କହନ୍ତି ଏହି ଜଙ୍ଗଲ ସୁରକ୍ଷା କେବଳ ଜଳବାୟୁ ପାଇଁ ନୁହେଁ, ବରଂ ପ୍ରତ୍ୟକ୍ଷ ଭାବେ ସ୍ଥାନୀୟ ଲୋକଙ୍କର ହିତ ସାଧନ କରିବ। ଏଗୁଡ଼ିକ ତାପମାତ୍ରା ନିୟନ୍ତ୍ରଣ କରିବା ସହିତ ଯଥେଷ୍ଟ ବୃଷ୍ଟିପାତ କରାଇବେ ଏବଂ ଲୋକେ ନିର୍ଭର କରୁଥିବା କୃଷିକୁ ସହାୟତା କରିବେ। ଜନସ୍ୱାସ୍ଥ୍ୟ ଓ ଆୟୁବୃଦ୍ଧିରେ ମଧ୍ୟ ବୃକ୍ଷର ଭୂମିକା ରହିଛି।

ଏଣୁ ଅରଣ୍ୟଗୁଡ଼ିକୁ ନିଷ୍କ୍ରିୟ ବୋଲି ମନେ କରିବା ଉଚିତ ନୁହେଁ। ସେଗୁଡ଼ିକ ପ୍ରକୃତରେ କଠୋର ପରିଶ୍ରମ କରିଥା'ନ୍ତି ଏବଂ ଆମ ଜୀବନଧାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା କାର୍ଯ୍ୟମାନ କରିନ୍ତି। ଏଣୁ ଚାଲନ୍ତୁ ଯଥାସମ୍ଭବ ବନବିଧ୍ୱଂସକୁ ପ୍ରତିହତ କରିବା ଏବଂ ବନ ଭୂମିର ଆକାର ବୃଦ୍ଧି କରିବା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

କୟାଁଗୋଲା/ଦଶରଥପୁର,୨୭।୧୦(ସମିସ): ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ କୁଲସାହି ଗ୍ରାମର ଖଗେଶ୍ୱର ନାୟକଙ୍କ ପୁଅ ମନୋରଞ୍ଜନ ନାୟକ (୧୮)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଛି। ସେ ଆଜି ସକାଳୁ ନିତ୍ୟକର୍ମ ସାରି ଘର ବିଦ୍ୟୁତ୍ ସୁଇଚ୍ ବନ୍ଦ କରିବା ସମୟରେ ବିଦ୍ୟୁତ ଆଘାତ ପାଇ ପଡ଼ି ଯାଇଥିଲେ। ପରିବାର ଓ ସାହି ପଡ଼ିଶା ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମଙ୍ଗଳପୁର ଥାନାରେ ମାଆ ମାନସୀ ବିଶ୍ୱାଳ ଅଭିଯୋଗ କରିବା ପରେ ପୁଲିସ ୧୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ବୋଲି ମଙ୍ଗଳପୁର ଥାନା ଏଏସଆଇ ସଂଯୁକ୍ତା ପଣ୍ଡା ସୂଚନା ଦେଇଛନ୍ତି। ମୃତଶରୀରକୁ ଯାଜପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଡମ୍ଫର ଲୁନା ଦୁର୍ଘଟଣାରେ ଜଣେ ଗୁରୁତର

ସୁକିନ୍ଦା/ଦାନଗଦି,୨୭।୧୦(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର ବାଟାଲିୟନ ସମ୍ମୁଖରେ ଡମ୍ଫର ସହ ଲୁନା ଦୁର୍ଘଟଣା ଘଟି ଲୁନା ଚାଳକ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୁକିନ୍ଦା ଥାନା ଅନ୍ତର୍ଗତ ବଞ୍ଜା ଗ୍ରାମ କୃଷ୍ଣଚନ୍ଦ୍ର ନାୟକଙ୍କ ପୁଅ ପ୍ରଫୁଲ୍ଲ ନାୟକ(୫୦) କଳିଙ୍ଗନଗର ସ୍ଥିତ ଏକ ଘରୋଇ କମ୍ପାନୀକୁ ଡ୍ୟୁଟି କରିବା ପାଇଁ ଯିବା ସମୟରେ ସୁକିନ୍ଦା ସ୍ଥିତ ଥାର୍ଡ ଆଇଆର୍ ବାଟାଲିୟନ ସମ୍ମୁଖରେ ଏକ ଡମ୍ଫର ସହିତ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ପ୍ରଫୁଲ୍ଲ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରଫୁଲ୍ଲଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# ବିଞ୍ଝାରପୁର ଥାନା ଗୃହରକ୍ଷୀଙ୍କ ମୃତ୍ୟୁ



ବିଞ୍ଝାରପୁର/ସିଂହପୁର,୨୭।୧୦(ସମିସ): ବିଞ୍ଝାରପୁର ଥାନାରେ କର୍ତ୍ତବ୍ୟରତ ଗୃହରକ୍ଷୀ ସଞ୍ଜୀବ ମଲ୍ଲିକ (୪୧)ଙ୍କ ଅକାଳ ବିୟୋଗ ଘଟିଛି। ସିଂହପୁର ଗ୍ରାମର ବସନ୍ତ ମଲ୍ଲିକଙ୍କ ପୁଅ ସଞ୍ଜୀବ ଦୀର୍ଘ ଦିନ ହେବ ଗୃହରକ୍ଷୀ ଭାବେ ବିଞ୍ଝାରପୁର ଥାନାରେ କାର୍ଯ୍ୟ କରିଆସୁଥିଲେ। କିଛି ଦିନ ହେବ ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ଗତକାଲି ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ହୋଇଯାଇଛି। ସଞ୍ଜୀବଙ୍କ ଦେହାନ୍ତ ଖବର ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ଦେହାନ୍ତ ଖବର ପାଇଁ ଡିଏସ୍‌ପି ବାମଦେବ ନନ୍ଦ, ଆଇଆଇସି ରଞ୍ଜନ ମଲ୍ଲିକ, ସିଂହପୁର ସରପଞ୍ଚ ଶଶାଙ୍କ ଖିଲାର, ଜିଲ୍ଲାପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, କୈଳାସ ସେଠି, ନିରଞ୍ଜନ ବେଉରିଆ ପ୍ରମୁଖ ସଂଜୀବଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ପ୍ରକାଶ କରିଛନ୍ତି।

# ଦୁଇ ଶିଶୁଶ୍ରମିକ ଉଦ୍ଧାର

ଦାନଗଦି,୨୭।୧୦(ସମିସ): ଦାନଗଦି ବଜାରରୁ ଦୁଇ ଜଣ ଶିଶୁ ଶ୍ରମିକଙ୍କୁ ଆଜି ଉଦ୍ଧାର କରାଯାଇଛି। ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଏହି ଶିଶୁଶ୍ରମିକ ଦୁଇଜଣଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଅମ୍ବର କରଙ୍କ ନିର୍ଦ୍ଦେଶରେ ଶିଶୁ ସୁରକ୍ଷା ୟୁନିଟ୍‌ର ତପନ କୁମାର ପାତ୍ର, ଜିଲ୍ଲା ଅତିରିକ୍ତ ଶ୍ରମ ଅଧିକାରୀ ଦେବାଶିଷ ଜେନା, ଦାନଗଦି ପୁଲିସ ଓ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ, ବିଶ୍ୱଜିତ ମାଝୀ ପ୍ରମୁଖ ମିଳିତ ଭାବରେ ଇମ୍ରାନ ଗ୍ୟାରେଜରେ ଚଢ଼ଉ କରି ଶିଶୁ ଦୁଇଜଣଙ୍କ ଉଦ୍ଧାର କରିଥିଲେ। ଶିଶୁ ଦୁଇଜଣଙ୍କ ବୟସ ୧୪ ବର୍ଷ ଓ ୧୨ ବର୍ଷ ବୋଲି ଜଣାପଡିଛି। ଗତ ଏକ ବର୍ଷ ହେବ ସେମାନେ ଏହି ଗ୍ୟାରେଜ ଶିଶୁଶ୍ରମିକ ଭାବରେ କରିଆସୁଥିଲେ। ଏହି ଶିଶୁ ଶ୍ରମିକଙ୍କୁ ମାଲିକ ମହମ୍ମଦ ମୁରସିଦ ଅନସାରୀ ୧୨ ଘଣ୍ଟାରୁ ଅଧିକ ସମୟ କାମ କରାଇ ଦିନକୁ ୧୦୦ଟଙ୍କା ହିସାବରେ ମାସକୁ ୩ ହଜାର ଟଙ୍କା ମଜୁରୀ ପ୍ରଦାନ କରୁଥିବା ଶିଶୁମାନେ କହିଛନ୍ତି। ଏହି ଶିଶୁମାନଙ୍କ ମଧ୍ୟରେ ଜଣଙ୍କ ଘର ମୟୂରଭଞ୍ଜ ଓ ଅନ୍ୟ ଜଣକ ଘର ଯାଜପୁର ଜିଲ୍ଲାରେ। ଏହି ଦୁଇଜଣ ଶିଶୁମାନଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର ପରେ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି।

# ମାନସିକ ଭିନ୍ନକ୍ଷମଙ୍କ ପରଲୋକ

ଯାଜପୁର,୨୭।୧୦(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ପଞ୍ଚାୟତ କଚେରିଗାଁ ଗ୍ରାମର ବୈଷ୍ଣବ ମହାନ୍ତିଙ୍କ ପୁତ୍ର ଅଶୋକ କୁମାର ମହାନ୍ତି (୫୨) ଙ୍କର ଗତରାତିରେ ମୃତ୍ୟୁ ହୋଇଯାଇଛି। ସଦର ଥାନାରେ ମୃତ ଅଶୋକର ପତ୍ନୀଙ୍କ ଲିଖିତ ଅଭିଯୋଗ କ୍ରମେ ମୃତକ ଜନ୍ମରୁ ମସ୍ତିଷ୍କ ଭିନ୍ନକ୍ଷମ ରୋଗୀ ହୋଇଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ନିୟମିତ ଔଷଧ ସେବନ କରନ୍ତି। ମଝିରେ ମଝିରେ ଘର ଛାଡ଼ି କେଉଁଆଡେ ପଳାଇ ଯାଆନ୍ତି ଓ ପୁନର୍ବାର ଘରକୁ ଫେରନ୍ତି। ଗତକାଲି ରାତିରେ ଘରର ପଛପଟେ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ସଦର ଥାନାକୁ ଜଣାଇଥିଲେ। ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶରୀରରେ କ୍ଷତ ଚିହ୍ନ ଥିବା ଦେଖି ସନ୍ଦେହ ହେବାରୁ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଥିଲେ। ପରେ ମୃତ ଶରୀର ପଞ୍ଚନାମା କରି ବ୍ୟବଚ୍ଛେଦ ନମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ଏହି ଘଟଣାକୁ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ୩୧/୨୦୨୫ ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ଅସହାୟାଙ୍କୁ ରାସନ ସାମଗ୍ରୀ ପ୍ରଦାନ

କୁଆଖିଆ,୨୭।୧୦(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ଅନ୍ତର୍ଗତ ଡିହକୁରାଂଶ ଗ୍ରାମର ଅସହାୟା କଷଣୀ ରାଉତଙ୍କୁ ରାସନ ସାମଗ୍ରୀ ସହିତ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। କିଛିବର୍ଷ ତଳେ କଷଣୀଙ୍କ ସ୍ୱାମୀ କ୍ୟାନ୍ସର ରୋଗରେ ଦେହତ୍ୟାଗ କରିଥିଲେ। ଖବର ପାଇ କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ବିଜୟ କୁମାର ସାହୁ, ପ୍ରଶାନ୍ତ କୁମାର ସ୍ୱାଇଁ, ରକ୍ତ ସଚୀବ ଶୁଭେନ୍ଦୁ ଶତପଥୀ, ସତ୍ୟ ନାରାୟଣ ଜେନା, ମିଡ଼ିଆ ସେଲ ସମ୍ପାଦକ ମାନସ ମଲ୍ଲିକ, ଶିବାନନ୍ଦ ପଣ୍ଡା, ସନ୍ତୋଷ ଦାସ ପ୍ରମୁଖ ପହଞ୍ଚି ସହାୟତା ର ହାତ ବଢ଼ାଇଥିଲେ। ଟ୍ରଷ୍ଟ ପକ୍ଷରୁ ଆଗାମୀ ଦିନରେ ଉକ୍ତ ପରିବାରର ଅଧପନ୍ତରିଆ ହୋଇ ପଡ଼ି ରହିଥିବା ସିଡି ଘର କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି।

# ମାଛଡଙ୍ଗା ପୋଲ ପାଇଁ ବିପଦରେ ଧନଜୀବନ

କବାଟବନ୍ଧ,୨୭।୧୦(ସମିସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତ ଅଧୀନ ଦଳଗାଁ ନିକଟରେ ଥିବା ମାଛଡଙ୍ଗା ପୋଲଟି ଅସୁରକ୍ଷିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ପୋଲକୁ ଭାଙ୍ଗି ଦେଇ ପାଇପ୍ ପକାଇ ତା' ଉପରେ ଡଷ୍ଟ ଏବଂ ମୋରମ ପକାଇ ଦିଆଯାଇଥିଲା। ଗୋଟିଏ ପାଶ୍ୱର୍ ମୋରମ୍ ଧୋଇ ହୋଇ ରାସ୍ତା ସଂକୀର୍ଣ୍ଣ ହୋଇଛି। ଯାହା ଦ୍ୱାରା ପ୍ରତ୍ୟେକ ମୁହୂର୍ତ୍ତରେ ଧନଜୀବନ ବିପଦ ପଡ଼ିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ଏହି ମାଛଡଙ୍ଗା ନାମରେ ପରିଚିତ ପୋଲଟି କବାଟବନ୍ଧ ମେଡ଼ିକାଲ ଠାରୁ ଭାୟା ଦଳଗାଁ ହୋଇ ଜାତୀୟ ରାଜପଥ ୫୩କୁ ସଂଯୋଗ କରୁଥିବା ରାସ୍ତାର ଦଳଗାଁ ନିକଟରେ ରହିଛି। ଏହାର ଉଭୟ ପାଶ୍ୱର୍ରେ ସୁରକ୍ଷା ବାଡ଼ ମଧ୍ୟ ନାହିଁ। ଦୀର୍ଘ ଦିନ ହେବ ଏହି ପୋଲଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଏହାର ତଳ ପଟୁ କଂକ୍ରିଟ ଭାଙ୍ଗି ଲୁହା ରଡ଼ ଦେଖାଯିବା ସହିତ ପୋଲର ଗୋଟିଏ ପାଶ୍ୱର୍ ମଝିରୁ ଫାଟି ବିପଦ ସଂକୁଳ ଅବସ୍ଥାରେ ରହିଥିଲା। ଏନେଇ ଦୈନିକ ଖବର କାଗଜ "ସକାଳ' ରେ ଗତ ଅପ୍ରେଲ ୧୮ ତାରିଖରେ "ଅସୁରକ୍ଷିତ ଅବସ୍ଥାରେ ଦଳଗାଁ ମାଛଡଙ୍ଗା ପୋଲ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସ୍ଥାନୀୟ ଅଞ୍ଚଳ ପାଇଁ ଏହା ଏକ ମୁଖ୍ୟ ସଡ଼କ ଅଟେ। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଗାଡ଼ି ମୋଟର ଚଳାଚଳ କରୁଛନ୍ତି। କବାଟବନ୍ଧ ମେଡ଼ିକାଲ, ବ୍ୟାଙ୍କ, କବାଟବନ୍ଧ ବଜାର, ସାପ୍ତାହିକ ହାଟ ସହିତ ସ୍କୁଲ କଲେଜ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ଖବର ପ୍ରକାଶ ପାଇବା ପରେ ଗତ ଜୁନ ମାସରେ ଏହାକୁ ତରବରିଆ ଭାବରେ ଭାଙ୍ଗି ଦିଆଯାଇ ପୋଲ ନିର୍ମାଣ ନକରି କେବଳ ପାଇପ୍ ପୋତିଦେଇ କାମଚଳା ବ୍ୟବସ୍ଥା କରିଦେଇଥିଲେ। ବର୍ଷା ଋତୁ ଥିବାରୁ ସେହି ସମୟରେ ଜନସାଧାରଣ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ଉକ୍ତ ପୋଲ ଉପରେ



ତରବରିଆ ଭାବରେ ମୋରମ ପକାଇ ଦେଇଥିଲେ। ଯାହା ଫଳରେ ବର୍ଷା ହୋଇ କାଦୁଅ ସୃଷ୍ଟି ହୋଇ ଯାତାୟାତ ଅନୁପଯୋଗୀ ହୋଇଥିଲା। ଏହି ରାସ୍ତାର ଗୋଟିଏ ପାଶ୍ୱର୍ରୁ ମୋରମ ଧୋଇ ହୋଇ ରାସ୍ତା ଅଣଓସାରିଆ ହୋଇଛି। ଏହି ରାସ୍ତାରେ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରି ନଥିଲା। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ ଦୈନିକ 'ସକାଳ' ଖବରକାଗଜରେ ଜୁନ ୧୩ ତାରିଖରେ ମଧ ପ୍ରକାଶ ପାଇଥିଲା। ବିଭାଗୀୟ ଅଧିକାରୀ କେବେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଏହି ସ୍ଥାନରେ ନୂତନ ପୋଲର ଆବଶ୍ୟକତା ରହିଛି। ଦୀର୍ଘ ଦିନ ହେବ ଏହି ପୋଲର ମରାମତି କିମ୍ବା ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଯଦ୍ୱାରା ପୋଲଟି ବିପଦ ଅବସ୍ଥାରେ ରହି ଯାତ୍ରୀମାନଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା। ହଠାତ ଏହାକୁ ଭାଙ୍ଗି ଦେଇ ନୂତନ ପୋଲ ନିର୍ମାଣ ନକରି ପାଇପ୍ ଦୁଇଟା ବସାଇ କାମ ସାରିଦେଲେ। ଯାହା ଦ୍ୱାରା ବର୍ତ୍ତମାନ ବିପଦ ସୃଷ୍ଟି ହୋଇଛି। ଏହାକୁ ତୁରନ୍ତ ମରାମତି କରା ନ ଗଲେ ଏହା ବିପଦ ସୃଷ୍ଟି କରି ଧନ ଜୀବନ କ୍ଷତି ପହଞ୍ଚାଇପାରେ। କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏହାର ମରାମତି କରିବା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ଦାନଗଦିରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଯାଜପୁର/ଦାନଗଦି,୨୭।୧୦(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୦ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ



ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାନଗଦି ପ୍ରଦୀପ କୁମାର ସେଠୀ, ତହସିଲଦାର ରଞ୍ଜିତ କୁମାର ମଲ୍ଲିକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଆଲୋଚନାଚକ୍ର



ବଡ଼ଚଣା,୨୭।୧୦(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ "ଓଡିଆ ସାହିତ୍ୟରେ ସତ୍ୟବାଦୀ ଧାରା ଓ ପଣ୍ଡିତ ଗୋପବନ୍ଧୁ ଦାସ' ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ପଣ୍ଡିତ ଗୋପବନ୍ଧୁଙ୍କ ଉତ୍ସର୍ଗୀକୃତ ଜୀବନ ଓ ବହୁମୁଖି ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ଭାବେ ଅଡ଼ସପୁରସ୍ଥିତ ଉପେନ୍ଦ୍ରନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡ. ବେଣୁଧର ପାଢ଼ୀ ଯୋଗଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ କିଶୋର କୁମାର ସାହୁ ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ସମିତା ସେଠୀ ଓ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ଲକ୍ଷ୍ମୀଧର ଦାସ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ସରିତା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ଦୀପକ କୁମାର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଚଣ୍ଡିଖୋଲରେ ଖୋଲିବ ନୂତନ ପୁଲିସ୍ ଉପଖଣ୍ଡ

ବଡ଼ଚଣା,୨୭।୧୦(ସମିସ): ଚଣ୍ଡିଖୋଲରେ ଖୋଲିବାକୁ ଯାଉଛି ନୂତନ ପୁଲିସ୍ ଉପଖଣ୍ଡ। ଯାଜପୁର ଜିଲ୍ଲାର ୭ଟି ଥାନାକୁ ନେଇ ଏହି ଉପଖଣ୍ଡ କାର୍ଯ୍ୟକରିବ। ଚଣ୍ଡିଖୋଲଠାରେ ଉପଖଣ୍ଡ (ଏସ୍‌ଡିପିଓ) କାର୍ଯ୍ୟାଳୟ କାର୍ଯ୍ୟକରିବା ବୋଲି ଗୃହବିଭାଗ ପକ୍ଷରୁ ଚିଠିରେ ସୂଚନା ଦିଆଯାଇଛି। ଏହାର ସୀମା ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଧର୍ମଶାଳା, ବାଲିଚନ୍ଦ୍ରପୁର, ବଡ଼ଚଣା, ଜେନାପୁର, ବୈରି, ବ୍ରହ୍ମବରଦା ଓ ଚଣ୍ଡିଖୋଲ ଟ୍ରାଫିକ ଥାନାଗୁଡିକୁ ନେଇ ଉକ୍ତ ଏସ୍‌ଡିପିଓ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସବୁ ଥାନା ଗୁଡିକ ପୂର୍ବରୁ ଯାଜପୁର ଏସ୍‌ଡିପିଓ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ଥିଲା। ଏବେ ଚଣ୍ଡିଖୋଲ ନୂଆ ଏସ୍‌ଡିପିଓ କାର୍ଯ୍ୟାଳୟ ଖୋଲିବା ଦ୍ୱାରା ଚଣ୍ଡିଖୋଲ ପୁଲିସ ବିଭାଗର ଏକ ନୂତନ ପରିଚୟ ପାଇଛି ଓ ସାଧାରଣ ଜନତାଙ୍କ ପାଖରେ ପୁଲିସ ସେବା ନିକଟତର ହୋଇପାରିବ। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଚନ୍ତି।

ଏ ନେଇ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ଦେବରାଜ ବେହେରା, ପ୍ରତାପ ଦାସ ଓ ଜନ ବେହେରା, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମସଂପାଦକ ଶିରିସ ସାମଲ, ସହସମ୍ପାଦକ ବୀରେନ୍ ବିଶ୍ୱାଳ, ଦୀନବନ୍ଧୁ ନାୟକ, ତରୁଣ ବିଶ୍ୱାଳ, କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ୍ ମହାପାତ୍ର, ବିଶ୍ୱରଞ୍ଜନ ବେହେରା, ଲକ୍ଷ୍ମୀପ୍ରିୟା କର, ବେବିନା ଓଝା, ଚିନ୍ମୟ ସ୍ୱାଇଁ, ପ୍ରିୟଗୋବିନ୍ଦ ଦାସ ସମେତ ବହୁ ଆଇନଜିବୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସଂସ୍କୃତ ଭାରତୀ ସମ୍ଭାଷଣ ଶିବିର

ଯାଜପୁର,୨୭।୧୦(ସମିସ): ନରସିଂହ ଚୌଧୁରୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗରେ ଡ.ସରୋଜିନୀ ଜେନାଙ୍କ ତତ୍ତ୍ୱାବଧାନରେ ସଂସ୍କୃତ ଶିବିରର ଉଦଯାପନୀ ଉତ୍ସବ ପାଳନ କରାଯାଇଅଛି। ଏହି ଶିବିର ୧୫ରୁ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହୋଇଛି। ମହାବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ଗୀତ ଓ ଅନୁଭୂତି କଥନ ତଥା ପ୍ରତିଭା ମଧ ପ୍ରଦର୍ଶନ ହୋଇଥିଲା। ମୁଖ୍ୟଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗ ଦେଇ ସଂସ୍କୃତ ଭାଷା କିପରି ଦୈନନ୍ଦିନ ଭାଷା ହୋଇ ପାରିବ ପିଲାମାନଙ୍କୁ ବୁଝାଇ କହିଥିଲେ। ମୁଖ୍ୟବକ୍ତା ଭାବରେ ସଂସ୍କୃତ ଭାରତୀର ପୂର୍ବକ୍ଷେତ୍ର ସଂଯୋଜକ ନୃସିଂହ ଚରଣ ପଣ୍ଡା, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରଞ୍ଜନ କୁମାର ବେହେରା, ସଂସ୍କୃତ ବିଭାଗର ମୁଖ୍ୟା ଡ.ସରୋଜିନୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଡ. ତାପସ କୁମାର ପଣ୍ଡା, ସ୍ୱପ୍ନାଶ୍ରୀ ସାହୁ, ଜ୍ୟୋତିପ୍ରଦା ଜେନା, ବନିତା ଦଳାଇ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ଏହି ସଭାରେ ଉପସ୍ଥିତ ଥିଲେ। ଛାତ୍ରୀ ରାଣୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋରୁ ଚାଲାଣ ନେଇ ସଦର ଥାନାରେ ଉତ୍ତେଜନା



ବରୁଆଁ,୨୭।୧୦(ସମିସ): ଯାଜପୁର ସଦର ଅଞ୍ଚଳରେ ବେଆଇନ୍ ଗୋରୁ ଚାଲାଣକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଛି। ନବ ଭାରତ ହିନ୍ଦୁ ସଂଗଠନ ଓ ବଜରଙ୍ଗ ଦଳ ତରଫରୁ ମିଳିତ ଭାବେ ଯାଞ୍ଚ କରି ଏକ ଟାଟାଏସି ଗାଡ଼ିକୁ ବରୁଆଁ ଛକ ନିକଟରେ ଅଟକାଇଥିଲେ। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୋରୁ ଗାଡ଼ିକୁ ଜବତ କରିବା ସହ ଚାଳକ ବସନ୍ତ ପତିଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଗାଡ଼ିରେ ଥିବା ୩ ଗୋଟି ଗୋରୁଙ୍କୁ କୁଆଖିଆରେ ଥିବା ଗୋଶାଳାରେ ଛଡ଼ା ଯାଇଥିବା ଜଣାପଡିଛି। ବେଆଇନ୍ ଗୋଚାଲାଣ ରୋକିବା କ୍ଷେତ୍ରରେ ପୁଲିସ ପ୍ରଶାସନ ଠୋସ୍ ପଦକ୍ଷେପ ନେଉନଥିବାରୁ ସଦର ଥାନା ପରିସରରେ ନବଭାରତ ହିନ୍ଦୁ ସଙ୍ଗଠନର ଜିଲ୍ଲା କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଏକତ୍ରିତ ହୋଇ ବିଭିନ୍ନ ନାରାବାଜି କରିବା ସହ ଏକ ଲିଖିତ ଅଭିଯୋଗ କରି ଥିବା ଜଣାପଡ଼ିଛି। ଆଗାମୀ ଦିନରେ ସଦର ପୁଲିସ ବେଆଇନ୍ ଗୋରୁ ଚାଲାଣ ରୋକିବାକୁ ପଦକ୍ଷେପ ନନେଲେ ରାଜରାସ୍ତାକୁ ଓହ୍ଲାଇବାକୁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

## ସାଇବର ସୁରକ୍ଷା ରଥ ଶୁଭାରମ୍ଭ

# 'ସତର୍କ ଓ ସଚେତନତା ହିଁ ରୋକିପାରିବ ଅପରାଧ'

ଯାଜପୁର,୨୭।୧୦(ସମିସ)




ଆଜି ଅପରାହ୍ନରେ ଗୌତମ ବୁଦ୍ଧ ସଂସ୍କୃତି ଭବନ,ରେ ସାଇବର ସୁରକ୍ଷା ଅଭିଯାନ ନିମନ୍ତେ ଏକ ସାଧାରଣ ସଭା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ସାଇବର ଅପରାଧ ରୋକିବା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ଶିକ୍ଷା ବିସ୍ତାର ପାଇଁ ଆଲୋଚନା ହୋଇଥିଲା। ଆଜିର ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି। ଏହା କେବଳ ସରକାର କିମ୍ବା ପୁଲିସଙ୍କ ଦାୟିତ୍ୱ ନୁହେଁ, ପ୍ରତ୍ୟେକ ନାଗରିକ ମଧ୍ୟ ସଚେତନ ରହିବା ଓ ଅନ୍‌ଲାଇନ ତଥ୍ୟ ସୁରକ୍ଷିତ ରଖିବା ଉଚିତ୍। ସତର୍କ ଓ ସଚେତନତା ହିଁ ସାଇବର ଅପରାଧକୁ ରୋକିପାରିବ ବୋଲି ସେ କହିଥିଲେ। ଉକ୍ତ ବୈଠକରେ ବିଧାୟିକା ସୁଜାତା ସାହୁ, ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଡିନ୍ ତଥା ଅଧ୍ୟକ୍ଷ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଡା. ସୀତାରାମ ମହାପାତ୍ର, ସୁପରିଣ୍ଟେଣ୍ଡେଣ୍ଟ ଡା.ମନୋରମା ସ୍ୱାଇଁ, ଅବକାରୀ ଅଧିକ୍ଷକ ଦିବ୍ୟକିଶୋର ଟଣ୍ଡେଲ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପ୍ରବୋଧ କୁମାର ନାୟକ ଉପସ୍ଥିତ ରହି ସାଇବର ଅପରାଧ ଓ ଏହାର ନିରାକରଣ ଓ ସଚେତନତା ନିମନ୍ତେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ସାଇବର ଅପରାଧ ସଚେତନତା ନିମନ୍ତେ ଏକ ସଚେତନତା ରଥକୁ ବିଧାୟିକା ସୁଜାତା ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାରେ ଭ୍ରମଣ କରି ସମସ୍ତଙ୍କୁ ସାଇବର ଅପରାଧ ସଚେତନତା ବାର୍ତ୍ତା ପହଞ୍ଚାଇବ। ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ ମାଝୀ ସାଇବର ଠକେଇ ଓ ଏହାର ସୁରକ୍ଷା ଉପରେ ସୂଚନା ପ୍ରଦାନ କରିଥିଲେ। ଆହ୍ୱାନ ଥିଏଟର ଗ୍ରୁପ କଳାକାର ମାନେ ସାଇବର ସୁରକ୍ଷା ଉପରେ ଏକ ସଚେତନ ଧର୍ମୀ ନାଟକ ପରିବେଷଣ କରିଥିଲେ। ଉପଆରକ୍ଷୀ ଅଧିକ୍ଷକ ଟାଉନ ଥାନା ଶରତ ପାତ୍ର ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମରେ ବ୍ୟାଙ୍କ୍ ଅଫ ଇଣ୍ଡିଆ ସହାୟତା କରିଥିଲେ।

# ଗୀତା ଆବୃତ୍ତି ପ୍ରତିଯୋଗିତା

ବରୀ,୨୭।୧୦(ସମିସ): ପ୍ରଜ୍ଞାନ ମିଶନ ଦ୍ୱାରା ୭ମ ଓଡ଼ିଶା ଗୀତା ଆବୃତ୍ତି ପ୍ରତିଯୋଗିତା ବରୀ ବ୍ଲକ ଅନ୍ତର୍ଗତ ଅଲିପୁର ଭାରତୀୟ ବିଦ୍ୟା ନିକେତନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱହିନ୍ଦୁ ପରିଷଦର ସଭାପତି ଡ.ବିଶ୍ୱନାଥ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ବନ୍ଦନା ପଣ୍ଡା କ୍ରିୟାଯୋଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ କଳ୍ପନା ଦାଶ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ (କ-ବିଭାଗରେ ଦିବ୍ୟାଂଶି ପତି, ଶୁଭଶ୍ରୀ ଘଡ଼ାଇ, ପୁନମ୍ ପଢ଼ିହାରୀ ବିଜୟୀ ହୋଇଥିଲେ। ଖ-ବିଭାଗରେ ଦିବ୍ୟାଂଶୁ ଦେବପ୍ରସାଦ ପଣ୍ଡା, ଆଦ୍ୟାଶା ଦାସ, ପ୍ରଥମ ଦ୍ୱିତୀୟ ହୋଇଥିବା ବେଳେ ଯୁଗ୍ମ ଭାବେ ଲିପ୍ସିକା ବେହେରା ଓ ଯାଜ୍ଞସେନୀ ବାରିକ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗ-ବିଭାଗରେ ସୁଲଗ୍ନା ପଣ୍ଡା, ସୋହମ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ହୋଇଥିବା ବେଳେ ଯୁଗ୍ମ ଭାବେ ଶ୍ରାବଣୀ ଓଝା, ପ୍ରିୟଦର୍ଶିନୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଜ୍ଞାନ ମିଶନର ବରୀ ମଣ୍ଡଳ ସଂଯୋଜକ ଅମରେଶ ମିଶ୍ର, ପଣ୍ଡିତ ଦାଶରଥି ପଣ୍ଡା, ପାର୍ବତୀ ପତି, ବିବେକାନନ୍ଦ ନାଥ, ବିନାୟକ ପତି ପ୍ରଭୃତି ପରିଚାଳନା କରିଥିଲେ।

## ନୋଟିସ୍‌ରେ ସୀମିତ ଜବରଦଖଲ ଉଚ୍ଛେଦ

# ତହସିଲଦାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଜବାବ ତଲବ

**ବନ୍ତ/ଆଗରପଡ଼ା, ୨୭।୧୦(ସମିସ)**



ବିଭିନ୍ନ ଗଣମାଧ୍ୟମରେ ବନ୍ତ ବ୍ଲକ ବଡ଼ହାଟ ତ୍ରିଲୋଚନପୁର ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ଜବରଦଖଲ ବାଧା ସୃଷ୍ଟି କରୁଛି। ଏ ନେଇ ଖବର ପ୍ରକାଶ ପାଇବା ପରେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିଲା; ହେଲେ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ବିଟିପୁର ସରପଞ୍ଚ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ଅଭିଯୋଗ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତହସିଲଦାରଙ୍କୁ ତଦନ୍ତ କରି ରିପୋର୍ଟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଥିଲା। ନିର୍ଦ୍ଦେଶ ପାଇବା ପରେ ତହସିଲଦାର ତାଙ୍କ ଉତ୍ତର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିଛନ୍ତି। ପତ୍ରରେ ବିଟିପୁର ମୌଜା, ଖାତା ନଂ୨୭୦, ପ୍ଲଟ ନଂ୭୧୩, ଏ.୩୨ଡ଼ି., କିସମ-ରାସ୍ତା ଯାହାକି ସରକାରୀ ନଥିପତ୍ରରେ 'ସର୍ବସାଧାରଣ'ଙ୍କ ନାମରେ ଉଦ୍ଦିଷ୍ଟ। ଉକ୍ତ ଜାଗାକୁ କିଛି ସ୍ଥାନୀୟ ଲୋକ ଜବରଦଖଲ କରି ରଖିଛନ୍ତି। ଉକ୍ତ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇ ତାଙ୍କ ଉପରେ ଜମି ଅନଧିକୃତ ଦଖଲ ମାମଲା ଦାଏର କରାଯିବା ସହ ଫର୍ମ 'କ' ଓ 'ଖ' ମଧ୍ୟ ପ୍ରେରଣ କରାଯାଇଛି। ଏଥିସହିତ ବିଟିପୁର ମୌଜା, ଖାତା ନଂ୨୭୧, ପ୍ଲଟ ନଂ୩୮୨, କିସମ-ଗୋଚରକୁ ଜନୈକ ମୁକୁନ୍ଦ ସାହୁ ବେଆଇନ ଭାବେ ଜବରଦଖଲ କରି ତା ଉପରେ ଚାଳଛପର ଘର ନିର୍ମାଣ କରିଥିବାରୁ ତାଙ୍କ ଉପରେ ଏଲ.ଇ କେସ ଦାୟର କରାଯାଇଛି। ବର୍ଷା ଋତୁ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି। ପ୍ରକାଶ ଥାଉକି ଗତ ୨୦୨୩-୨୪ରେ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ବିଟିପୁର ସୁଲଭ ଶୌଚାଳୟ ନିକଟରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ୪ଲକ୍ଷ ଟଙ୍କା ମଞ୍ଜୁର ହୋଇଅଛି। ଏଥିସହିତ ପଞ୍ଚାୟତ ସଂକଳ୍ପ ଥିମରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୫୦ ହଜାର ଅର୍ଥ ରାଶି ମଧ୍ୟ ମଞ୍ଜୁର ହୋଇଛି। କିନ୍ତୁ ବିଟିପୁର ମୌଜାର ମୁଖ୍ୟ ପିଡ଼ବ୍ଲ୍ୟୁଡ଼ି ସଡ଼କକୁ ସଂଲଗ୍ନ କରୁଥିବା ବିଟିପୁର ମୌଜା, କିସମ-ଗ୍ରାମ୍ୟ ରାସ୍ତା ସରକାରଙ୍କ ସର୍ବସାଧାରଣ ଖାତା ନଂ୨୭୦, ପ୍ଲଟ ନଂ୭୧୩ରେ ନିର୍ମିତ ହେଉଥିବା ସୁଲଭ ଶୌଚାଳୟ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ସୁଲଭ ଶୌଚାଳୟ ସମ୍ମୁଖରେ ପିଡ଼ବ୍ଲ୍ୟୁଡ଼ି ସଡ଼କକୁ ସଂଲଗ୍ନ କରୁଥିବା ଅବଶିଷ୍ଟ ପରିତ୍ୟକ୍ତ ତଥା ଖାଲି ପଡ଼ିଥିବା ଉକ୍ତ ପ୍ଲଟର ପାଖାପାଖି ଏ୦.୩୨ଡ଼ି. ମଧ୍ୟରୁ ଏ ୦.୦୭ଡ଼ି. ଜମିରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ନିର୍ମାଣ ପାଇଁ ସ୍ଥିର ହୋଇଥିଲେ ସୁଦ୍ଧା ଉକ୍ତ ରାସ୍ତା ଜବରଦଖଲକାରୀଙ୍କ କବଜାରେ ଥିବାରୁ ସୁଲଭ ଶୌଚାଳୟ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ସେହିପରି ଏଏନଏମ ସେଣ୍ଟର ଓ କନିଷ୍ଠଯନ୍ତ୍ରୀଙ୍କ କ୍ୱାର୍ଟର ଆଦି ନିର୍ମାଣ ହୋଇଥିଲେ ସୁଦ୍ଧା ଏହାର ସମ୍ମୁଖ ଭାଗ ମଧ୍ୟ ଜବରଦଖଲରେ ରହିଛି। ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ ପାଇଁ ପଞ୍ଚାୟତ ତରଫରୁ ବହୁବାର ତହସିଲଦାର ଏବଂ ବିଧାୟକଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ପରେ ବିଧାୟକ ତହସିଲଦାରଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଥିଲେ; କିନ୍ତୁ ୭ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ପଞ୍ଚାୟତ ପକ୍ଷରୁ ଗତ ଜାନୁଆରୀ ମାସରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପରେ ଜିଲ୍ଲାପାଳ ବ୍ଲକ ପ୍ରଶାସନକୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ପ୍ରଶାସନ ପତ୍ର ତହସିଲଦାରଙ୍କୁ ଜାଗା ଚିହ୍ନଟ କରିବା ସହ ଜବରଦଖଲରେ ଥିବା ଜାଗାକୁ ଜବରଦଖଲ ମୁକ୍ତ କରିବା ପାଇଁ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ। କିନ୍ତୁ ୨ମାସରୁ ଅଧିକ ସମୟ ବିତିଯିବା ପରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନାହିଁ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ବାରମ୍ବାର ନୋଟିସ ଜାରି ହେଉଛି; କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ। ଗତ ଅଗଷ୍ଟ ୮ ତାରିଖରେ ଉଚ୍ଛେଦ ପାଇଁ ନୋଟିସ ଜାରୀ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ତେଣୁ କେଉଁ କାରଣରୁ ଓ କେଉଁ ଉଦ୍ଦେଶ୍ୟରେ ଉଚ୍ଛେଦ ପ୍ରକ୍ରିୟାରେ ବାଧା ଉପୁଜୁଛି ତାହାର ବିଧିବଦ୍ଧ ତଦନ୍ତ କରିବା ସହ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ସରପଞ୍ଚ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିବା ଜଣାପଡ଼ିଥିଲା।

## ରାଣୀତାଲ ଏଫ୍‌ସିଆଇ ରେଳ ଫାଟକ

# ନିର୍ମାଣ ହେବ ଉଡ଼ନ୍ତା ପୋଲ

**ଭଦ୍ରକ, ୨୭।୧୦(ସମିସ):** ରାଣୀତାଲ-କୁପାରୀ ରାଜ୍ୟ ରାଜପଥରେ ଥିବା ରାଣୀତାଲ ଏଫସିଆଇ ରେଳ ଫାଟକ ନିକଟରେ ଏକ ଉଡନ୍ତା ପୋଲ ନିର୍ମାଣ ପାଇଁ ଦୀର୍ଘଦିନର ଦାବି ଏବେ ପୂରଣ ହେବାକୁ ଯାଉଛି। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ବାରମ୍ବାର ଉଦ୍ୟମ ଫଳରେ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ରେଳ ବିଭାଗ ଅନୁମୋଦନ କରିଛି। ଏହି ଉଡନ୍ତା ପୋଲ ନିର୍ମାଣକୁ ନେଇ ସାଂସଦ ଶ୍ରୀ ସେଠୀ ଗତ ୧୨.୯.୨୪ରେ ଚିଠି ନମ୍ବର-୪୮/୨୪ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକାଶଯୋଗ୍ୟ, ଏହି ରାଣୀତାଲ ରେଳ ଫାଟକଟି ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଗମନାଗମନର ଏକ ମୁଖ୍ୟ ସଡକ। ଧାମରା ବନ୍ଦର ପ୍ରତିଷ୍ଠ ହେଲା ପରେ ଏହି ରେଳ ଫାଟକ ଦେଇ ଯାଇଥିବା ରାସ୍ତାଟି ଅଧିକ ବ୍ୟସ୍ତବହୁଳ ହୋଇପଡ଼ିଛି। ଫଳରେ ଜନସାଧାରଣ ଯାତାୟତ ସମୟରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଥିଲା। ଏପରିକି ଦମକଳ ଓ ଆମ୍ବୁଲାନ୍ସ ଘଣ୍ଟା ଘଣ୍ଟା ଅଟକି ରହିବାକୁ ପଡୁଥିଲା। ଆମ୍ବୁଲାନ୍ସ ବିଳମ୍ବରେ ମେଡିକାଲରେ ପହଞ୍ଚିବା କାରଣରୁ ବହୁ ରୋଗୀଙ୍କ ଜୀବନହାନି ଘଟୁଥିବାର ନଜିର ମଧ୍ୟ ରହିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଜଗଦଳପୁର ଓ ରମ୍ଭିଳା ପଞ୍ଚାୟତ ସମେତ ପଡୋଶୀ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧିନ-ଅନ୍ତରା, ଗଡ଼ସଙ୍ଗ, କୁପାରୀ, ସିମୁଳିଆ ବ୍ଲକର-ଅଡା ଓ ଇଶ୍ୱରପୁରରବାସୀ ତତ୍କାଳୀନ ଏମପି ମଞ୍ଜୁଲତା ମଣ୍ଡଳକଙ୍କୁ ଅବଗତ କରିବା ପରେ ସେ ମଧ୍ୟ ଉଡନ୍ତା ପୋଲ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହାବ୍ୟତୀତ ରେଳରୋକ୍ ଓ ଧାରଣା ମଧ୍ୟ ସ୍ଥାନୀୟ ଲୋକେ ଦେଇଥିଲେ। ତେବେ କେନ୍ଦ୍ର ରେଳ ବିଭାଗ ସେତେବେଳେ ଦାବି ପୂରଣ କରିନଥିଲେ। କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦିତ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ ପ୍ରତିଶତ ଅଂଶଧନରେ ନିର୍ମାଣ ହେବ। କେନ୍ଦ୍ର ରେଳ ବିଭାଗ ପକ୍ଷରୁ ଅନୁମୋଦିତ ଏହି ଉଡନ୍ତା ପୋଲ ପ୍ରକଳ୍ପଟି ଓଡ଼ିଶା ସରକାରଙ୍କ ଡିପିଆର ପାଇଁ ପଠାଯାଇଛି। ଏହା ଖୁବଶୀଘ୍ର ଅନୁମୋଦନ ଲାଭ କରି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସାଂସଦ ଶ୍ରୀ ସେଠୀ କହିଛନ୍ତି। ଏଥିପାଇଁ ଜନସାଧାରଣଙ୍କ ତରଫରୁ ସାଂସଦ ଶ୍ରୀ ସେଠୀ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି।

# ହୋମିଓପାଥିକ୍ ଡାକ୍ତରଙ୍କ ଦେହାନ୍ତ

**ବାରିକପୁର, ୨୭।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଅଞ୍ଚଳର ଲୋକପ୍ରିୟ ହୋମିଓପାଥି ଚିକିତ୍ସକ ବ୍ରହ୍ମାନନ୍ଦ ନାୟକଙ୍କ ରବିବାର ବିଳମ୍ବିତ ରାତିରେ ବିୟୋଗ ଘଟିଛି। ରହଣିଆ ପଞ୍ଚାୟତ ହାଜିପୁର ଗ୍ରାମ ନିବାସୀ ସ୍ୱର୍ଗତ ନାୟକ ଦୀର୍ଘ ୩୦ ବର୍ଷ ହେବ ଜଳହରି ଓ ମାଳଦା ବଜାର ଠାରେ ହୋମିଓପାଥି ଚିକିତ୍ସା ସେବା ଯୋଗାଇ ଆସୁଥିଲେ। ସେ ୪ ମାସ ହେବ ଅସୁସ୍ଥ ଥିବା ବେଳେ ନିଜ ବାସଭବନଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ହୋଇଥିଲା। ମୃତ୍ୟୁ ଖବର



ପାଇ ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ସମାଜସେବୀ ଅକ୍ଷୟ କୁମାର ସାହୁ, ପ୍ରାକ୍ତନ ସରପଞ୍ଚ ବୀରେନ୍ଦ୍ର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମରଶରୀରକୁ ଗ୍ରାମ ନିକଟସ୍ଥ ଭସାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ତୁଷାର ନାୟକ ମୁଖାଗ୍ନି ଦେଇଥିଲେ।

# ଆଜିଠୁ ନବାହ୍ନ ବାର୍ଷିକ ପାରାୟଣ

**ବାରିକପୁର, ୨୭।୧୦(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଭଣ୍ଡାରିପୋଖରୀ ଶ୍ରୀରାମ ଦୟା ପରିଷଦ ପକ୍ଷରୁ ଆଜିଠାରୁ ନବାହ୍ନ ବାର୍ଷିକ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଶୁଭାରମ୍ଭ ହୋଇଛି। ଏଥିପାଇଁ ଆୟୋଜକ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସବୁ ବର୍ଷ ଭଳି ଚଳିତ ବର୍ଷ ବଜାର ମଧ୍ୟସ୍ଥ ଦର୍ପେଶ୍ୱର ମହାଦେବଙ୍କ ପୀଠରେ ଦୈନିକ ଦିବସ ପାରାୟଣ ଓ ସନ୍ଧ୍ୟାରେ ନିକଟସ୍ଥ ବିଦ୍ୟାଳୟ ପରିସରରେ ପ୍ରବଚନ ଅନୁଷ୍ଠିତ ହେବ। ମଙ୍ଗଳବାର ସକାଳ ୯ଟାରେ ଘଟ ଉତ୍ତୋଳନ ପରେ ୧୦ଟାରୁ ପାରାୟଣ ଶୁଭାରମ୍ଭ ହେବା ପାଇଁ ସ୍ଥିର ହୋଇଛି। ପୁରୀ ସାନଛତା ମଠ ଧାରକ ମଣ୍ଡଳୀ ସାଧୁଙ୍କ ଦ୍ୱାରା ବୈଦିକ କାର୍ଯ୍ୟକ୍ରମ ଉଦଘାଟିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଓଡ଼ିଶାର କୋଣ ଅନୁକୋଣରୁ ନିମନ୍ତ୍ରିତ ହୋଇଥିବା ବିଶିଷ୍ଟ ବକ୍ତାଙ୍କ ଦ୍ୱାରା ଭଗବତ କଥାମୃତ ପ୍ରବଚନ ଅନୁଷ୍ଠିତ ହେବ।

# ଦୁର୍ନୀତି ନିବାରଣ ସପ୍ତାହ ପାଳନ



**ଭଦ୍ରକ, ୨୭।୧୦(ସମିସ):** ସୋମବାର ପୂର୍ବାହ୍ନରେ ଜିଲ୍ଲା ସଦଭାବନା ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶପଥ ପାଠ କରାଯାଇଥିଲା। ଏଥିରେ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଦୁର୍ନୀତି ନିବାରଣ ସାମୂହିକ ଦାୟିତ୍ୱ ଏବଂ ଦେଶର ଆର୍ôଥକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠୁ ବଡ଼ ପ୍ରତିବନ୍ଧକ ବୋଲି ଶପଥ ନେଇଥିଲେ। ସେହିପରି ଜିଲ୍ଲାର ସମସ୍ତ କାର୍ଯାଳୟରେ ଏହିଭଳି ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ କୁମାର ରାଉତ ବାସୁଦେବପୁର ପୌରପାଳିକାର ସଭା ଗୃହରେ ମିଳିତ ଜନ ଶୁଣାଣି ଶିବିରରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଜିଲ୍ଲାପାଳ ଦୁର୍ନୀତିର ମୂଳୋତ୍ପାଟନ ନିମନ୍ତେ ପ୍ରତ୍ୟେକ ନାଗରିକ ସବୁ ସମୟରେ ସତର୍କତା ରହିବାକୁ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ୨୮ ତାରିଖରେ ବ୍ଲକସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା, ୨୯ରେ ଜିଲ୍ଲାସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା, ନଭେମ୍ବର ୧ରେ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରା ଓ ପୂର୍ବାହ୍ନ ୧୦ଟାରେ ସଂସ୍କୃତି ଭବନରେ ସାଧାରଣ ସଭା ଓ ପୁରସ୍କାର ବିତରଣ କରାଯିବ। ଏହିସବୁ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ଏସ୍‌ପି ଓ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ଉପସ୍ଥିତ ରହିବେ।

# କାଳୀପୂଜା ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ଭଦ୍ରକ, ୨୭।୧୦(ସମିସ):** ପ୍ରସିଦ୍ଧ ଭଦ୍ରକର ଐତିହାସିକ କାଳୀପୂଜା ଉପଲକ୍ଷେ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରଥମ କରି ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ସାଂସଦ ଅଭିମନ୍ୟୁ ସେଠୀ, ମୁଖ୍ୟଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିକ୍ରା ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଭଦ୍ରକ ଜିଲ୍ଲା ହେଉଛି କଳା ସାହିତ୍ୟ ଓ ସଂସ୍କୃତିର ମାଟି। ଏ ମାଟିର ସ୍ୱପ୍ନକୁ ସାକାର କରିବା ପାଇଁ ଓ ଚରିତାର୍ଥ କରିବା ପାଇଁ ରାଜ୍ୟ ସରକାର ପ୍ରଥମ କରି କାଳୀପୂଜା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ପାଇଁ ସହଯୋଗ କରିନ୍ତି। ଇଂ.ଅଭୟ ସୂତାର ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଭଦ୍ରକର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥି ସହ ରାଜ୍ୟ ସରକାରଙ୍କ ଦ୍ୱାରା ମୟୁରଭଞ୍ଜ ଜିଲ୍ଲାର 'ମଲଖମ' ନୃତ୍ୟ ଗ୍ରୁପ ଦ୍ୱାରା ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଅଂଶ ଗ୍ରହଣ କରିଥିବା ନୃତ୍ୟ ଓ ସଙ୍ଗୀତ କଳାକାରଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଓ ଡେପୁଟି କଲେକ୍ଟର ଶ୍ରୀ ମଣ୍ଡଳ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଗାୟକ ରାମନାରାୟଣ ମହାନ୍ତି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଡେପୁଟି କଲେକ୍ଟର ଶ୍ରୀ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଟପଡ଼ା ବିଜେଡି ପକ୍ଷରୁ ସାଂଗଠନିକ ବୈଠକ

**ତିହିଡ଼ି, ୨୭।୧୦(ସମିସ):** ଭାଟପଡ଼ା ପଞ୍ଚାୟତ ବିଜୁଜନତା ଦଳ ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶତାଧିକ କର୍ମୀ ଯୋଗଦାନ କରିଥିଲେ। ମୁଖ୍ୟତଃ ବିଜେପି ଶାସନକୁ ଆସିଲା ପରେ ନିର୍ବାଚନ ପ୍ରତିଶ୍ରୁତି ପାଳନ କରୁନାହିଁ। ଯଥା-ଭତ୍ତା ୩୫୦୦, ବିଜୁଳି ଦେୟ ୩୦୦ ୟୁନିଟ୍, ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ, ରାସନକାର୍ଡ ନାମ ପଞ୍ଜୀକୃତ କରିବା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ତିହିଡ଼ିରେ ମୁଖ୍ୟତଃ ଡ୍ରେନେଜ ସମସ୍ୟା ଆଦି ବିଷୟ ନେଇ କର୍ମୀମାନେ କ୍ଷୋଭ ପ୍ରକାଶ କରିଥିଲେ। ସଭାରେ ଭାଟପଡ଼ା ପଞ୍ଚାୟତର ବିଜୁ ଜନତା ଦଳର ସଭାପତି ଭରତ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ତିହିଡ଼ି ବିଜୁ ଜନତା ଦଳର ସଭାପତି ସରେନ୍ଦ୍ର କୁମାର ନାୟକ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ହିମାଦ୍ରୀ



ରାଉତରାୟ, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ପୂର୍ବତନ ସମିତି ସଭ୍ୟ ସଂଗ୍ରାମ କେଶରୀ ଦାସ, ମୁକୁନ୍ଦପୁର ପଞ୍ଚାୟତ ବିଜେଡି ସଭାପତି ଗଣେଶ ନାୟକ, ବିପିନି ବେହେରା, ଅନାମ ପାଣିଗ୍ରାହୀ, ଲକ୍ଷ୍ମଣ ପରିଡ଼ା, ଯୁବନେତା ରାଜେଶ ପାଢ଼ୀ ପ୍ରମୁଖ ଆଗାମୀ ଦିନରେ କିପରି ତୃଣମୂଳ ସ୍ତରରୁ ସଂଗଠିତ କରି ଦଳକୁ ମଜଭୁତ କରାଯିବ ସେ ବିଷୟରେ ବିଷଦ ଭାବେ ଆଲୋଚନା କରିଥିଲେ। ଶେଷରେ ସଂଗ୍ରାମୀ କେଶରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ କାସକାଡ୍ ତାଲିମ କାର୍ଯ୍ୟକ୍ରମ



**ଭଣ୍ଡାରିପୋଖରୀ, ୨୭।୧୦ (ସମିସ):** ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ କାସକାଡ୍ ତାଲିମ କାର୍ଯ୍ୟକ୍ରମ ଗଣିତ ଓ ବିଜ୍ଞାନ ବିଷୟରେ ସୋମବାର ଦିନ 'ଖାନ୍ ଏକାଡେମୀ' ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ଏହି ତାଲିମ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଞ୍ଜୁଳା ନାୟକ ଯୋଗଦେଇଥିଲେ। ଖାନ୍ ଏକାଡେମୀର ରାଜ୍ୟ ସଂଯୋଜକ ମନୋଜ ସାହୁ ଯୋଗଦାନ କରି ଏହି ପ୍ରଶିକ୍ଷଣରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଲିପିରେଖା ବେହେରା, ଶିକ୍ଷକ ସୁଶାନ୍ତ କୁମାର ସାହୁ, ଶିକ୍ଷକ ତାରିଣୀ ପ୍ରସାଦ ଦାଶ, ଶିକ୍ଷକ ଏସ୍ କେ. ଅହେସାନ ପ୍ରଶିକ୍ଷକ ଭାବେ ଯୋଗଦାନ କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ୫୫ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ତପଜା ସାହୁ ଅତିଥି ପରିଚୟ ଓ ଶିକ୍ଷକ ପ୍ରଫୁଲ୍ଲ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ମହାଶିବପୁରାଣ ପାଠୋତ୍ସବ

**ବାରିକପୁର, ୨୭।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରାଢୋ ବିଶ୍ୱେଶ୍ୱର ପୀଠରେ ଆଜିଠାରୁ ମହା ଶିବ ପୁରାଣ ପାଠୋତ୍ସବ ଶୁଭାରମ୍ଭ ହୋଇଛି। ସବୁ ବର୍ଷ ଭଳି ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସ୍ଥାନୀୟ ହନୁମାନ ପୋଖରୀଠାରେ ଘଟ ଉତ୍ତୋଳନ ହେବା ପରେ ପୀଠରେ ବୈଦିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଛି। କଳସ ଶୋଭାଯାତ୍ରା, ସୂର୍ଯ୍ୟ ପୂଜା, ଗଣପତି ପୂଜା, ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ନବଦିନ ପାଇଁ ଶୈବ ପୁରାଣ ଆରମ୍ଭ ହୋଇଛି। ପୂଜକ ବିଜୟ ତ୍ରିପାଠୀ, ବିଶ୍ୱେଶ୍ୱର ମହାଦେବ ଙ୍କୁ ପୂଜାର୍ଚ୍ଚନା କରିଥିବା ବେଳେ ବିଶ୍ୱନାଥ ନାୟକ ଓ ନୀଳିମା ନାୟକ ସଙ୍କଳ୍ପ କର୍ତା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ନବଦିନ ହେବାକୁ ଥିବା ବୈଦିକ ଉତ୍ସବକୁ ଗ୍ରାମବାସୀ ପରିଚାଳନା କରିଛନ୍ତି।

# ଧରାପଡ଼ିଲେ ମହିଳା ଓ ଅଭିଯୁକ୍ତ; କଡ଼ା ସୁରକ୍ଷା ବଳୟରେ ପିତେଇପୁର

**ଦୋବଲ, ୨୭।୧୦(ସମିସ):** ଦୋବଲ ଜୋନ ଅନ୍ତର୍ଗତ ସୋହଡ଼ା ପଞ୍ଚାୟତ ପିତେଇପୁରର ଜଣେ ମହିଳାଙ୍କୁ ଅନ୍ୟ ସମ୍ପ୍ରଦାୟର ବ୍ୟକ୍ତି ନେଇଯିବା ଘଟଣା ରୋଚକ ସ୍ଥିତିରେ ପହଞ୍ଚିଛି। ପଳାଇ ଯାଇଥିବା ମହିଳା ଓ ବ୍ୟକ୍ତିଙ୍କୁ ଧାମନଗର ପୁଲିସ ଧରି ପଚରାଉଚରା କରୁଛି। ଏହାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ ଟିମ୍ ଭଣ୍ଡାରିପୋଖରୀ ଥାନାରେ ଅଟକ ରଖିଥିଲାବେଳେ ମହିଳାଙ୍କୁ ସ୍ୱଳ୍ପକାଳୀନ ରହଣିସ୍ଥଳ ଆସିୟାନାକୁ ପଠାଇ ଦେଇଛି। ଅପରପକ୍ଷରେ ପିତେଇପୁରରେ ଗୋଟିଏ ପ୍ଲାଟୁନ ପୁଲିସ ଏ ଯାଏ ମୁତୟନ ରହିଛି। ଏହାସହ ଧାମନଗର ଥାନାର ଜଣେ ପୋଲିସ ଅଧିକାରୀ ନିତିଦିନିଆ ଡ୍ୟୁଟି ଭାବେ ସେଠାରେ ମୁତୟନ ରହୁଛନ୍ତି। ଦିନକ ପରେ ଧାମନଗରରେ ଉର୍ସ ପର୍ବ ଥିବାରୁ ଗାଁକୁ ସମ୍ପୂର୍ଣ୍ଣ ସୁରକ୍ଷା ବଳୟରେ ରଖାଯାଇଛି। ଅନ୍ୟ ଅଞ୍ଚଳରୁ ବନ୍ଧୁବାନ୍ଧବ ଆସିବାକୁ ଥିବାରୁ ସେନେଇ କଡ଼ା ନଜର ମଧ୍ୟ ରଖାଯାଇଛି। କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ଲାଗି ପୁଲିସ ପ୍ରସ୍ତୁତ ବୋଲି ଆଇଆଇସି କହିଛନ୍ତି। ଘଟଣାରୁ ପ୍ରକାଶ ଯେ, ଦୀପାବଳି ପୂର୍ବରୁ ପିତେଇପୁର ଗାଁର ଜଣେ ମହିଳାଙ୍କୁ ସେହି ଗାଁରେ ରହୁଥିବା ଭିନ୍ନ ସମ୍ପ୍ରଦାୟର ଜଣେ ଯୁବକ ନେଇ ପଳାଇଥିଲା। ଗାଁ ଲୋକଙ୍କ ସହଯୋଗରେ ମହିଳାଙ୍କ ସ୍ୱାମୀ ଖୋଜାଖୋଜି କରି ନିରାଶ ହୋଇଥିଲେ। ଏହା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଗାଁର କିଛି ଯୁବକ ଓ ବ୍ୟକ୍ତି ଏକତ୍ରିତ ଭାବେ ଅଭିଯୁକ୍ତ ଯୁବକଙ୍କ ଗାଁରେ ପଶି ଭଙ୍ଗାରୁଜା କରିଥିଲେ। ଆରାଧନାସ୍ଥଳୀରେ ବି ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ଉତ୍ତେଜନା ବଢ଼ିଥିଲା। ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଥିଲା। ସେହିପରି ଧର୍ମସ୍ଥଳୀରେ ଭଙ୍ଗାରୁଜା ଓ ଗାଁରେ ଆତଙ୍କ ଖେଳାଇବା ଅଭିଯୋଗରେ ଧାମନଗର ପୁଲିସ ବିଭିନ୍ନ ଧାରାରେ ଦଫା ଲଗାଇ ମାମଲା ରୁଜୁ କରିଥିଲା। ସେପଟେ ଏଏସ୍‌ଆଇ ନରେନ୍ଦ୍ର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକ କରି ତାମିଲନାଡୁ ଗସ୍ତ କରିଥିଲେ। ଚାରି ପାଞ୍ଚ ଦିନ ସେଠାରେ ଖୋଜିଥିଲେ ବି କୌଣସି ପତ୍ତା ପାଇନଥିଲେ। ହେଲେ ଅଭିଯୁକ୍ତ ବ୍ୟକ୍ତି ଓ ମହିଳା ଯାଜପୁର ଫେରୁଥିବା ଖବର ପାଇ ଧାମନଗର ଥାନାର ଏସ୍‌ଆଇ ମହେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱରରେ ପହଞ୍ଚି ରେଳ ଷ୍ଟେସନରେ ଜଗି ରହିଥିଲେ। ଦୁହେଁ ଟ୍ରେନରୁ ଓହ୍ଲାଇବା କ୍ଷଣି ସେମାନଙ୍କୁ ଧରିଥିଲେ। ହେଲେ ମହିଳାଙ୍କୁ ତାଙ୍କ ସ୍ୱାମୀ ଗ୍ରହଣ ନ କରିବାରୁ ଭଦ୍ରକର ଆସିୟାନାକୁ ପଠାଇ ଦିଆଯାଇଛି।

## 'ମହାସଂସ୍କୃତିର ଜାଗରଣ ଯାତ୍ରା' ମହୋତ୍ସବ ଉଦ୍‌ଯାପିତ

# 'ଶ୍ରୀ ଜଗନ୍ନାଥ ସମଗ୍ର ବିଶ୍ୱର ଦେବତା'

**ଭଦ୍ରକ, ୨୭।୧୦(ସମିସ)**



ଭଦ୍ରକ ପ୍ରସିଦ୍ଧ ମା' କାଳୀ ପୂଜା ସମାରୋହରେ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ସବୁ ବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହୋଇଆସୁଥିବା 'ମହାସଂସ୍କୃତିର ଜାଗରଣ ଯାତ୍ରା' ମହୋତ୍ସବ ୩ ଦିନ ଧରି ଚାଲିଥିବା ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଭଜନ, କୀର୍ତନ, ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଚରମ୍ପା ଷ୍ଟେସନ ବଜାର ପରିକ୍ରମା କରାଯାଇଥିଲା। ଏହି ୩ ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ସାନ୍ଧ୍ୟ ଅଧିବେଶନ ଅନୁଷ୍ଠିତ ସଭାରେ ସମିତିର ସହ ଆବାହକ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲାପାଳ, ଡେପୁଟି ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ୨୪ ତାରିଖରେ ସମ୍ମାନିତ ଅତିଥି ଭାବରେ ଷ୍ଟେସନ ମ୍ୟାନେଜର ଅଶ୍ୱିନୀ ସାମଲ, ସମ୍ମାନିତ ଅତିଥି ଭାବେ ମନୋରମା ରାୟ, ଗୀତାଞ୍ଜଳୀ ଅଗସ୍ତି, ପ୍ରବୋଧ ଅଗସ୍ତି, ରବିନାରାୟଣ ଖିଲାର, ଅଶୋକ ନାୟକ, ପ୍ରାଧ୍ୟାପକ ଶିବପ୍ରସାଦ ଖାମୁରାଇ, ଅନୀଲ କୁମାର ଦାଶ, ଶଶୀକଳା ମିଶ୍ର।

୨୫ତାରିଖ ସାନ୍ଧ୍ୟ ଅଧିବେଶନରେ ମୁଖ୍ୟବକ୍ତା ଭାବରେ ରତିକାନ୍ତ ମହାନ୍ତି, ସମ୍ମାନିତ ଅତିଥି ଭାବରେ କଲ୍ୟାଣୀ ନନ୍ଦ, ପୁଷ୍ପଲତା ଚକ୍ରବର୍ତ୍ତୀ, ଅର୍ଚ୍ଚନା କର, ସନ୍ତୋଷ କୁମାର ମିଶ୍ର, ଅଧ୍ୟକ୍ଷ ଡା. ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦାନ କରି ଶ୍ରୀଜଗନ୍ନାଥ କେବଳ ଓଡ଼ିଶା କିମ୍ବା ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ ନୁହନ୍ତି; ସମଗ୍ର ବିଶ୍ୱର ଆରାଧ୍ୟ ଦେବତା। ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆପଣାଇ ପାରିଲେ ଏହା ମାନବ ଜାତିର କଲ୍ୟାଣ ହୋଇପାରିବ। ଯୁବବର୍ଗଗଣ ଏଥିପ୍ରତି ଦୃଷ୍ଟି ଦେବେ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ସମିତିର ପ୍ରବଚିକା ତପସ୍ୱିନୀ ପାଢ଼ୀ ଦୀର୍ଘ ୩ ଦିନ ଧରି ପ୍ରବଚନ ଦେଇଥିଲେ। ସମିତିର ମୁଖ୍ୟ ଉପଦେଷ୍ଟା ସନେଇ ଶିଅଳ ଓ ଶରତ ଚନ୍ଦ୍ର ମହାନ୍ତି, ପଦ୍ମଲୋଚନ ମହାପାତ୍ର, ଶଶୀନାଥ ପଣ୍ଡା, ଲକ୍ଷ୍ମୀଧର ବିଶ୍ୱାଳ, ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ପ୍ରତ୍ୟେହ ସମିତିର ଲକ୍ଷ୍ୟ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ସମିତିର ସଦସ୍ୟ କାହ୍ନୁ ଚରଣ ଦାଶ ଓ ସନାତନ ସାହୁ ଶ୍ରୀଜଗନ୍ନାଥଙ୍କ ଅନ୍ନପ୍ରସାଦ ରନ୍ଧନ କରି ପରିବେଶଣ କରିଥିଲେ। ସମିତିର ସଦସ୍ୟ ସୁବାସ ଚନ୍ଦ୍ର ବଳ, ରାଜେନ୍ଦ୍ର ପ୍ରସାଦ ଅଗସ୍ତି ପ୍ରବଚିକା ବିଶ୍ୱମୈତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଶିଶୁ ନୃତ୍ୟଶିଳ୍ପୀ ସୁକନ୍ୟା ଦାଶ ଓ ଶିବାନୀ ଭୋଇ ବିଶ୍ୱ ବିଜୟିନୀ ଦାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନୃତ୍ୟ ପରିବେଷଣ କରିଥିଲେ।

## ଜଳିଗଲା ଦୋକାନ ଓ ଗୋଦାମ ଘର




ଭଦ୍ରକ,୨୭।୧୦(ସମିସ): ଆଜି ସନ୍ଧ୍ୟାରେ ଭୟଙ୍କର ଅଗ୍ନିକାଣ୍ଡରେ ଜଳୁଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ସହରର ସର୍ବ ପୁରାତନ ବ୍ୟବସାୟୀ ରୁଳିରାମ ଅଗ୍ରୱାଲଙ୍କ ଦୋକାନ ଓ ଗୋଦାମ ଘର। ଲକ୍ଷ ଲକ୍ଷ ଟଙ୍କାର ସମ୍ପତି ପୋଡିଯିବାର ଆଶଙ୍କା କରାଯାଉଛି। ୩ଟି ଦମକଳ ବାହିନୀ ନିଆଁକୁ ଆୟତ କରିବା କାର୍ଯ୍ୟରେ ଲାଗିଥିଲେ ବି ସଫଳ ହୋଇ ପାରୁନାହାଁନ୍ତି। ଗୋଟିଏ ପଟେ କାଳୀପୂଜା ପାଇଁ ବଜାରରେ ଭିଡ଼ ଜମିଥିବା ବେଳେ ଏପରି ଭୟଙ୍କର ଅଗ୍ନିକାଣ୍ଡ ସଂପୃକ୍ତ ଅଞ୍ଚଳବାସୀଙ୍କୁ ଭୟଭୀତ କରିଛି।

## ଜମିବାଡ଼ି ବିବାଦରୁ ଗୋଷ୍ଠୀ ସଂଘର୍ଷ; ୪ ଆହତ

ବାସୁଦେବପୁର,୨୭।୧୦(ସମିସ): ବାସୁଦେବପୁର ବ୍ଲକ୍ ଗୋବିନ୍ଦପୁର ଗାଁରେ ଗୋଷ୍ଠୀ ସଂଘର୍ଷରେ ୪ଜଣ ଆହତ ହୋଇଛନ୍ତି। ଆହତମାନଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ବାସୁଦେବପୁର ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୋବିନ୍ଦପୁର ଗାଁର କାଳନ୍ଦୀ ସେଠୀ ଓ ବଳରାମ ସେଠୀଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ବର୍ଷ ବର୍ଷ ଧରି ଲାଗି ରହିଥିଲା। ଜମିବାଡିକୁ ନେଇ କୋର୍ଟରେ ମାମଲା ବିଚାରଧୀନ ମଧ୍ୟ ରହିଛି। ବିବାଦୀୟ ଜମିରେ ବଳରାମ ସେଠୀ ଘର କରିବାରୁ ଏସମ୍ପର୍କରେ



ନାୟକାଣିଡିହି ଥାନାର ବାରମ୍ବାର ଅଭିଯୋଗ କରିଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନ ନନେବା ଯୋଗୁଁ ଆଜି ବଳରାମ ସେଠୀ ଘର ଆରମ୍ଭ କରିବାରୁ କାଳନ୍ଦୀ ସେଠୀ ନାୟକାଣୀଡିହି ଥାନାର ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। ବଳରାମ ସେଠୀ ଘର କରୁଥିବାର ଏକ ଫଟୋ ଉଠାଇବାକୁ କାଳନ୍ଦୀଙ୍କ ପରିବାର ଲୋକ ଯାଇଥିବା ବେଳେ ଏହାକୁ ବିରୋଧ କରି କାଳନ୍ଦୀ ସେଠୀଙ୍କ ପରିବାର ଉପରେ ମୁନା ସେଠୀ, ବଳରାମ ସେଠୀ, ବେଣୁଧର, ବୀଣାପାଣି, ରଶ୍ମିତା ଆଦି ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ୨ଗୋଷ୍ଠୀଙ୍କ ମଧ୍ୟରେ ସଘର୍ଷ ହେବାରୁ ବାଦଲ ସେଠୀ, ସତ୍ୟଭାମା ସେଠୀ, ଭକ୍ତ ହରି ଓ ମେନକା ସେଠୀ ଆହତ ଅବସ୍ଥାରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରେ ଅବସ୍ଥା ଗୁରୁତର ଥିବାରୁ ୪ ଆହତଙ୍କୁ ଭଦ୍ରକ ଜିଲ୍ଲା ଡାକ୍ତରଖାନାକୁ ରେଫର କରାଯାଇଛି। ଅଭିଯୋଗକୁ ନେଇ ନାୟକାଣିଡିହି ପୁଲିସ ତଦନ୍ତ ଆରମ୍ଭ କରି ୩ ଜଣକୁ ଅଟକ ରଖି ପଚରା ଉଚରା କରୁଛନ୍ତି।

## ଆନ୍ଧ୍ରରୁ ଚୋରି ବାଇକ୍ ଓଡ଼ିଶାରୁ ଜବତ

ବନ୍ତ/ଆଗରପଡ଼ା,୨୭।୧୦(ସମିସ): ଆନ୍ଧ୍ରପ୍ରଦେଶରୁ ଚୋରି ହୋଇଥିବା ୩ଟି ମୋଟର ସାଇକେଲ ଓଡ଼ିଶାରୁ ଜବତ୍ କଲା ଆନ୍ଧ୍ର ପୁଲିସ। ଚୋରିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ କରି ଆନ୍ଧ୍ର ପୁଲିସ ଓଡ଼ିଶାରେ ପହଞ୍ଚି ଓଡ଼ିଶା ପୁଲିସ ସହାୟତାରେ ୪ଟି ସ୍ଥାନରେ ଚଢଉ କରି ଚୋରି ହୋଇଥିବା ୫ଟି ନମ୍ବର ବିହିନ ମୋଟର ସାଇକଲକୁ ଜବତ୍ କରିଛି। ଆନ୍ଧ୍ର ପୁଲିସ ଭଦ୍ରକ ବନ୍ତ ଥାନାରେ ପହଞ୍ଚି ଆନ୍ଧ୍ରପ୍ରଦେଶରୁ ଚୋରି ହୋଇଥିବା ମୋଟର ସାଇକଲରେ ଯାଜପୁର ଜିଲ୍ଲା ବରୀ ଥାନା ଅଧୀନ ଅନୱାଳ ଅଞ୍ଚଳର ସେକ୍ ସମିମରଙ୍କ ସମ୍ପୃକ୍ତି ଥିବାରୁ ତାଙ୍କୁ ସାଥିରେ ଧରି ବନ୍ତ ଥାନାରେ ପହଞ୍ଚିବା ପରେ ବନ୍ତ ଥାନା ଅଧୀନ ଚଣ୍ଡିପୁର ଗ୍ରାମର ମୁରତୁଜା ସାହାଜୀ ବ୍ୟବହାର କରୁଥିବା ଗୋଟିଏ ଦାମୀ ମୋଟର ସାଇକଲ ଜବତ୍ କରିବାରେ ସଫଳ ହୋଇଥିଲା। ଏଥିସହ ଆନ୍ଧ୍ର ପୁଲିସ ଘଟଗାଁ ଅଞ୍ଚଳରୁ ଗୋଟିଏ ମୋଟର ସାଇକଲ, କଟକ ଅଞ୍ଚଳରୁ ୨ଗୋଟି ଏବଂ ଯାଜପୁର ଅଞ୍ଚଳରୁ ଗୋଟିଏ ମୋଟର ସାଇକଲ ସମ୍ପୃକ୍ତ ଥାନା ସହାୟତାରେ ଜବତ୍ କରିଛି। ଏହି ଚୋରି ସମ୍ପର୍କରେ ଆନ୍ଧ୍ରପ୍ରଦେଶ ରାଜ୍ୟର ଅଙ୍କାପେଲ୍ଲୀ ଟାଉନ ଥାନାରେ ଗତ ୨୦ ତାରିଖରେ ୨୪୧/୨୫, ଗତ ୧୭ତାରିଖରେ ବିଶାଖାପାଟନମ୍ ଥାନାରେ ଏବଂ ପେଣ୍ଡୁରର୍ଥୀ ଥାନାରେ ମାମଲା ରୁଜୁ ହେବା ସହ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଓଡ଼ିଶାର ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରହିଥିଲା। ତେବେ ଯେଉଁମାନେ ଏଥିରେ ସମ୍ପୃକ୍ତ ଥାଇ ଫେରାର ଅଛନ୍ତି ଖୁବଶୀଘ୍ର ଆଗାମୀ ଦିନରେ ତାଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ୩ ଷ୍ଟାଫ୍‌ଙ୍କୁ ନେଇ ଚାଲିଛି ଅବକାରୀ କାର୍ଯ୍ୟାଳୟ



ଦୋଳସାହି,୨୭।୧୦(ସମିସ): ମାତ୍ର ୩ ଜଣ ଷ୍ଟାଫ୍‌ଙ୍କୁ ନେଇ ଚାଲିଛି ତିହିଡ଼ି ଅବକାରୀ ବିଭାଗ କାର୍ଯ୍ୟାଳୟ। ତିହିଡ଼ି ଅବକାରୀ ବିଭାଗ ଅଧୀନ ତାଳପଦା ପଞ୍ଚାୟତରେ ବ୍ୟାପକ ଭାବରେ ବେଆଇନ୍ ଦେଶୀ ରନ୍ଧାମଦ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ ହେଉଥିଲା ବେଳେ ମଦ ବେପାରୀ ଖୁଲମଖୁଲା ବେପାର କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏପରିକି ଏହି ଦେଶୀ ମଦପିଇ ବହୁ ଯୁବକ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିବାର ଛାରଖାର ହେଉଥିବା ଅଭିଯୋଗ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତିହିଡ଼ି ଅବକାରୀ ବିଭାଗ ତିନି ଜଣ ଷ୍ଟାଫ୍‌ଙ୍କୁ ନେଇ ଚାଲିଥିବା ଜଣେ କର୍ମଚାରୀ ଡେପୁଟେସନରେ ଥିବା ଜଣାଯାଇଥିଲା ବେଳେ ଅଧିକାଂଶ ସମୟ ତାଲା ପଡୁଥିବା ସୂଚନା ମିଳିଛି।

**ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

# ୨ ବର୍ଷ ହେଲା ଏକ୍ସ-ରେ ମେସିନ ଅଚଳ; ରୋଗୀ ହନ୍ତସନ୍ତ

ଧାମନଗର,୨୭।୧୦(ସମିସ)



ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ ମେସିନ ଦୁଇବର୍ଷ ହେଲା ଅଚଳ ଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ଆସି ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ରୋଗୀଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଯେପରି ମାଗଣା ଏବଂ ସୁବିଧାରେ ରୋଗୀମାନେ ଚିକିତ୍ସା ସେବା ପାଇପାରିବେ। ଏପରି କି ମାଗଣାରେ ରୋଗୀ ତାର ବିଭିନ୍ନ ପରୀକ୍ଷା ପାଇଁ ଅତ୍ୟାଧୁନିକ ମେସିନ ଡାକ୍ତରଖାନା ପରିସରରେ ରଖାଯାଇଛି। ମାତ୍ର ଧାମନଗର ଡାକ୍ତରଖାନା ପରିସରରେ କିଛି ମେସିନ ଅଚଳ ଯୋଗୁଁ ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଏପରି ଏକ ଘଟଣା ଧାମନଗର ଡାକ୍ତରଖାନା ପରିସରରେ ଦେଖିବାକୁ ମିଳିଛି। ଶନିବାର ସନ୍ଧ୍ୟାରେ ମୁନିସପାଟନା ଗାଁର ଇଶାରା ବିବି ନିଜ ଘର ପାଖରେ ନଳକୂଅ ନିକଟରେ ପଡ଼ି ଯାଇଥିଲେ। ତାଙ୍କର ଅଣ୍ଟା ଓ ଗୋଡ଼ରେ ଯନ୍ତ୍ରଣା ହେବାରୁ ତାଙ୍କୁ ଧାମନଗର ଡାକ୍ତରଖାନାକୁ ପରିବାର ଲୋକ ଆଣିଥିଲେ। ପ୍ରାଥମିକ ଚିକିତ୍ସାପରେ ଡାକ୍ତରଖାନାରେ ଏକ୍ସ-ରେ ମେସିନ ଖରାପ ଥିବାରୁ ବାହାରୁ ପରୀକ୍ଷା କରି ରିପୋର୍ଟ ଆଣିବାକୁ ଡାକ୍ତର କହିଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ଗରିବ ମହିଳାଙ୍କୁ ହୁଇଲଚେୟାରରେ ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତା ପାରିକରି ଏକ ଘରୋଇ କ୍ଲିନିକ୍‌ରେ ଏକ୍ସରେ କରିଥିଲେ। ୨ବର୍ଷ ହେବ ମେସିନ ଖରାପ ହୋଇଥିଲେ ମଧ୍ୟ ଏଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାହିଁକି ପଦକ୍ଷେପ ନିଆଯାଇ ନାହିଁ ସେନେଇ ଅସନ୍ତୋଷ ପ୍ରକାଶ ପାଉଛି। ୧୫ଦିନ ପୂର୍ବେ ଧାମନଗର ଡାକ୍ତରଖାନା ପରିସରରେ ରୋଗୀ କଲ୍ୟାଣ ବୈଠକରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍‌ଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ମେସିନ ଅଚଳ ବୋଲି ଡା. ମନ୍ମୟ ସାମନ୍ତ ସିଂହାର ମତ ଉପସ୍ଥାପନ କରିଥିଲେ। ସୂଚନା ଥାଉକି ରୋଗୀ କଲ୍ୟାଣ ସମିତି ଓ ଆମ ଡାକ୍ତରଖାନା ପାଣ୍ଠିରେ ମଧ୍ୟ ୧୫ ଲକ୍ଷରୁ ଅଧିକ ଟଙ୍କା ରହିଛି। ସମିତି ଚାହିଁଲେ ଆଉ କିଛି ଅର୍ଥରେ ନୂଆ ମେସିନଟେ କିଣା ଯାଇପାରିଥାନ୍ତା। ମାତ୍ର ବିଭାଗର ଆନ୍ତରିକ ଅଭାବରୁ ମେସିନ କିଣା ଯାଇପାରୁନି। ଫଳରେ ସ୍ଥାନୀୟ ଲୋକମାନେ ନାନାଦି ହଇରାଣ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ମନ୍ତ୍ରୀ ମଧ୍ୟ ସମସ୍ୟାର ସମାଧାନ ପାଇଁ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ସମାଧାନ ହୋଇପାରିଲାନାହିଁ। ଏଦିଗରେ ତୁରନ୍ତ ଦୃଷ୍ଟି ଦେବାସହ ନୂତନ ମେସିନ ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ଉର୍ସର ଆଜି ପ୍ରଥମ ଦିନ



ଧାମନଗର,୨୭।୧୦(ସମିସ): ଭାରତ ପ୍ରସିଦ୍ଧ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତ ମୌଲାନା ସାହା ମହମ୍ମଦ ହବିବୁର ରହେମାନଙ୍କ ୪୬ତମ ଉର୍ସ ଉତ୍ସବ ଧାମନଗର ସ୍ଥିତ ଖାନକା ସରିଫ୍ ପରିସରରେ ୨୮ ଓ ୨୯ ତାରିଖ ୨ଦିନ ଧରି ମହାଆଡ଼ମ୍ବରରେ ପାଳିତ ହେଉଛି। ଉର୍ସ ଉତ୍ସବର ପ୍ରଥମ ଦିନରେ ଦେଶର ବିଭିନ୍ନ ରାଜ୍ୟ ଓ ରାଜ୍ୟବାହାରୁ ପୀରବାବାଙ୍କ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ପ୍ରଥମ ଦିନ ତଥା ୨୮ ତାରିଖ ମଙ୍ଗଳବାର ସକାଳ ୬ଟାରୁ ୭ଟା ୩୦ମିନିଟ ପର୍ଯ୍ୟନ୍ତ ବିଶିଷ୍ଟ ମୌଲାନାଙ୍କ ଦ୍ୱାରା କୋରାନ ଖାନି ପରେ ପୀରବାବାଙ୍କୁ ଗୋଲାପ ଜଳ ଓ ଫୁଲ ଚଢାଇ ସ୍ୱର୍ ସାଧାରଣରେ ଦର୍ଶନ କରାଯାଇଛି। ରାତି ୮ଟାରୁ ସ୍ୱର୍ଭାରତୀୟ ମୁସାୟରା କାର୍ଯ୍ୟକ୍ରମ ଏବଂ ଉର୍ଦ୍ଦୁକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟରୁ ମୌଲାନା, ଉର୍ଦ୍ଦୁ କବି ଓ ସାୟର ପ୍ରମୁଖ ଯୋଗଦେଇ ପୀରବାବାଙ୍କ ଜୀବନୀ ଓ ତାଙ୍କ କାର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ଧାର୍ମିକ ଭାଷଣ ପ୍ରଦାନ କରିଥିଲେ। ଭକ୍ତ ଓ ଶ୍ରଦ୍ଧାଳୁ ସେମାନେ ରହିବା ସ୍ଥାନ ନିରୁପଣ ଏବଂ ସେମାନଙ୍କର ଚାରିଚକିଆ ଗାଡ଼ି ଓ ବସ ରଖିବାର ସୁବ୍ୟବସ୍ଥା ନିମନ୍ତେ ଉର୍ସ କମିଟି ପକ୍ଷରୁ ୭୫୦ଜଣରୁ ଉର୍ଦ୍ଧ୍ୱ ଭୋଲେଟିଅର ଓ ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯାଇଛି। ଏପଟରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ବ୍ୟବସାୟୀ ଏଲାବାଦ ହାଲୁଆ, ପରଟା, ଖଜୁରୀ, ମୋରବାଙ୍କ ସମେତ ବିଭିନ୍ନ ଭୋଗ ସାମଗ୍ରୀ ପସରା ମେଲେଇ ଥିବା ବେଳେ ଚକ୍ରୀ, ଝୁଲି ଇତ୍ୟାଦି ଆଇଟମ କରି ଦୁଇ ପାଇସା ରୋଜଗାର କରିବା ପାଇଁ ଲାଗିପଡିଛନ୍ତି। ୨ଦିନ ଧରି ଉର୍ସ ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ତତ୍ତ୍ୱାବଧାନରେ ଏସ୍‌ପି ମନୋଜ ରାଉତଙ୍କ ଅଧକ୍ଷତାରେ ୨ଜଣ ଅତିରିକ୍ତ ଏସପି, ୮ଜଣ ଡିଏସପି,୨୦ଜଣ ଇନ୍ସପେକ୍ଟର, ୧୧୦ଜଣ ସବଇନ୍ସପେକ୍ଟର, ୨୨ପ୍ଲାଟୁନ ଫୋର୍ସ, ହାବିଲଦାର ଓ ହୋମଗାଡ ୫୦ଜଣ ନିୟୋଜିତ କରାଯାଇଛି। ପକେଟ ମାର, ବିଶୃଙ୍ଖଳିତ ବ୍ୟକ୍ତିମାନଙ୍କୁ ସିସିଟିଭି କ୍ୟାମେରା ଜଗିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଏପଟେ ଉର୍ସ କମିଟିର କର୍ମକର୍ତ୍ତା ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

## ୯୯ ବର୍ଷରେ ଗାନ୍ଧୀ ପଡିଆ କାଳୀପୂଜା ପଦାର୍ପଣ



ଭଦ୍ରକ,୨୭।୧୦(ସମିସ): ଭଦ୍ରକ ସହର ଗାନ୍ଧୀ ପଡିଆଠାରେ ୧୯୨୬ ମସିହାରୁ ସ୍ୱର୍ଗତ କାମାକ୍ଷା ଚରଣ ଘୋଷଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଓ ପରେ ତାଙ୍କ ସୁପୁତ୍ର ସ୍ୱର୍ଗତ ଡାକ୍ତର ନୀହାର ଚନ୍ଦ୍ର ଘୋଷଙ୍କ ଦ୍ୱାରା ଆୟୋଜିତ କାଳୀ ପୂଜା ଚଳିତବର୍ଷ ୯୯ ବର୍ଷରେ ପଦାପର୍ଣ କରିଛି। ଏହି ପୂଜା ମୋଟାମୋଟି ଭାବେ ସାର୍ବଜନୀନ ହୋଇଥିଲେ ମଧ୍ୟ ଏହାକୁ ଘୋଷ ପରିବାର ମୂଳରୁ ନିଜ ବ୍ୟୟରେ କରିଆସୁଛି। ଗତ କିଛି ବର୍ଷ ହେଲା ଆତ୍ମୀୟମାନଙ୍କ ସକ୍ରିୟ ସହଯୋଗରେ ପୂଜା ପାଳିତ ହେଉଛି। ଆସନ୍ତା ୨୦୨୬ରେ ଏହି ପୂଜା ପାଳନକୁ ଶହେ ବର୍ଷ ଛୁଇଁବ। ତେବେ ଏହି ପ୍ରାଚୀନ ସାର୍ବଜନୀନ ପୂଜା ପ୍ରକୃତ ପକ୍ଷେ ଆଜିଯାଏ ସାର୍ବଜନୀନର ମାନ୍ୟତା ପାଇନାହିଁ। ଏହାକୁ ସେହି ମାନ୍ୟତା ଦେବାପାଇଁ ୨୦୧୯ ମସିହରେ ଏକ ପ୍ରୟାସ କରାଯାଇଥିଲା। ଚଳିତବର୍ଷ ଏହି ପ୍ରାଚୀନ ଗାନ୍ଧୀ ପଡିଆ କାଳୀପୂଜାକୁ ସାର୍ବଜନନୀ କରିବାକୁ ପ୍ରୟାସ ଆରମ୍ଭ ହୋଇଛି।

## ସମିତି ପରିଚାଳନା ପରିଷଦ ବୈଠକ

ବାରିକପୁର,୨୭।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ରାଢୋ ସ୍ଥିତ ରହଣିଆ ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ପରିଷଦ ବୈଠକ ସଭାପତି ସାଗର ରଞ୍ଜନ ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ନାୟକ, ରଞ୍ଜନ ବେଉରିଆ, ପ୍ରଶାନ୍ତ ରାଉତ, ବସନ୍ତ ମାଝୀ, ବିନ୍ଦୁ ଶ୍ରୀ କୁଅଁର, ବିଳାସ ଚନ୍ଦ୍ର ଧଳ, ସିଦ୍ଧନାଥ ଦାସ, ଧନେଶ୍ୱର ସେଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ଦାସ ଆୟବ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହାଛଡା ଖରିଫ୍ ଧାନ କ୍ରୟ ବାବଦରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ସମିତି କର୍ମଚାରୀ ନୀଳମଣି ସାମଲ, ଓଙ୍କାର ବାରିକ, ବିଜୟ ନାୟକ, ହୁରେନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ନବଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'




ବନ୍ତ/ଆଗରପଡ଼ା,୨୭।୧୦(ସମିସ): କେନ୍ଦ୍ର ସରକାରଙ୍କ ନବଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାରେ ଥିବା ୧୫ ବର୍ଷରୁ ୪୫ ବର୍ଷ ପର୍ଯ୍ୟନ୍ତ ନିରକ୍ଷର ଲୋକଙ୍କୁ ସ୍ୱାକ୍ଷରତା କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ ନିରାକ୍ଷରତା ଦୂରୀକରଣ ସହିତ ଆଜିର ସମାଜରେ ଡିଜିଟାଲ ଦୁନିଆରେ ନିଜକୁ ସକ୍ଷମ କରିବା ପାଇଁ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ। ବିଦ୍ୟାଳୟ ଶିକ୍ଷକଙ୍କ ଦ୍ୱାରା ଘର ଘର ଯାଇ ୧୫ ରୁ ୪୫ ବର୍ଷ ନିରକ୍ଷର ଲୋକଙ୍କୁ ଚିହ୍ନଟ କରାଯାଇ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ପଢା ଯାଇ ପ୍ରାଥମିକ ପର୍ଯ୍ୟାୟରେ ରବିବାର ସାରା ଓଡ଼ିଶାରେ ଏକ ମୂଲ୍ୟାଙ୍କନ କରାଯାଇଥିଲା। ବନ୍ତ ବ୍ଲକ ଗଣିଜାଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ତତ୍ତ୍ୱାବଧାନରେ ନବଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ମାଧ୍ୟମରେ ୭ଗୋଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କୁ ସ୍ୱାଗତ କରାଯିବା ସହିତ ୧୫୦ ମାର୍କରେ ଭାଷା, ଗଣିତ ସମେତ ବିଭିନ୍ନ ବିଷୟରେ ପ୍ରାଥମିକ ସ୍ତରରେ ପରୀକ୍ଷା ହୋଇଥିଲା। ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ନିୟନ୍ତ୍ରକ ଓ ନିରିକ୍ଷକ ଉପସ୍ଥିତ ରହି ପରୀକ୍ଷା କରାଇଥିଲେ। ଶିକ୍ଷକ/ପ୍ରଧାନଶିକ୍ଷକ: ଟୁଟୁକୁମାର ପାଳ, ଗଗବିହାରୀ ଦାଶ, ପ୍ରଣତି ନାୟକ, ରଞ୍ଜନ କୁମାର ମୁଣ୍ଡା, ତନୁଜା ବାଳା ଜେନା, କଳ୍ପନା ଦାସ, ଅହଲ୍ୟା ସିଂ, ରମାକାନ୍ତ ବେହେରା, ମମତା ମହାନ୍ତି, ଆଶିଷ ଜେନା, ଶିବାନନ୍ଦ ନାୟକ, ବିଜୟ ଲକ୍ଷ୍ମୀ ଦାସ, ଅନାଦି ଚରଣ ନାୟକ, ଶରତ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଫସଲ ପର୍ଯ୍ୟାୟଭିତ୍ତିକ ପ୍ରଶିକ୍ଷଣ ଶିବିର

ବନ୍ତ/ଆଗରପଡ଼ା,୨୭।୧୦(ସମିସ): ବନ୍ତ ବ୍ଲକ୍ ଏଫ୍‌ଆଇଏସି କାର୍ଯ୍ୟାଳୟରେ ଫସଲ ପର୍ଯ୍ୟାୟ ଭିତ୍ତିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସହକାରୀ କୃଷି ଅଧିକାରୀ ସୁପ୍ରିୟା ମୁଦୁଲି ଓ କୃଷକ ନେତା ଶଙ୍କର୍ଷଣ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଫସଲରେ ବିଭିନ୍ନ ପୋକ ଲାଗିବାର ସମ୍ଭାବନା ଅଧିକ ଥିବାରୁ ତାହାର ସୁପରିଚାଳନା ଉପରେ ଗୁରୁତ୍ୱଆରୋପ କରିବା ସହିତ ଚାଷୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା। କମଦିନିଆ ବିହନ ବ୍ୟବହାର କରିବା ଧାନ ଚାଷରେ ଅମଳ ପରେ ପରେ ଏହି ଚାଷ ଜମିରେ ଫଳ ଓ ପନିପରିବା ଲଗାଇବା ପାଇଁ କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ଭିତ୍ତିକ ଯୋଜନାରେ ଲାଭ ବିଷୟରେ ମଧ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମ ଜୈବିକ କୃଷି ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅଗ୍ରଣୀ ଚାଷୀ ଅଂଶ ଗ୍ରହଣ କରିଥିଲେ। କୃଷି ଅଧୀଦର୍ଶକ ରଞ୍ଜନ କୁମାର ମହାନ୍ତି, ବଳଭଦ୍ର ବାର୍ଦା, ଗ୍ରାମ କୃଷି କର୍ମଚାରୀ ତପନ ସେଠୀ, ଶିବଶଙ୍କର ମୁର୍ମୁ, ବିମ୍ବାଧର ସେଠୀ, ଦୀପ୍ତିରଞ୍ଜନ ନାୟକ, ରଶ୍ମିରଞ୍ଜନ ନାୟକ, ମନ୍ଦାକିନୀ ସେଠି, ଚିନ୍ମୟୀ ଜେନା, ସହକାରୀ ବୈଷୟିକ ପରିଚାଳକ ମଦନମୋହନ ରାଉତ, ତାପସ କୁମାର ବେହେରା ଓ ଅମ୍ଳାନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



ବାସୁଦେବପୁର,୨୭।୧୦(ସମିସ): ବାସୁଦେବପୁର ପୌରପାଳିକା ନୀଳମଣୀ ଟାଉନହଲରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ଶିବିରରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ବିଧାୟକ ଅଶୋକ କୁମାର ଦାସ, ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଉପଜିଲ୍ଲାପାଳ ସୌରଭ କୁମାରଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର ଓ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଯୋଗଦେଇ ଥିଲେ। ଆଜି ୭୮ଗୋଟି ଅଭିଯୋଗ ଜିଲ୍ଲାପାଳ ଶୁଣିଥିଲେ। ବିଭିନ୍ନ ରୋଗରେ ପୀଡ଼ିତ ରୋଗୀମାନଙ୍କୁ ୮୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ଓ ରେଡକ୍ରସ ଫଣ୍ଡରୁ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଜନ ଶୁଣାଣି ଅନଲାଇନ ରେଜିଷ୍ଟ୍ରେସନ ପାଇଁ ବ୍ୟବସ୍ଥା ଥିବା ବେଳେ ଜନସାଧାରଣ ସଚେତନ ହେଉନାହାନ୍ତି। ଦିନ ଦୁଇଟା ପର୍ଯ୍ୟନ୍ତ ଲୋକ ଅଭିଯୋଗପତ୍ର ଧରି ଆସୁଛନ୍ତି। ଲୋକମାନେ ଅନଲାଇନ ରେଜିଷ୍ଟ୍ରେସନ କଲେ ଅଭିଯୋଗ ଶୁଣିବା ସୁବ୍ୟବସ୍ଥିତ ହୋଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ।

# ଅନ୍ଧାର ମଧ୍ୟରେ ଆଶା ଖୋଜୁଛି ବେବିଲତା

**ଅସହାୟ ପରିବାର ପାଇଁ ପ୍ରଶାସନିକ ହସ୍ତକ୍ଷେପ ଆବଶ୍ୟକ**

ଅସୁରାଳି,୨୭।୧୦(ସମିସ)



ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କୋରୁଆ ଗାଁର ବେବିଲତା ସେଠୀ (୪୦)ଙ୍କ ଜୀବନ ଏବେ ଦୁଃଖ, ଦାୟିତ୍ୱ ଓ ଅନିଶ୍ଚିତତାର ଅନ୍ଧାର ମଧ୍ୟରେ ଅଟକିଛି। ସ୍ୱାମୀ ନିରାକର ସେଠୀଙ୍କ ବର୍ଷେ ହେଲା ଅକାଳ ମୃତ୍ୟୁ ପରେ ଘରର ଦାୟିତ୍ୱ ତାଙ୍କ ଉପରେ ଏକାକି ଆସିପଡ଼ିଛି। ଘରର ଅନ୍ୟ ସଦସ୍ୟମାନେ ପୁଅ କୃଷ୍ଣଚନ୍ଦ୍ର (୧୫), କନ୍ୟା ଲକ୍ଷ୍ମିପ୍ରିୟା (୨୪), ହରପ୍ରିୟା (୨୦) ଓ ଜେଜେମା ରମାମଣି (୭୦), ସମସ୍ତଙ୍କ ଜୀବନ ବେବିଲତାଙ୍କ ଉପରେ ନିର୍ଭର କରୁଛି। ଘରର ମୁଖ୍ୟ ରୋଜଗାରିଆ ନିରାକରଙ୍କ ବିୟୋଗ ପରେ ଏହି ପରିବାର ଅର୍ଥନୈତିକ ଅସ୍ଥିରତାରେ ଜର୍ଜରିତ। ପ୍ରଶାସନ ପକ୍ଷରୁ ରାସନ ଓ ଆବାସ ଯୋଜନା ମିଳିଥିଲେ ମଧ୍ୟ ତାହା ଜୀବନ ଚଳାଇବା ପାଇଁ ଅପର୍ଯ୍ୟାପ୍ତ। ଦୁଇଓଳି ଦୁଇମୁଠା ଖାଇବା କାଠିକର ହେଉଥିବା ବେଳେ ଶିଶୁମାନଙ୍କ ପାଠପଢା ଖର୍ଚ୍ଚ ଜଟିଳ ହୋଇଯାଉଛି। ରମାମଣିଙ୍କ ବୟସ ୭୦, ଏ ବୟସରେ କାମ ଖୋଜିବା ତାଙ୍କ ପାଇଁ ଅସମ୍ଭବ। ବେବିଲତାଙ୍କ ଅନୁରୋଧ ଅନୁଯାୟୀ ପିଲାମାନଙ୍କ ଶିକ୍ଷା ନିମନ୍ତେ ଅର୍ଥ ହେଉନାହିଁ ତାଙ୍କ ପାଇଁ ଆର୍ଥିକ ସହାୟତା, ଜେଜେ ମାଆଙ୍କ ଚିକିତ୍ସା ଓ ଜୀବନ ଜିବିକା ନିମନ୍ତେ ପ୍ରଶାସନିକ ସହାୟତା ମିଳୁ। ଏହି ପରିବାର ପାଇଁ ତତ୍କାଳିନ ଭାବେ ଅର୍ଥନୈତିକ ଭତ୍ତା ବା ଜୀବିକା ଯୋଜନାର ଅନ୍ତର୍ଗତ ସହଯୋଗ, ଶିକ୍ଷା ସହାୟତା ପାଇଁ ଛାତ୍ରବୃତ୍ତି ବା ଶିକ୍ଷା ଯୋଜନାର ସୁବିଧା, ବୃଦ୍ଧା ଓ ଅସହାୟମାନଙ୍କ ପାଇଁ ବୃଦ୍ଧାଭତ୍ତା ଓ ଚିକିତ୍ସା ସହଯୋଗ, ଘର ଚାଲାଇବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବା ଘରୁ ବ୍ୟବସାୟ ଆରମ୍ଭ ପାଇଁ ଅନୁଦାନ ପ୍ରଭୃତି ସୁବିଧା ଯୋଗାଇବା ଆଦି ସହାୟତା ଆବଶ୍ୟକ ପାଇଁ ଦାବି କରିଛନ୍ତି। ଏହି ଅବସ୍ଥାରେ ବେବିଲତାଙ୍କ ପରିବାର ପାଇଁ ଏକ ମାନବିକ ଓ ପ୍ରଶାସନିକ ହସ୍ତକ୍ଷେପ ଆବଶ୍ୟକ। ସ୍ଥାନୀୟ ପ୍ରଶାସନ, ସାମାଜିକ ସଂଗଠନ ଓ ଦାୟିତ୍ୱବାନ ନାଗରିକମାନେ ଏହି ଅନ୍ଧାର ଘରକୁ ଆଶାର ଆଲୋକ ଦେଇପାରନ୍ତି।

## ଜମୁଛି ବାସୁଦେବପୁର କାଳୀପୂଜା

**ପୂଜାମଣ୍ଡପ ବୁଲି ଆଶୀର୍ବାଦ ଭିକ୍ଷାକଲେ ପୂର୍ବତନ ବିଧାୟକ**



ବାସୁଦେବପୁର,୨୭।୧୦(ସମିସ): ଜମୁଛି ବାସୁଦେବପୁର ପ୍ରସିଦ୍ଧ କାଳୀପୂଜା। ହଜାର ହଜାର ଲୋକଙ୍କ ସମାଗମ ଲାଗିଥିବା ବେଳେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସହଯୋଗୀଙ୍କ ସହିତ ବିଭିନ୍ନ ପୂଜାମଣ୍ଡପ ବୁଲି ମାଆ କାଳୀଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ବାସୁଦେବପୁର ପୌରପାଳିକାର ଆମ କାଳୀପୂଜା କମିଟି ପକ୍ଷରୁ ୧୯୪୪ ମସିହାରେ ଆରମ୍ଭ ହୋଇଥିଲା କାଳୀପୂଜା। ତତ୍କାଳୀନ ବାସୁଦେବପୁର ଥାନା ଅଧିକାରୀ ମହେନ୍ଦ୍ର ଦାସଙ୍କୁ ସ୍ୱପ୍ନାଦେଶ ହେବାରୁ, ବାସୁଦେବପୁର କିଛି ବୁଦ୍ଧିଜୀବୀଙ୍କୁ ନେଇ ଆରମ୍ଭ କରିଥିଲେ କାଳୀପୂଜା। ବାସୁଦେବପୁର ମଧ୍ୟସ୍ଥଳୀ ଟ୍ରାଫିକ ଛକରେ ଆରମ୍ଭ ହେଲା କାଳୀପୂଜା। ଆମ କାଳୀପୂଜା କମିଟିର ଉଭୟ ହିନ୍ଦୁ ଓ ମୁସଲମାନ ଉଭୟ କମିଟିର ସଦସ୍ୟ ରହି ଆସୁଛନ୍ତି। ପରେ ୧୯୮୫ ମସିହାର ଆରମ୍ଭ ହୋଇଥିଲା ବ୍ଲକ ରୋଡ କାଳୀ ପୂଜା କମିଟି। ୧୯୮୭ ମସିହାର ଆରମ୍ଭ ହେଲା ହାଇସ୍କୁଲ ଛକ କାଳୀପୂଜା କମିଟି। ନୂଆ ବସଷ୍ଟାଣ୍ଡର ୧୯୯୫ ମସିହାର ଆରମ୍ଭ ହୋଇଥିବା କାଳୀପୂଜା କମିଟିର ମୃଣ୍ମୟୀ ମୂର୍ତ୍ତିରୁ ଆରମ୍ଭ ହୋଇଥିଲା। ଏବେ ୩ ବର୍ଷ ଧରି ପଥର ମୂର୍ତ୍ତିରେ ମାଆ ଦକ୍ଷିଣେଶ୍ୱରୀ କାଳୀପୀଠ ଦେବୀ ଭାବେ ପୂଜା ପାଉଛନ୍ତି। ବାସୁଦେବପୁର ପ୍ରସିଦ୍ଧ କାଳୀପୂଜାକୁ ଭଦ୍ରକ ବାଲେଶ୍ୱର ଓ କେନ୍ଦ୍ରାପଡ଼ାର ଲୋକମାନେ ଉପଭୋଗ କରନ୍ତି। ଯିଏ ଯେଉଁ କର୍ମ କ୍ଷେତ୍ରରେ ରହିଲେ ବି କାଳୀପୂଜାରେ ବନ୍ଧୁ ମେଳନ ହୋଇଥାଏ। ବାସୁଦେବପୁରରେ ଦୀର୍ଘ ୧୫ ଦିନ ଧରି ଚାଲିବାକୁ ଥିବା କାଳୀପୂଜାରେ ଦୋକାନ ବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥାଏ। ନଭେମ୍ବର ୯ ତାରିଖରେ ମିଳିତ ଭାବେ ୪ଟି କମିଟିର ଭସାଣୀ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଉତ୍ସବ ଅନୁଷ୍ଠିତ ହେବ। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ପୌରାଧକ୍ଷା ନିବେଦିତା ବେହେରା, ଉପାଧକ୍ଷ ଉତ୍ତମ ବାରିକ, ଦୀନବନ୍ଧୁ ଦାସ, ମାନସ ରଞ୍ଜନ ସାହୁ, ପ୍ରଫୁଲ୍ଲ ପଳିତା, ଗୌତମ ସେଠୀ ପ୍ରମୁଖ ମଣ୍ଡପ ବୁଲି ମାଆଙ୍କ ଆର୍ଶୀବାଦ ଭିକ୍ଷା କରିଛନ୍ତି। ବାସୁଦେବପୁର କାଳୀପୂଜା ଭାଇଚାରାର ନିଦର୍ଶନ। ପୁରପଲ୍ଲୀର ଗଣ ପର୍ବ ଭାବେ ପାଳିତ ହେଉଥିବା କାଳୀପୂଜା ସମସ୍ତଙ୍କୁ ଏକତା ଡୋରୀରେ ବାନ୍ଧି ରଖିବାର ଏକ ବଳିଷ୍ଠ ମାଧ୍ୟମ।


# ସରିଲା କାଳୀପୂଜା; ମଙ୍ଗଳବାର ଭସାଣି







## ଶେଷ ଦିନରେ ବର୍ଷା ସତ୍ତ୍ୱେ ଜମିଲା ଭିଡ଼



**ଯାଜପୁର, ୨୭ ।୧୦(ସମିସ):** ଯାଜପୁରର ଗଣପର୍ବ କାଳୀପୂଜା ଶେଷ ହୋଇଛି । ଆଜି ଶେଷ ଦିନରେ ସନ୍ଧ୍ୟା ସମୟରେ ବର୍ଷା ହୋଇଥିଲା । ଯାହା ଦର୍ଶକ ଓ ଶ୍ରଦ୍ଧାଳୁଙ୍କୁ ନିରାଶ କରିଥିଲା । କିନ୍ତୁ ଅଳ୍ପ ସମୟ ବର୍ଷା ହେବା ପରେ ପାଗ ସମ୍ପୂର୍ଣ୍ଣ ଶୁଖିଲା ହୋଇଯାଇଥିଲା । ଫଳରେ କାଳୀପୂଜାର ଶେଷ ଦିନରେ ମଜା ଉଠାଇବା ପାଇଁ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା । ଯେଉଁ ବ୍ୟବସାୟୀ ପ୍ରତିଷ୍ଠାନ ଗୁଡିକ ବର୍ଷା ଯୋଗୁଁ ବନ୍ଦ ହୋଇଯାଇଥିଲା ତାହା ପାଗ ଅନୁକୂଳ ହେବା ପରେ ଖୋଲିଥିବା ଦେଖିବାକୁ ମିଳିଥିଲା । ସେହିପରି ଯେଉଁ ମଣ୍ଡପ ଗୁଡିକରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର କାର୍ଯ୍ୟକ୍ରମ ରହିଥିଲା ବର୍ଷା ପାଗ ଯୋଗୁଁ ଏହା ଫିକା ପଡ଼ିଯାଇଥିଲା । କିନ୍ତୁ ପରବର୍ତ୍ତି ସମୟରେ ମେଲୋଡି କାର୍ଯ୍ୟକ୍ରମ ସୁରୁଖୁରରେ ହୋଇଥିବା ଦେଖିବାକୁ ମିଳିଛି । ସେପଟେ ସହରର ଗୋଟିଏ ପଟେ ମଙ୍ଗଳବାର ଭସାଣ ଉତ୍ସବ ଅନୁଷ୍ଠିତ ହେବ । ସେଥିପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି । ପୁଲିସ ପ୍ରଶାସନ ପକ୍ଷରୁ ଭିଡ଼କୁ ନିୟନ୍ତ୍ରଣ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ବେଳେ ଭସାଣ ପର୍ବକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି ।



### କାଳୀପୂଜା ଦୁର୍ଘଟଣା ଘଟଣା

## ଆଉ ଜଣେ ମୃତ



**ବ୍ୟାସନଗର, ୨୭ ।୧୦(ସମିସ):** ବ୍ୟାସନଗରର ପ୍ରସିଦ୍ଧ କାଳୀପୂଜା ଦେଖି ଫେରୁଥିବା ବେଳେ ଘଟିଥିବା ଦୁର୍ଘଟଣାରେ ଆଉ ଜଣଙ୍କର ମୃତ୍ୟୁ ହୋଇଯାଇଛି । ଫଳରେ ଏଥିରେ ମୃତ୍ୟୁସଂଖ୍ୟା ୨ରେ ପହଞ୍ଚିଛି । ଏହି ଘଟଣାରେ ଆଉ ୬ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି ।

ରବିବାର କୋରେଇ ବ୍ଲକ ବଳଦିଆ ଅଞ୍ଚଳର କିଛି ଲୋକ ମେଳି ହୋଇ ଯାଜପୁର ରୋଡ୍ କାଳୀପୂଜା ଦେଖି ଫେରୁଥିବା ବେଳେ ନୂଆଗଡ଼ ଗୋଲେଇ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ବଳଦିଆ ଗ୍ରାମର ମମତା ସାମଲ(୪୫)ଙ୍କ ମୃତ୍ୟୁ ହୋଇଯାଇଥିଲା । ଏଥିରେ ଆକାଶ ମଲ୍ଲିକ(୧୨), ଅଂଶୁ ଚୌଧୁରୀ(୧୫), ପିଙ୍କି ମାଝୀ(୧୪), କାଳିକା ସାମଲ(୬୬), ରାଜା ସାମଲ(୨୨), ତୁଳସୀ ମଲ୍ଲିକ (୩୬), ରୋଜି ମଲ୍ଲିକ (୧୭) ପ୍ରମୁଖ ଗୁରୁତର ହୋଇ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ । ତେବେ ଅଂଶୁ ଚୌଧୁରୀ ଏବଂ ପିଙ୍କି ମାଝୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ପିଙ୍କି ମାଝୀଙ୍କ ସେଠାରେ ମୃତ୍ୟୁ ହୋଇଯାଇଛି ।

ଏପରି ହୃଦୟ ବିଦାରକ ଦୁର୍ଘଟଣା ଖବର ପାଇ ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ତଥା ବିଜେଡି ନେତା ଭବପ୍ରସାଦ ଦାସ ସୋମବାର କୋରେଇ ସ୍ଥିତ ବଳଦିଆ ଗ୍ରାମର କାର୍ତ୍ତିକ ସାମଲଙ୍କ ଘରେ ପହଞ୍ଚି ତାଙ୍କ ମୃତ ପତ୍ନୀଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ । ସେହିପରି ସମସ୍ତ ଆହତ ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ସେମାନଙ୍କୁ ପରିବାର ଲୋକଙ୍କ ସହିତ କଥା ହୋଇଛନ୍ତି ।

### ବାବା ଭୈରବାନନ୍ଦ ମହାବିଦ୍ୟାଳୟରେ ଦୁର୍ନୀତି ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ନେବାକୁ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ

**ବଡ଼ଚଣା, ୨୭ ।୧୦ (ସମିସ):** ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡିଟ୍ ରିପୋର୍ଟରେ ଲକ୍ଷଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ଜଣାପଡ଼ିଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କରାଯାଇଥିବା ଏହି ଅଡିଟ ରିପୋର୍ଟରେ ଟଙ୍କା ତୋଷରପାତ ହୋଇଥିବା ବେଳେ ଏଥିପାଇଁ ପ୍ରାକ୍ତନ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ୨୦୨୨-୨୩ ଓ ୨୦୨୩-୨୪ ଶିକ୍ଷା ବର୍ଷରେ ବିଭିନ୍ନ ଉନ୍ନୟନ କାମକୁ ନେଇ ଏପରି ଅର୍ଥ ତୋଷରପାତ ହୋଇଥିବା ଉଚ୍ଚଶିକ୍ଷା ବିଭାଗ ଅଡିଟ ରିପୋର୍ଟରେ ଦର୍ଶାଯାଇଛି । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ (୫୪୬୨୭/୧୦-୧୦-୨୦୨୫)ରେ କଲେଜର ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ମହାପାତ୍ରଙ୍କୁ ଏହି ରିପୋର୍ଟ ଆସିଛି ଏବଂ ଏହା ଉପରେ ଏହି ଅର୍ଥ ହେରଫେରରେ ସମ୍ପୃକ୍ତ ଥିବା ପ୍ରାକ୍ତନ ଅଧ୍ୟକ୍ଷ ଓ ଅନ୍ୟ ଅଧ୍ୟାପକଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଛି । ପ୍ରକାଶ ଥାଉକି ଏହି ଦୁଇଟି ଆର୍ଥିକ ବର୍ଷରେ ତତ୍କାଳିନ ଅଧ୍ୟକ୍ଷ କିପରି ବିନା ଅନୁମତିରେ ସରକାରୀ ଅର୍ଥକୁ ଅଧ୍ୟାପକଙ୍କ ହାତକୁ ଟେକିଦେଲେ । ଯେଉଁ ଅଧ୍ୟାପକ ଏହି ଅର୍ଥ ହେରଫେରରେ ସମ୍ପୃକ୍ତ ସେମାନେ ସମସ୍ତେ ସ୍ଥାନୀୟ ଅଞ୍ଚଳର ବୋଲି ବେଶ ଚର୍ଚ୍ଚା ହେଉଛି । ଏହି ରିପୋର୍ଟ ଆସିଥିବା ଜାଣିବା ପରେ ଯେଉଁ ଅଧ୍ୟାପକ ମାନେ ଏଥିରେ ସମ୍ପୃକ୍ତ ସେମାନ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏହି ଦୁଇ ଆର୍ôଥକ ବର୍ଷରେ କଲେଜକୁ କୋଟିକୋଟି ଟଙ୍କା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ କରିବାର ଥିଲା ବେଳେ ଏହାକୁ କିପରି ଜଣେ ଲୋକ ପ୍ରତିନିଧି ବୁଝୁଥିଲେ ବୋଲି ଆଲୋଚନା ହେଉଛି । ତେବେ ଯଦି ସମ୍ପୃକ୍ତ ଲୋକପ୍ରତିନିଧି ଏହି ସରକାରୀ ଅର୍ଥ ଖର୍ଚ୍ଚ କରିବାକୁ ଦାୟିତ୍ୱ ନେଲେ ତେବେ ଅଡିଟ ରିପୋର୍ଟରେ କିପରି ତାଙ୍କ ନାମ ଆସିଲାନାହିଁ । ଦୀର୍ଘ ବର୍ଷ ଧରି ଚଣ୍ଡିଖୋଲ କଲେଜର ସୁନାମ ଥିଲା ଯାହାଫଳରେ ଏଠାରେ ଉତ୍କଳ ୟୁନିଭସିଟିର ଦ୍ୱିତୀୟ କ୍ୟାମ୍ପସ ପାଇ ଅନୁମତି ମିଳିଥିଲା । ତାହା ମଧ୍ୟ ଅନୁମୋଦନ ହୋଇଥିଲା । କିନ୍ତୁ ଏବେ କଲେଜରେ ଅର୍ଥ ହେରଫେର ଘାଟଣାରେ ଯେଉଁମାନେ ଦାୟୀ ଅଛନ୍ତି ସେମାନଙ୍କ ବିରୋଧରେ ଉଚ୍ଚଶିକ୍ଷା ବିଭାଗ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ କଲେଜକୁ ଭଲପାଉଥିବା ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦାବି କରିଛନ୍ତି । କିଛି ସ୍ଥାନୀୟ ଅଧ୍ୟାପକ ଏହି ତୋଷରପାତରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ତୁରନ୍ତ ଏହି କଲେଜରୁ ଅନ୍ୟ କଲେଜକୁ ବଦଳି କରାଯିବା ଦାବି ଜୋର ଧରିଛି ।

## ସପ୍ତାହେ ନ ପୂରୁଣୁ ଉଠିଗଲା ପିଚୁ




**ବରୀ, ୨୭ ।୧୦(ସମିସ):** ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ପିଚୁ ରାସ୍ତା ମାତ୍ର ୫ ଦିନରେ ନଷ୍ଟ ହୋଇଗଲା । ୧୯ ଏବିସି ବରୀ-ବିଦୃପା ପୂର୍ତ୍ତ ବିଭାଗ ରାସ୍ତା ବରୀ ଦରଘା ଠାରୁ ବରୀ ମାଉଣ୍ଡ ପର୍ଯ୍ୟନ୍ତ ପିଚୁ କାମ କରିବା ପାଇଁ ଠିକାଦାର ତିନି ମାସ ପୂର୍ବରୁ ରାସ୍ତାକୁ ଖୋଳି ତାଡ଼ି ପକାଇଥିବାରୁ ଜନ ସାଧାରଣ ଯାତାୟତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଗତ ଚାରି ପାଞ୍ଚ ଦିନ ତଳେ ପିଚୁ କରା ଯାଇଥିଲା । ଏହି କାର୍ଯ୍ୟ ଏତେ ମଜଭୁତ କରାଯାଇଛି ଯେ କୃପାସିନ୍ଧୁ ବିଦ୍ୟାଭବନ ଠାରୁ ବରୀମାଉଣ୍ଡ ମୁଖ୍ୟ ବଜାର ପର୍ଯ୍ୟନ୍ତ ରାସ୍ତାର ପିଚୁ ସମ୍ପର୍ଣ୍ଣ ଉଠିଗଲାଣି । ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରି ପରିଦର୍ଶନ କରି ତଦନ୍ତ କରିବା ସହିତ ପୁନର୍ବାର ପିଚୁ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି ।

## ହିତାଧିକାରୀଙ୍କ ଭତ୍ତା ସ୍ଥଗିତ; ଗଣଧାରଣା ଚେତାବନୀ



**ସିଂହପୁର, ୨୭।୧୦(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତରେ ଚଳିତ ଅକ୍ଟୋବର ମାସରେ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ଶତାଧିକ ହିତାଧିକାରୀ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହି ଘଟଣାକୁ ନେଇ ଜରି ପଞ୍ଚାୟତରେ ଉତ୍ତେଜନା ଦେଖାଦେଇଛି । ଏହାକୁ ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି । ପ୍ରକାଶ ଯେ, ଜରି ପଞ୍ଚାୟତର କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଉଚ୍ଚନ୍ୟାୟାଳୟରେ ମାମଲା କରିବାରୁ କିଛି ଗରିବ ହିତାଧିକାରୀଙ୍କ ଭତ୍ତା କଟାଯାଇଛି । ଏହି ହିତାଧିକାରୀଙ୍କ ଭତ୍ତା ପାଇବାକୁ ସମସ୍ତ ଯୋଗ୍ୟତା ରହିଛି । ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ହେଲା ସେମାନେ ଭତ୍ତା ପାଇ ଆସୁଛନ୍ତି । ହଠାତ ଏହି ମାସରେ ସେମାନଙ୍କର ଭତ୍ତା ବନ୍ଦ କରାଯାଇଛି । ଯଥାଶୀଘ୍ର ଏହାର ତଦନ୍ତ କରି ଭତ୍ତା ପ୍ରଦାନ କରିବାକୁ ଜରି ପଞ୍ଚାୟତର ଜରି, ନାଉବାଙ୍କ, ନେମର ଗ୍ରାମର ଭତ୍ତାରୁ ବଞ୍ଚିତ ହିତାଧିକାରୀମାନେ ଯାଜପୁର ଜିଲ୍ଲାପାଳ, ବିଡିଓ, ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଆଜି ଜରି ସରପଞ୍ଚ ନନ୍ଦକିଶୋର ମଲ୍ଲିକ, ସୁବ୍ରତ କୁମାର ସାମଲ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ମନୋଜ କୁମାର ସାମଲ, ଯୁବ ନେତା ସୁବ୍ରତ କୁମାର ସାମଲ, ପ୍ରାକ୍ତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ପ୍ରମୋଦ କୁମାର ସାମଲ, ଅମର ମଲିକ ପ୍ରମୁଖ ଜିଲ୍ଲାପାଳ ଓ ବିଡିଓକୁ ଲିଖିତ ଅଭିଯୋଗ କରିଛନ୍ତି । ନଭେମ୍ବର ମାସ ଦୁଇ ତାରିଖ ସୁଦ୍ଧା ସ୍ଥଗିତ ହିତାଧିକାରୀଙ୍କ ଭତ୍ତା ପ୍ରଦାନ ନ କଲେ ୩ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଏହି ପ୍ରତିନିଧି ଓ ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି ।

## ଦୁର୍ନୀତି ନିବାରଣ ଶପଥ ପାଠ



**ଯାଜପୁର, ୨୭।୧୦(ସମିସ):** ଆଜି ଯାଜପୁର ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ଶପଥ ପାଠ ସଭା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ମାନଙ୍କୁ ସଚ୍ଚୋଟତା ଓ ନିଷ୍ଠା ସହିତ କାର୍ଯ୍ୟପାଳନ ନିମନ୍ତେ ଶପଥ ପାଠ କରାଇଥିଲେ । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଉପଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗ ସୁଶୀଲ କୁମାର ଏକ୍କା, ଡିଏସପି ସୁଲୋଚନା ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ସହକାରୀ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ । ପୂର୍ବାହ୍ନରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲ୍ଲାର ବିଭିନ୍ନ ସ୍ଥାନ ଭ୍ରମଣ କରି ଦୁର୍ନୀତି ବିରୋଧରେ ଜନସାଧାରଣଙ୍କୁ ସଚେତନ କରିବା ସହ ନୀତି ପରାୟଣତା ଓ ସଚ୍ଚୋଟତାର ବାର୍ତ୍ତା ପ୍ରଚାର କରିବ ।

## ଅଣଓସାରିଆ ଗଳିପୋଲ ନିର୍ମାଣକୁ ବିରୋଧ



**ଧର୍ମଶାଳା, ୨୭।୧୦(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଗାନ୍ଧୀଛକ ଠାରେ ଅଣଓସାରିଆ ଗଳିପୋଲ ନିର୍ମାଣକୁ ବିରୋଧ କରି ସ୍ଥାନୀୟ କଣ୍ଟିଗଡ଼ିଆ ଓ କ୍ଷେତ୍ରପାଳ ପଞ୍ଚାୟତ ସମେତ ସ୍ଥାନୀୟ କେତେକ ପଞ୍ଚାୟତବାସୀ ଏହାର ପ୍ରତିବାଦ ସ୍ୱରୁପ ଗାନ୍ଧୀ ଛକ ଠାରେ ଗଣଧାରଣା ଦେଇଥିଲେ । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଗାନ୍ଧୀ ଛକ ନିକଟରେ ଏକ ଅଣଓସାରିଆ ଗଳିପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଯାହାକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ଏଠାରେ ଏକ ବଡ଼ ଗଳିପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି । ରାସ୍ତା ଉପରେ ଲୋକମାନେ ଧାରଣାରେ ବସି ରହିବା ଫଳରେ ଉକ୍ତ ରାସ୍ତା ଦେଇ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ଖବର ପାଇ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ବିଜେପି ସଙ୍ଗଠକ ପ୍ରଦୀପ କୁମାର ପରିଡ଼ା ପ୍ରମୁଖ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ ହେଁ ଜିଲ୍ଲାପାଳ ଘଟଣାସ୍ଥଳକୁ ଆସି ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ସେମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଥିଲେ । ସୂଚନା ମୁତାବକ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଗାନ୍ଧୀ ଛକଠାରେ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ଗଳିପୋଲ ନିର୍ମାଣ କରାଯାଉଛି । ହେଲେ ଏହି ଗଳିପୋଲର ଉଚ୍ଚତା କମ୍ ଓ ଅଣ ଓସାରିଆ ହୋଇଛି । ଏହି ଗଳିପୋଲ ଉପରେ ଧର୍ମଶାଳା ଓ ବଡ଼ଚଣା ବ୍ଲକର ୧୩ ଗୋଟି ପଞ୍ଚାୟତ ବାସିନ୍ଦା ନିର୍ଭରଶୀଳ । ନବନିର୍ମିତ ଗଳିପୋଲ ଦେଇ ବଡ ଗାଡ଼ି ଯାତାୟାତ ସମ୍ଭବପର ହେବ ନାହିଁ । ବିଶେଷ କରି ଜରୁରୀକାଳୀନ ସେବା ଭଳି ଗାଡ଼ି ଗୁଡ଼ିକ ଆସିବା ଯିବାରେ ମଧ୍ୟ ଅନେକ ସମସ୍ୟା ଦେଖାଦେବ । ସେହିପରି ଚାଷୀମାନେ ଚାଷରେ ବ୍ୟବହୃତ ଗାଡ଼ି ଗୁଡ଼ିକ ବ୍ୟବହାର ପାଇଁ ମଧ୍ୟ ସମସ୍ୟା ଉପୁଜିବ । ଏ ବିଷୟରେ ବାରମ୍ବାର ପ୍ରଶାସନ ପାଖେ ଏହାର ସମାଧାନ ନିମନ୍ତେ ଜଣାଇଥିଲେ ବି ପ୍ରଶାସନ ପକ୍ଷରୁ ଏହାକୁ ଦୃଷ୍ଟି ଦିଆଯାଉନାହିଁ । ଏହାର ପ୍ରତିବାଦରେ ଆଜି ସକାଳୁ ସ୍ଥାନୀୟ ଲୋକେ ଗାନ୍ଧୀ ଛକ ନିକଟରେ ରାସ୍ତା ଅବରୋଧ କରି ବସି ରହିଥିଲେ । ରାଜପଥର ଦୁଇ ପାର୍ଶ୍ୱରେ ଅନେକ ଗାଡ଼ି ଲମ୍ବା ଲାଇନ କରି ଛିଡ଼ା ହୋଇ ରହିଥିଲେ । ଘଟଣା ସ୍ଥଳରେ ପିକେ ବର୍ମା ଜାତୀୟ ରାଜପଥ ପିଡି ପହଞ୍ଚି ବୁଝାସୁଝା କରିବା ସହ ୩୦ଦିନର ସମୟ ନେଇଥିଲେ । ପରେ ଆନ୍ଦୋଳନ ହଟିଥିଲା ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ସାଇବର ସୁରକ୍ଷା ଅଭିଯାନ ଆରମ୍ଭ

**ଦଶରଥପୁର/କୟାଁଗୋଲା, ୨୭।୧୦ (ସମିସ):** ଦଶରଥପୁର ଓ ମଙ୍ଗଳପୁର ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି । ମଙ୍ଗଳପୁର ଥାନା ପକ୍ଷରୁ ମଙ୍ଗଳପୁର ମହିଳା ମହାବିଦ୍ୟାଳୟରେ ଥାନା ଅଧିକାରୀ ଜଗଦୀଶ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଇନ୍ସପେକ୍ଟର ବିଭୁତି ଭୂଷଣ ମହାପାତ୍ର, ଏଏସଆଇ ଜଟାଧାରୀ ଦାସ, ସଂଯୁକ୍ତା ପଣ୍ଡା ପ୍ରମୁଖ ଯୋଗ ଦେଇ ସଚେତନତା କରିଥିଲେ । ଅପରାହ୍ନରେ ଦଶରଥପୁର ଥାନା ପକ୍ଷରୁ ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦଶରଥପୁର ଥାନା ଅଧିକାରୀ ଶରତ କୁମାର ନାୟକ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସଡିପିଓ ପ୍ରଶାନ୍ତ କୁମାର ମାଝୀ ଯୋଗ ଦେଇ ଲୋକମାନଙ୍କୁ ସଚେତନତା କରାଇଥିଲେ । ବରିଷ୍ଠ ନାଗରିକ, ଛାତ୍ରୀ ପ୍ରମୁଖ ଏହି ସଚେତନତା ସଭାରେ ଅଂଶ ଗ୍ରହଣ କରିଥିଲେ ।

# ବାରିପଦା ହସ୍ପିଟାଲ ରକ୍ତଭଣ୍ଡାରରେ ରକ୍ତସଂକଟ

ବାରିପଦା, ୨୭।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ହସ୍ପିଟାଲ ପରିସରରେ ଥିବା ବାରିପଦା ରକ୍ତଭଣ୍ଡାରରେ ବର୍ତ୍ତମାନ ରକ୍ତ ସଂକଟ ଦେଖାଦେଇଛି। ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରକ୍ତର ଆବଶ୍ୟକତା ମଧ୍ୟ ବଢ଼ିବାରେ ଲାଗିଛି। କିନ୍ତୁ ଆବଶ୍ୟକ ତୁଳନାରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସଂଖ୍ୟା ହ୍ରାସ ବର୍ତ୍ତମାନ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି।

ରକ୍ତ ଅଭାବ ଦୂର କରିବାକୁ ବାରିପଦା ରକ୍ତଭଣ୍ଡାର ପକ୍ଷରୁ ବିଭିନ୍ନ ସଙ୍ଗଠନ ଜରିଆରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ସଂଗ୍ରହ ତତ୍‌ସହିତ ରକ୍ତଭଣ୍ଡାରକୁ ମିଳିଥିବା ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଭ୍ୟାନ ଜରିଆରେ ଛୋଟଛୋଟ ଶିବିର ମାଧ୍ୟମରେ ରକ୍ତ ସଂଗ୍ରହ କରାଯାଉଛି। ବିଭିନ୍ନ ସଙ୍ଗଠନକୁ ଛାଡ଼ିଦେଲେ ଅନେକ ସ୍ୱେଚ୍ଛାକୃତ ରକ୍ତଦାତା ନିୟମିତ ବ୍ୟବଧାନରେ ରକ୍ତଦାନ କରୁଛନ୍ତି। ତଥାପି ରକ୍ତ ଅଭାବ ଦେଖାଯାଇଛି।

ତଥ୍ୟ ଅନୁସାରେ, ୨୦୨୩ ମସିହାରେ ୧୦୮ଟି ରକ୍ତଦାନ ଶିବିର ଓ ୬୮୫୧ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୧୨,୪୩୯ ୟୁନିଟ ସଂଗୃହୀତ ହୋଇଥିଲା। ସେଥିମଧ୍ୟରୁ ୩୭୯ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୧୯୨୪ଜଣ ରୋଗୀ




ଓ ୫,୫୮୮ଜଣଙ୍କୁ ବଦଳ ରକ୍ତଦାନ କରାଯାଇଛି। ୨୦୨୪ରେ ୯୨ଟି ରକ୍ତଦାନ ଶିବିର, ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରତିବଦଳ ମିଶି ୧୩ହଜାର ୮୭୩ ମୋଟ ୧୦,୪୦୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସେଥିମଧ୍ୟରୁ ୨୬୧ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୩,୫୦୮ ୟୁନିଟ୍ ରୋଗୀଙ୍କୁ ପ୍ରଦାନ କରାଯାଇଛି। ସେହିପରି, ଚଳିତ ୨୦୨୫ବର୍ଷରେ ଆଜି ପର୍ଯ୍ୟନ୍ତ ୧୦୭ଟି ରକ୍ତଦାନ ଶିବିର, ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରତିବଦଳ ମିଶି ୧୨ହଜାର ୫୦୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି।

■ ମାତ୍ର ୧୨୮ ୟୁନିଟ୍‌ରୁ ୪ ନେଗେଟିଭ୍ ବର୍ଗର ଆଦୌ ମହଜୁଦ ନାହିଁ
■ ହ୍ରାସ ପାଉଛି ସ୍ୱେଚ୍ଛାକୃତ ରକ୍ତଦାତା

ସେଥିମଧ୍ୟରୁ ୧୮୫ଟି ସଂକ୍ରମିତ ରକ୍ତ ରହିଥିବା ବେଳେ ୧୨,୬୯୫ ୟୁନିଟ୍ (ପୂର୍ବବର୍ଷର ବଳକା ମିଶାଇ) ରକ୍ତ ରୋଗୀଙ୍କୁ ପ୍ରଦାନ କରାଯାଇଛି। ଏହା ସତ୍ତ୍ୱେ ରକ୍ତ ଅଭାବ ଦେଖାଦେଇଛି।

ରକ୍ତଭଣ୍ଡାର ଦାୟିତ୍ୱରେ ଥିବା ଡା. ରଞ୍ଜନ ନାୟକଙ୍କ କହିବାନୁଯାୟୀ, ବର୍ତ୍ତମାନ ରକ୍ତଭଣ୍ଡାରରେ ମାତ୍ର ୧୨୮ ୟୁନିଟ୍ ରକ୍ତ ରହିଛି। ଯାହାକି ଜରୁରୀ ସମୟରେ ପ୍ରତିବଦଳ ଭାବେ ଦିଆଯାଇପାରିବ। ତେବେ ୪ଟି ନେଗେଟିଭ୍ ବର୍ଗ(ଏ, ବି, ଓ, ଏବି) ରକ୍ତ ଆଦୌ ନଥିବାରୁ ସ୍ଥିତି ସାଂଘାତିକ ରହିଛି। ଜିଲ୍ଲାରେ ରକ୍ତ ଅଭାବ ପୂରଣ ପାଇଁ ବ୍ୟାପକ ଭାବେ ରକ୍ତଦାନ ଶିବିର ଜରିଆରେ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିବାକୁ ସେ ନିବେଦନ କରିଛନ୍ତି।

ଗୁରୁତର ରକ୍ତ ସଂକଟ ଯୋଗୁଁ ସୋମବାର ଜଣେ ଗୁରୁତର ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ସାମ୍ବାଦିକ ରଞ୍ଜନ ଦାଶ ଓ ଦଳଗୋବିନ୍ଦ ବାରିକ ରକ୍ତଦାନ କରିଛନ୍ତି। ରାସଗୋବିନ୍ଦପୁର ବ୍ଲକ, ଅମର୍ଦା ଗ୍ରାମର ମୁରଲୀ ବେହେରା ଘରକାମ କରୁଥିବା ବେଳେ ପଡ଼ିଯିବାରୁ ତାଙ୍କର ଗୋଡ଼ ଭାଙ୍ଗିଯାଇଥିଲା। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୋଡ଼ ହାଡ଼ ଯୋଡ଼ିବା ପାଇଁ ଅସ୍ତ୍ରୋପଚାର ଜରୁରୀ ଥିବା ବେଳେ ତାଙ୍କ ରକ୍ତରେ ପ୍ଲାଟିଲେଟ୍ କମ୍ ଥିବାରୁ ୪ ୟୁନିଟ୍ ରକ୍ତର ଆବଶ୍ୟକତା ରହିଥିଲା। କିନ୍ତୁ ରକ୍ତଭଣ୍ଡାରରେ ରକ୍ତ ଅଭାବ ପାଇଁ ତାଙ୍କର ଅସ୍ତ୍ରୋପଚାର ଅଟକି ରହିଥିଲା। ଖବର ପାଇ ଉପରୋକ୍ତ ଦୁଇ ସାମ୍ବାଦିକ ରକ୍ତଦାନ କରିବାରୁ ରକ୍ତଭଣ୍ଡାରରୁ ପ୍ରତିବଦଳ ରକ୍ତ ସମ୍ପୃକ୍ତ ରୋଗୀଙ୍କୁ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆନ୍ଧ୍ରରେ ପବନ...

ତେଣୁ ୨୮ରେ ୬ ଜିଲ୍ଲା ଓ ୨୯ ତାରିଖରେ ୪ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ବର୍ତ୍ତମାନ ସମୁଦ୍ର ମଧ୍ୟରେ ବାତ୍ୟା ଘଣ୍ଟାପ୍ରତି ୧୭ କିମି ବେଗରେ ଗତି କରୁଥିବା ବେଳେ ଏବେ ଏହା ଗୋପାଳପୁରଠାରୁ ୭୧୦ କିମି ଦକ୍ଷିଣରେ, ଚେନ୍ନାଇଠାରୁ ପ୍ରାୟ ୪୪୦ କିଲୋମିଟର ପୂର୍ବ-ଦକ୍ଷିଣ-ପୂର୍ବ, କାକିନାଡାଠାରୁ ୪୯୦ କିଲୋମିଟର ଦକ୍ଷିଣ-ଦକ୍ଷିଣ-ପୂର୍ବ, ବିଶାଖାପାଟନାଠାରୁ ୫୩୦ କିଲୋମିଟର ଦକ୍ଷିଣ-ଦକ୍ଷିଣ-ପୂର୍ବ ଦୂରରେ ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୧୨ ଘଣ୍ଟା ମଧ୍ୟରେ ବାତ୍ୟା ମୋନ୍ଥା ଦକ୍ଷିଣ-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିବ। ମଙ୍ଗଳବାର ସକାଳ ସୁଦ୍ଧା ଏହା ଆହୁରି ଶକ୍ତିଶାଳୀ ହୋଇ ଏକ ଭୀଷଣ ବାତ୍ୟାରେ ପରିଣତ ହେବ। ପରେ ପୁଣି ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ୨୮ ତାରିଖ ସନ୍ଧ୍ୟା କିମ୍ବା ରାତି ବେଳକୁ କାକିନାଡା ନିକଟରେ ସ୍ଥଳଭାଗ ଅତିକ୍ରମ କରିବ। ସ୍ଥଳଭାଗ ନିକଟବର୍ତ୍ତୀ ହେବା ପୂର୍ବରୁ ଧୀରେ ଧୀରେ ବାତ୍ୟାର ବାହ୍ୟବଳୟରେ ଥିବା ମେଘଖଣ୍ଡମାନ ସ୍ଥଳଭାଗ ମୁହାଁ ହୋଇଛି। ଏହା ପ୍ରଭାବରେ ଆନ୍ଧ୍ର ଉପକୂଳ ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସୋମବାରଠାରୁ ବର୍ଷା ହୋଇଛି। ଅପରାହ୍ଣଠାରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ହାଲୁକା ପବନ ବଢ଼ିବା ସହ ବର୍ଷା ଆରମ୍ଭ ହୋଇଯାଇଛି। ମଙ୍ଗଳବାରଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୩୦ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବରଗଡ଼, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି କୁହାଯାଇଛି। ସେହିପରି ଅଳ୍ପ ବର୍ଷା ଆଶଙ୍କାରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, କଟକ, ଯାଜପୁର, ଭଦ୍ରକ, ଜଗତସିଂପୁର, କେନ୍ଦ୍ରାପଡ଼ା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

### ଆଜିଠାରୁ ୨ ଦିନ...

ଜାରି କରାଯାଇଛି। ଏହାସହ ଗଣଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ। ବାତ୍ୟା ସମୟରେ ଜରୁରୀକାଳୀନ ସେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଦାୟିତ୍ୱ ନିର୍ବାହ କରିବେ। ପ୍ରଶାସନର ଆବଶ୍ୟକତା ଅନୁଯାୟୀ, ବିଦ୍ୟାଳୟଗୁଡ଼ିକ ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ୟବହାର ହେବ। ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ଗଚ୍ଛିତ ଚାଉଳକୁ ମଧ୍ୟ ରିଲିଫ୍ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ବାତ୍ୟାକୁ ଦୃଷ୍ଟିରେ ରଖି ଶ୍ରେଣୀଗୃହ ଓ ଅନ୍ୟାନ୍ୟ ଗୃହକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଶୈକ୍ଷିକ ଉପକରଣ ଓ ଆସବାବପତ୍ରକୁ ସୁରକ୍ଷିତ ସ୍ଥାନରେ ରଖିବେ। ବାତ୍ୟାରେ କୌଣସି କ୍ଷୟକ୍ଷତି ହେଲେ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡିଇଓଙ୍କୁ ଅବଗତ କରିବେ। ଡିଇଓମାନେ ବିଦ୍ୟାଳୟ କ୍ଷୟକ୍ଷତି ରିପୋର୍ଟ ଜିଲ୍ଲାପାଳ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅବଗତ କରିବେ। ବାତ୍ୟା ପରିଚାଳନା ପାଇଁ ନିର୍ଦ୍ଦେଶକମାନଙ୍କ ତତ୍ତ୍ୱାବଧାନରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକାରୀ ହେବ। ଆବଶ୍ୟକସ୍ଥଳେ ବିଭାଗୀୟ ଅନୁସଚିବ ଗୁଣ୍ଡାଇ ହାଁସଦାଙ୍କୁ ୮୦୧୮ ୭୬୫୨୫୬ ନମ୍ବରରେ ଯୋଗାଯୋଗ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଏହି ୮ଟି ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ବନ୍ଦ ରହିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆବଶ୍ୟକସ୍ଥଳେ ୩୦ ତାରିଖରେ ମଧ୍ୟ ଅଙ୍ଗନବାଡ଼ି ବନ୍ଦ ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇପାରିବେ ବୋଲି କୁହାଯାଇଛି। ଅପରପକ୍ଷେ, ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି।

### ୩୨ ଟ୍ରେନ୍ ବାତିଲ୍...

ଟିକଟ ଅର୍ଥ ରିଫଣ୍ଡ ପାଇଁ ଅତିରିକ୍ତ କାଉଣ୍ଟର ଖୋଲାଯାଇଛି ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସହାୟତା ଡେସ୍କ ମଧ୍ୟ କାର୍ଯ୍ୟ କରୁଛି। ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଇନକ୍ୱାରି ସିଷ୍ଟମ୍ ଆଇଆର୍‌ସିଟିସି ୱେବସାଇଟ୍/ଆପ୍ ମାଧ୍ୟମରେ ସର୍ବଶେଷ ଟ୍ରେନ୍ ଚାଳନ ଅପଡେଟ୍ ଯାଞ୍ଚ କରିବାକୁ କିମ୍ବା ନିକଟତମ ରେଳବାଇ ହେଲ୍ପଲାଇନ୍ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏପରିକି ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମଧ୍ୟ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ପରିସ୍ଥିତିର ନିକଟତର ତଦାରଖ ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହାର ମୁଖ୍ୟାଳୟରେ ୨୪ ଘଣ୍ଟିଆ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷକୁ ସକ୍ରିୟ କରାଯାଇଛି। ପୂର୍ବତଟ ରେଳପଥ ଅତିରିକ୍ତ ମହାପ୍ରବନ୍ଧକ ବି. ଶ୍ରୀକୃଷ୍ଣ ରାଜକୁମାର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରି ପ୍ରସ୍ତୁତି ପଦକ୍ଷେପ ସମୀକ୍ଷା କରିଥିଲେ। ସେ ଯାତ୍ରୀମାନଙ୍କ ପ୍ରତି ଶୂନ୍ୟ ବିପଦ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ସମସ୍ତ କ୍ଷେତ୍ର ୟୁନିଟକୁ ସର୍ବାଧିକ ସତର୍କତା ନଜରରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘୂର୍ଣ୍ଣିଝଡ଼ ପ୍ରଭାବ ପରେ ଟ୍ରାକ୍, ସିଗନାଲିଂ ସିଷ୍ଟମ, ଓଏଚଇ ଏବଂ ବିଦ୍ୟୁତୀକରଣ ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଦଳଗୁଡ଼ିକୁ ନିୟୋଜିତ କରାଯାଇଛି।

### ୫୦ ହଜାର କୋଟିର...

ନୀଳ ଅର୍ଥନୀତି କ୍ଷେତ୍ରର ଅଗ୍ରଣୀ ଶିଳ୍ପ ପ୍ରତିନିଧିମାନଙ୍କୁ ଭେଟି ସେମାନଙ୍କ ସହ କଥାବାର୍ତ୍ତା କରିବା ସହ ଓଡ଼ିଶାରେ ପୁଞ୍ଜି ବିନିଯୋଗ ସୁଯୋଗ ଅନ୍ୱେଷଣ କରିବାକୁ ଆମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ସାମୁଦ୍ରିକ ଶକ୍ତି ଶିଳ୍ପ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ଏକ ନୂତନ ସମ୍ଭାବନା ଆଡ଼କୁ ଗତି କରୁଛି। ପାରାଦୀପ, ଧାମରା, ଗୋପାଳପୁର ବନ୍ଦର ସହ ଅସ୍ତରଙ୍ଗ, ଜଟାଧାରୀ, ସୁବର୍ଣ୍ଣରେଖା ଏବଂ ବାହୁଦାରେ ପ୍ରସ୍ତାବିତ ବନ୍ଦରଗୁଡ଼ିକ ସହିତ ଆମେ ଆମର ମୋଟ ବନ୍ଦର ପରିଚାଳନା କ୍ଷମତାକୁ ବାର୍ଷିକ ୫୦୦ ନିୟୁତ ଟନକୁ ବୃଦ୍ଧି କରୁଛୁ। ପୁରୀ କ୍ରୁଜ ଟର୍ମିନାଲ ସହିତ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟର ପାଇଁ ୨୪୭୦୦୦ କୋଟି ଟଙ୍କା ଏବଂ ବାହୁଦା ବନ୍ଦରରେ ୨୧୫୦୦ କୋଟି ଟଙ୍କା ବିନିଯୋଗ ଓଡ଼ିଶାର ଉପକୂଳ ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟ ସଂଯୋଗକୁ ଏକ ନୂଆ ଦିଗ ପ୍ରଦାନ କରିବ। ଏହି ପରିବର୍ତ୍ତନଶୀଳ ଯାତ୍ରାର ଅଂଶବିଶେଷ ହେବାକୁ ମୁଁ ନିବେଶକମାନଙ୍କୁ ହାର୍ଦ୍ଦିକ ସ୍ୱାଗତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିଥିଲେ। ଉଦଘାଟନୀ ଅଧିବେଶନ ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ସହିତ ଏକ ସ୍ୱତନ୍ତ୍ର ଓଡ଼ିଶା ଅଧିବେଶନ ଅନୁଷ୍ଠିତ ହୋଇଥିଲା। 'ଓଡ଼ିଶାର ବନ୍ଦର ଭିତ୍ତିକ ବିକାଶ ୨୦୨୪ ପାଇଁ ଏକ ଦୃଷ୍ଟିକୋଣ ଯୋଜନା' ଶୀର୍ଷକ ଏହି ଅଧିବେଶନରେ ଓଡ଼ିଶାର ବନ୍ଦର ଭିତ୍ତିକ ଶିଳ୍ପ ଭିତ୍ତିଭୂମିରେ ନିବେଶ ସମ୍ଭାବନା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

### ଉପନିର୍ବାଚନ ବେଳେ...

ସମ୍ପର୍କରେ ଅବଗତ କରାଯାଇଛି। ତେବେ ଉପ ନିର୍ବାଚନ ପରି ଏକ ଘଡ଼ିସନ୍ଧି ମୂହୂର୍ତ୍ତରେ ଗୁରୁ ଦାୟିତ୍ୱ ବହନ କରୁଥିବା ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଅଚାନକ ଛୁଟିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଶ୍ରୀ ସିଂଙ୍କ ଛୁଟିରୁ ଫେରିବା ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଅତିରିକ୍ତ ଭାବେ ଦାୟିତ୍ୱ ସମ୍ଭାଳିବେ ବୋଲି ସୂଚନା ମିଳିଛି।

### ସମ୍ପତ୍ତି ତାଲିକା..

ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ୨୦୨୪ ଆର୍ଥିକ ବର୍ଷ ପାଇଁ ସମ୍ପତ୍ତି ତାଲିକା ଦାଖଲ କରିବା ପାଇଁ ଆଉ କୌଣସି ସମୟସୀମା ବୃଦ୍ଧି କରାଯିବ ନାହିଁ। ଏପରିକି ଏଥିନିମିତ୍ତ ଆଉ ପୋର୍ଟାଲ ଖୋଲିବ ନାହିଁ ବୋଲି ସାଧାରଣ ବିଭାଗ ସ୍ପଷ୍ଟ କରିଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ବିଭାଗୀୟ ପଦୋନ୍ନତି ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପତ୍ତି ତାଲିକା ଦାଖଲ କରିବା ବାଧ୍ୟତାମୂଳକ । ଏହି ନିୟମ ଆଧାରରେ ଯେଉଁ କର୍ମଚାରୀ ନିଜର ସମ୍ପତ୍ତି ତାଲିକା ନିର୍ଦ୍ଧାରିତ ସମୟରେ ଦାଖଲ କରିନାହାନ୍ତି ସେମାନେ ପଦୋନ୍ନତି ପାଇଁ କୌଣସି ବିଭାଗୀୟ ପଦୋନ୍ନତି କମିଟି(ଡିପିସି) ନିକଟରେ ଯୋଗ୍ୟ ବିବେଚିତ ହେବେ ନାହିଁ। ଏପରିକି ସମସ୍ତ ବିଭାଗ ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ସହ ସମ୍ପତ୍ତି ତାଲିକା ଦାଖଲ ନକରିଥିବା କୌଣସି କର୍ମଚାରୀଙ୍କ ପଦୋନ୍ନତି ଆବେଦନ ଯେପରି ଡିପିସି ନିକଟରେ ଉପସ୍ଥାପିତ ନ ହୁଏ, ତାହା ସୁନିଶ୍ଚିତ କରିବାକୁ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଦେଇଛି।

### ପ.ବଙ୍ଗ, ତାମିଲନାଡୁ...

ଭୋଟର ଚିଠା ତାଲିକା ପ୍ରକାଶ କରାଯିବ। ଭୋଟରମାନେ ସେମାନଙ୍କର ଆପତ୍ତି ଅଭିଯୋଗ ଜାନୁଆରୀ ୮ ପର୍ଯ୍ୟନ୍ତ ଦାଖଲ କରିପାରିବେ ଏବଂ ଫେବୃଆରୀ ୭ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ପ୍ରକ୍ରିୟାରେ ୫୧ କୋଟି ଭୋଟର ସାମିଲ ହେବେ। ଭୋଟର ତାଲିକାରେ ସ୍ଥାନ ପାଇବା ଲାଗି ୧୨ଟି ପ୍ରମାଣ ମଧ୍ୟରୁ ଗୋଟିଏ ଦାଖଲ କରିବାକୁ ପଡ଼ିବ। ଏଥିରେ ଆଧାରକାର୍ଡ ସାମିଲ ଥିଲେ ମଧ୍ୟ ଏହାକୁ କେବଳ ପରିଚୟପତ୍ର ରୂପେ ଗ୍ରହଣ କରାଯିବ। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଲେ ଯେ କୌଣସି ଯୋଗ୍ୟ ଭୋଟର ଯେମିତି ଏହି ପ୍ରକ୍ରିୟାରେ ବାଦ୍ ନପଡ଼ନ୍ତି, ତାହା ସୁନିଶ୍ଚିତ କରାଯିବ। ସେହିପରି ଯେଉଁମାନେ ମତଦାନ କରିବାକୁ ଯୋଗ୍ୟ ନୁହନ୍ତି ସେମାନଙ୍କୁ ବାଦ୍ ଦିଆଯିବ। ସେ କହିଲେ ଯେ ୧୯୫୧ରୁ ୨୦୦୪ ମଧ୍ୟରେ ଆଠ ଥର ଏସ୍‌ଆଇଆର୍ କରାଯାଇଥିଲା। ସ୍ୱାଧୀନତା ପରେ ଏହା ହେବ ନବମ ଏସ୍‌ଆଇଆର୍। ପ୍ରଥମ ପର୍ଯ୍ୟାୟରେ ବିହାରରେ ହୋଇଥିବା ଏସ୍‌ଆଇଆର୍ ସଫଳ ରହିଛି। ଯେଉଁମାନଙ୍କ ନାମ ଭୋଟର ତାଲିକାରୁ କଟିଛି, ସେମାନଙ୍କ ମଧ୍ୟରୁ କେହି ଆପତ୍ତି ଅଭିଯୋଗ କରିନାହାନ୍ତି। ଏହି ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିଲା। ଅନ୍ୟପକ୍ଷରେ ବିରୋଧୀ ଦଳ ବିହାର ଏସଆଇଆରକୁ ବିରୋଧ କରି ସୁପ୍ରିମ କୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏହି ପ୍ରକ୍ରିୟାରେ ଟାର୍ଗେଟ କରାଯାଇଛି ଏବଂ ସେମାନଙ୍କ ନାମକୁ ଭୋଟର ତାଲିକାରୁ କାଟି ଦିଆଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ମାମଲା ଏବେ ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ରହିଛି।

ପଶ୍ଚିମବଙ୍ଗ ସଂପର୍କରେ ମୁଖ୍ୟ ନିର୍ବାଚନ କମିସନର କହିଲେ ଯେ ସେହି ରାଜ୍ୟ ସରକାର ସହିତ କମିସନଙ୍କର କୌଣସି ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି ହୋଇନାହିଁ। ସେ କହିଲେ ଯେ ନିର୍ବାଚନ କମିସନ ନିଜର ସାମ୍ବିଧାନିକ ଦାୟିତ୍ୱ ତୁଲାଉଛନ୍ତି ଏବଂ ରାଜ୍ୟ ସରକାରମାନେ ଏଥିରେ ସହଯୋଗ କରିବାକୁ ବାଧ୍ୟ।

## ବୁଢ଼ାବଳଙ୍ଗରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ

ବାରିପଦା, ୨୭।୧୦(ସମିସ): ବାରିପଦାରେ ବିହାରୀ ସମ୍ପ୍ରଦାୟର ଲୋକେ ଆନନ୍ଦ ଉଲ୍ଲାସର ସହ ଛଟ୍ ପର୍ବ ପାଳନ କରିଛନ୍ତି। ଶ୍ରଦ୍ଧାଳୁମାନେ ପୋଡ଼ାଅସ୍ତିଆ, ବେଲଗଡ଼ିଆ ଆଦି ସ୍ଥାନରେ ବୁଢ଼ାବଳଙ୍ଗ ନଦୀ କୂଳରେ ପହଞ୍ଚି ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା କରିଛନ୍ତି। ଗତ ୩ ଦିନ ଧରି ପୂଜାର୍ଚ୍ଚନା ହେଉଥିବା ବେଳେ ମଙ୍ଗଳବାର ଏହା ଉଦ୍‌ଯାପିତ ହେବ। ମହିଳାମାନେ ଉପବାସ ରହି ସୋମବାର ସନ୍ଧ୍ୟାରେ ଅସ୍ତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥିବା ବେଳେ ମଙ୍ଗଳବାର ବଡିଭୋର୍‌ରୁ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦାନ ପୂର୍ବକ ଧୂପଦୀପ ନୈବେଦ୍ୟ ସମର୍ପଣ କରି ପୂଜା ଶେଷ କରିବେ। ବାହାରେ ଥିବା ପରିବାର ଲୋକେ ମଧ୍ୟ ଘରକୁ ଆସିଥିବା ବେଳେ ସମସ୍ତ ସଦସ୍ୟଙ୍କ ସୁଖ, ଶାନ୍ତି, ଉନ୍ନତି ପାଇଁ ପୂଜା କରିଥାନ୍ତି।

କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଏହି ପର୍ବକୁ ହିନ୍ଦୁ ରୀତିନୀତି ଅନୁଯାୟୀ ପାଳନ ହୋଇଥାଏ। ମୁଖ୍ୟତଃ ସୂର୍ଯ୍ୟଦେବଙ୍କୁ ଉପାସନା କରାଯାଇଥାଏ। ଏହି ପର୍ବର ଶେଷ ଦିବସରେ ସମସ୍ତ ବିହାରୀ ସମ୍ପ୍ରଦାୟର ଲୋକେ ଭକ୍ତି ଭାବନାର ସହ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ସମର୍ପଣ କରି ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା କରିଥାନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ବାରିପଦା, ୨୭।୧୦(ସମିସ): ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧଜଣଙ୍କ ହେଲେ, ବାଙ୍ଗିରିପୋଷି ବନ ରେଞ୍ଜ ଅନ୍ତର୍ଗତ ଖଇରବଣି ଗାଁର ଜଗେଶ୍ୱର ନାଏକ (୫୭)। ଜଗେଶ୍ୱର ସୋମବାର ସକାଳୁ ଗାଈ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ଜଗେଶ୍ୱରଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳିଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

**AFFIDAVIT**

By virtue of an affidavit sworn before The Notary Public, Sunabeda dated 15/07/2025, I Sri Krushna Gurumai, S/o- Sindhy Gurumai, Vill.- Hatimunda, PO.- Subai, Ps.- Similiguda, District- Koraput declare that, I have changed my name from **Kustha Gurumain** to **Krushna Gurumai**. Henceforth, I shall be known as **Krushna Gurumai** for all purposes.

Sd/- Krushna Gurumai

**AFFIDAVIT**

I Sunil Kumar Bhanja, S/o- Paresh Chandra Bhanja of village- Kasaba Kamarda /Po/Ps- Kamarda, Dist- Balasore, Odisha, declared by affidavit before Executive Magistrate , Bhograi No.5108/25 dtd-14/10/2025 that my son Ayush Kumar Bhanja's correct birth date is 04/01/2008 in birth certificate. that it unfortunately mentioned as 04/01/2007 in his educational certificate. Hence my son's actual & correct date of birth is as **04.01.2008** for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar dated 14/10/2025. I, Sorisa Nayak W/o Jayram Nayak, At- Baliberana, Po- Chadeyapalli, Ps-Chadeyapalli, Nayagarh, Odisha, Pin- 752089, declare that I have changed my owned name Surina Nayak to Sorisa Nayak. Henceforth, I shall be known as new name Sorisa Nayak for all purposes.

**Sd/- Sorisa Nayak**

**AFFIDAVIT**

By virtue of an affidavit sworn before Executive Magistrate Banapur on dated 23.10.2025, I Raja Kishore Rout resident of village- Achyutrajpur, Po/Ps- Banapur, Dist- khordha, Odisha, PIN- 752031 declare that I have changed my name from Raj Kishore Rout to Raja Kishore Rout. Henceforth I shall be known as **RAJA KISHORE ROUT** for all purposes.

**Raja Kishore Rout**

**AFFIDAVIT**

By virtue of an affidavit, sworn before Executive Magistrate, Bhubaneswar dtd. 27.10.2025 I, **Pragnyasini Bej**, Address: At- Nuasasan, Po- Gopei, Ps- Kudanagari, Dist- Kendrapara, Pin- 754223, Odisha, declare that I have changed my name from **Pragyanswani Bej to Pragnyasini Bej.** Henceforth, I shall be known as **Pragnyasini Bej** (new name) for all purpose.

**Pragnyasini Bej**

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated-27/10/2025. I, **Shree Gopal Samal**, S/o Vijay Kumar Samal, Address: Hakimpada, House No. 032, PO- Hakimpada, Near Old Bambo Office, Near Vijay Food Products, Angul, PIN- 759143, Odisha declare that I have changed my name from **Gopal Samal to Shree Gopal Samal.** Henceforth, I shall be known as **Shree Gopal Samal** (new name) for all purposes.

**Shree Gopal Samal**

**AFFIDAVIT**

By virtue of an affidavit sworn before Executive Magistrate, Nabarangapur, bearing affidavit no.-1098, dated 27.10.2025 I, Bhajan Nayak, S/o- Late Jitendra Nayak, resident of Dhoba Sahi, Po./Ps./Dist.- Nabarangpur, Odisha, Pin- 764059 declare that, I have changed my son's name from **Akhyansri Nayak** to **Arashi Nayak**. Henceforth, she shall be known as **Arashi Nayak** for all future purposes.

Sd/- Bhajan Nayak

**AFFIDAVIT**

I, Manju Agarwalla, aged about 55 years, W/o- Sunil Kumar Agrawal, resident of Hemgir, Po- Hemgir, Ps- Hemgiri, Dist- Sundergarh, Odisha, PIN- 770013 declare by this affidavit No. 2191, dtd. 27/10/2025, that now onwards I shall be known as **MANJU AGRAWAL** for all future purposes.

**OFFICE OF THE PRINCIPAL-CUM-SECRETARY**
**MAA MARKAMA +3 COLLEGE, BISSAM CUTTACK, DIST: RAYAGADA.**
mmdegreecollege@gmail.com

**CORRIGENDUM**
**WALK-IN-INTERVIEW**

In pursuance to the advertisement published in Page No – 09 dated- 18.10.2025 the revised scheduled time of interview is as follows.

| Sl. No | Name of the Post | No of Post | Previous Date & Time | Age | Revise Date and Time |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **ARTS (MANAGEMENT)** | | | | | |
| 1 | Physical Education Teacher | 01 | 02.11.2025 11 A.M. | As per Govt. norms | 06.11.2025 11 A.M. |
| 2 | Peon (ST Category) | 01 | 02.11.2025 11 A.M. | | |
| **SCIENCE (SELF FINANCING)** | | | | | |
| 1 | Laboratory Attendant (Biological Science) | 01 | 02.11.2025 11 A.M. | As per Govt. norms | 06.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | 09.11.2025 11 A.M. | As per Govt. norms | 11.11.2025 11 A.M. |

-sd-
Principal-cum-Secretary
Maa Markama +3 College, Bissamcuttack
https://mmplus3college.in/

**AFFIDAVIT**

By virtue of an affidavit sworn before The Executive Magistrate, Sohela vide no.02 dated 27/10/2025, I, Jogindra Kumar Sahu, S/o- Krushna Chandra Sahu, R/o- Vill.- Tileimal, Po.- Ghess, Ps.- Melchhamunda, Dist.- Bargarh state that, in my Aadhar bearing no. 941523556155 my name has been mentioned as Jogindra Sahu. That, **Jogindra Kumar Sahu** and **Jogindra Sahu** is one and same person.

Sd/- Jogindra Kumar Sahu

**AFFIDAVIT**

By virtue of an Affidavit Sworn before the Executive Magistrate, Kujang, Dist.: Jagatsinghpur, I, Sushma Sethy, aged about 57 years, W/o: Iswar Chandra Sethy of Vill/P.O.: Gorada, P.S.: Tirtol, Dist.: Jagatsinghpur declare by this Affidavit No.: 3370, Dated: 16.10.2025 that now onwards my name & date of birth shall be knwon as **Susama Sethy & 20.06.1968** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Nandapur vide no.97 dated 27/10/2025, I Brundabati Burudi, D/o- Jagabandhu Burudi, W/o- Nanda Burudi resident of Vill.- Khudub, Po.- Gollur, Ps.- Padwa, Dist.- koraput, Odisha, Pin-764038 state that, I have changed my name from **Buruda Burudi** to **Brundabati Burudi**. Henceforth, I shall be known as **Brundabati Burudi** for all purposes.

Sd/- Brundabati Burudi

**AFFIDAVIT**

By virtue of an affidavit C.F. No. 28, dtd. 27.10.2025 before the Executive Magistrate, Bhubaneswar, I, Saraswati Sahoo, have changed my name from Saraswati Dash to Saraswati Sahoo. Henceforth I shall be known as Saraswati Sahoo for all purposes.

**Sd/- Saraswati Sahoo**

**THE ODISHA AGRO INDUSTRIES CORPORATION LIMITED**
**(A Government of Odisha Undertaking)**
**95, SATYA NAGAR, BHUBANESWAR -751 007.**

CAD-2108

**TENDER CALL NOTICE**

e-Tender quotation in conformity with technical specification, terms & conditions in bid documents are invited from manufacturers for **"Procurement of sprinkler irrigation system (Micro Irrigation System" for the FY 2025-26 to 2026-27**. For details, please visit website https://tendersodisha.gov.in. or https://odishaagro.nic.in/ from **dt 27.10.2025 to dt.21.11.2025 (5.00 pm.)**.

OIPR-01047/11/0061/2526

Sd/-
MANAGING DIRECTOR

**ନୋଟିସ୍**

(ଦେ.କା. ଆଇନ୍‌ର ଅର୍ଡର ୫ ରୁଲ୍ ୧୦ ସହିତ ଅର୍ଡର ୫ ରୁଲ ୨୦ (୧) ଏବଂ ୧ (କ) ଅନୁସାରେ ନୋଟିସ୍)

**ଜଜ୍ ଫ୍ୟାମିଲି କୋର୍ଟ, ଅନୁଗୋଳ**

**ସିଭିଲ୍ ପ୍ରୋସିଡ଼ିଙ୍ଗ (Execution), କେଶ ନଂ. ୯/୨୦୨୩**

କଳ୍ପନା ମହାପାତ୍ର, ବୟସ ୪୧ ବର୍ଷ, ସ୍ୱାମୀ- ପ୍ରଦୀପ ଦାସ, ସା-ହନୁମାନ ବଜାର, ପୋ.ଅ- ଅନୁଗୋଳ, ଥାନା/ସ.ଡ଼ି.-ଅନୁଗୋଳ, ଜିଲ୍ଲା-ଅନୁଗୋଳ (ଓଡ଼ିଶା)

... ଦରଖାସ୍ତକାରୀଣି

ବନାମ

ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ପ୍ଲଟ୍ ନଂ.-୨୬୪. ମିଳନ ପାରାଡାଇସ୍, ଆର୍ଯ୍ୟ ବିହାର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋରଧା, ପିନ୍-୭୫୧୦୨୧।

ଅଫିସ ଠିକଣା- ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.- ୪୨୮, ୪ର୍ଥ ଫ୍ଲୋର ଡ଼ି.ଏଲ୍. ଏଫ୍. ସାଇବର ସିଟି, ପଟିଆ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇ-ଷ୍ଟେଟ୍, ଭୁବନେଶ୍ୱର-୭୫୧୦୨୪, ମୋ.ନଂ-୯୨୦୬୭୫୩୩୯୮, ୮୨୪୯୮୧୪୯୨୩

...ଅପରପକ୍ଷ

ଯେହେତୁ ଦରଖାସ୍ତକାରୀ U/S 18 Family Courts Act ପରିବାର ଅଦାଲତ ଅନୁଗୋଳ ଅନୁସାରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଖଲ କରିଛନ୍ତି । ଆପଣଙ୍କ ବିରୁଦ୍ଧରେ ନୋଟିସ୍ ବାରମ୍ବାର ଆପଣଙ୍କ ଠିକଣାରେ ଜାରି ନିମନ୍ତେ ପଠାଗଲେ ମଧ୍ୟ ଆପଣ ଜାଣିଶୁଣି ଅନୁପସ୍ଥିତ ରହୁଥିବାରୁ ଓ ଆପଣଙ୍କ ଠିକଣା ପାଇପାରୁନଥିବାରୁ ନୋଟିସ୍ ଉତ୍ତମ ରୂପେ ଜାରି ହୋଇପାରୁନାହିଁ।

ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଇଅଛି କି ଆପଣ ଧାର୍ଯ୍ୟ ତା.୧୪.୧୧.୨୦୨୫ରିଖ ପୂର୍ବାହ୍ନ ୧୦:୩୦ ମିନିଟ୍ ସମୟରେ ଅତ୍ର କୋର୍ଟରେ ହାଜର ହୋଇ ଜବାବ ଦାଖଲ କରିବେ । ହାଜର ନ ହେଲେ ଆପଣଙ୍କ ବିରୁଦ୍ଧରେ ଏକ ତରଫା ସୁତ୍ରେ ବିଚାର କରାଯିବ।

ଅଦ୍ୟ ତା.୨୬.୦୯.୨୦୨୫ରିଖ ରେ ଆମ୍ଭର ସ୍ୱାକ୍ଷର ଅଦାଲତ ରେ ମୋର ମୁଦ୍ରେ ଦିଆଗଲା।

ସ୍ୱା/- ବିଚାରପତି

**EASTERN INVESTMENTS LIMITED**
CIN: L65993OR1927GOI034842
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website: **www.birdgroup.co.in**

**NOTICE OF 98TH ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 98th Annual General Meeting of Eastern Investments Limited through video conferencing/ other audio visual means.

In this regards Notice is hereby given that the 98th Annual General Meeting (AGM) of Eastern Investments Limited (the 'Company') will be held on Tuesday, 18th November, 2025 at 12:30 p.m. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 98th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. **www.birdgroup.co.in** websites of stock exchanges i.e. **www.cse-india.com** and on the website of NSDL at **www.evoting.nsdl.com**.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 98th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: **rta@cbmsl.com**. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. **www.evoting.nsdl.com** or refer to the instructions as mentioned in the Notice of 98th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 98th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 98th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: **omdc.sec.dept@gmail.com**.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 27.10.2025

**ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା**

# ପାଚେରୀ ଡେଇଁ ପଳାଇଲେ ୮ ଛାତ୍ର

ଉଦଳା, ୨୭।୧୦(ସମିସ): ସମସ୍ତଙ୍କ ଉପସ୍ଥିତିରେ ବିଦ୍ୟାଳୟ ପାଚେରୀ ଡେଇଁ ଚାଲିଗଲେ ୮ ନାବାଳକ ଛାତ୍ର। ଏହି ଘଟଣା ଘଟିବା ପରେ ପ୍ରଧାନଶିକ୍ଷୟିତ୍ରୀ ଏବଂ ହଷ୍ଟେଲ କର୍ତ୍ତୃପକ୍ଷ ପରସ୍ପର ଦୋଷ ଲଦାଲଦି ହେଲେ। ହେଲେ ପାଚେରୀ ଡେଇଁ ଯିବାର ୮ ଘଣ୍ଟା ପରେ ୧୨ କିମି ଦୂରରୁ ଉଦ୍ଧାର ହେଲେ ଛାତ୍ର। ଏଭଳି ଘଟଣା ଘଟିଛି ଉଦଳା ବ୍ଲକ ଅଠଣଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟ ହଷ୍ଟେଲରେ ୪୦ ଜଣ ଅନ୍ତେବାସୀ ରହୁଥିବା ବେଳେ ରବିବାର ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରେ ରବିବାର ଅପରାହ୍ନରେ ୮ ଜଣ ଛାତ୍ର ବିଦ୍ୟାଳୟ ପାଚେରୀ ଡେଇଁ ବାହାରକୁ ଚାଲି ଯାଇଥିଲେ। ଛାତ୍ରମାନେ ବିଦ୍ୟାଳୟରୁ ବାହାରି

**୮ ଘଣ୍ଟା ପରେ ହେଲେ ଉଦ୍ଧାର**

ଚାଲି ଯାଇଥିବା ବେଳେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ ପ୍ରଧାନଶିକ୍ଷୟିତ୍ରୀ। ପ୍ରଧାନଶିକ୍ଷୟିତ୍ରୀ ବନ୍ଦିତା ଚୌଧୁରୀଙ୍କ ଉପସ୍ଥିତିରେ ଛାତ୍ରମାନେ ପାଚେରୀ ଡେଇଁ ଚାଲିଯାଇଥିଲେ। ଛାତ୍ରମାନେ ପାଚେରୀ ଡେଇଁ ବାହାରି ଯିବାକୁ ଅତି ହାଲୁକା ଭାବେ ନେଇ ଚୁପ୍ ବସିଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ୮ ଘଣ୍ଟା ପରେ ଛାତ୍ରମାନଙ୍କୁ କାଳିମେଘା ଗ୍ରାମରୁ ଜଣେ ଛାତ୍ରଙ୍କ ଘରୁ ଉଦ୍ଧାର କରିଥିଲେ। ସମସ୍ତଙ୍କ ଉପସ୍ଥିତିରେ ପ୍ରଥମେ ଦୁଇ ଜଣ ଛାତ୍ର ପାଚେରୀ ଡେଇଁ ଚାଲିଯାଇଥିବାବେଳେ ହଷ୍ଟେଲର ସିସିଏ ଏବଂ ପ୍ରଧାନଶିକ୍ଷୟିତ୍ରୀ ସେହି ଦୁଇ ଜଣ ଛାତ୍ରଙ୍କୁ ଧରି ଆଣିବା ପାଇଁ ଅନ୍ୟ ୬ ଜଣ ଛାତ୍ରଙ୍କୁ ପଠାଇଥିବା କହିଛନ୍ତି ଉଦ୍ଧାର ହୋଇଥିବା ଛାତ୍ର। ଏ ନେଇ ହଷ୍ଟେଲର ସିସିଏ କିଶୋର ଚନ୍ଦ୍ର ସିଂଙ୍କୁ ପଚାରିବାରୁ ୯ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ନ ଥିବା ଏବଂ ଛାତ୍ରମାନେ ନିଜ ଇଚ୍ଛାରେ ଚାଲିଯାଇଥିବା କହି ଦୋଷକୁ ଲୁଚାଇଥିଲେ। ସେପଟେ ପ୍ରଧାନଶିକ୍ଷୟିତ୍ରୀ ବନ୍ଦିତା ଚୌଧୁରୀଙ୍କୁ ପଚାରିବାରୁ ଛାତ୍ରମାନେ ବିଦ୍ୟାଳୟରୁ ବାହାରି ଯିବା ସମୟରେ ସେ ଉପସ୍ଥିତ ଥିଲେ ଏବଂ ବିଲ ଦେଇ ସେମାନେ ଚାଲିଯିବାରୁ ଖୋଜିବାରେ ବିଳମ୍ବ ହୋଇଥିବା କହି ନିଜ ଉପରୁ ଦୋଷ ଖସାଇ ଦେଇଥିଲେ। ତେବେ ପାଚେରୀ ଡେଇଁ ଯାଇଥିବା ଜଣେ ଅନ୍ତେବାସୀଙ୍କ ପରିବାର ଲୋକେ ହଷ୍ଟେଲକୁ ଭେଟିବାକୁ ଆସିବା ପରେ ଏହି ପୁରା ଘଟଣା ସାମ୍ନାକୁ ଆସିଥିଲା। ହଷ୍ଟେଲରେ ପିଲାଙ୍କୁ ନ ପାଇ ରାତି ୧୦ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ଅଭିଭାବକ। ପ୍ରଧାନଶିକ୍ଷୟିତ୍ରୀ ଏବଂ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏପରି ହୋଇଥିବା ଅଭିଯୋଗ କରିଛନ୍ତି ଅଭିଭାବକ।

**ବାତ୍ୟାକୁ ନେଇ ବ୍ଲକ ପ୍ରଶାସନର ଜରୁରୀ ବୈଠକ**

# ୩୭ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ

କୁଆଁମରା,୨୭।୧୦(ସମିସ):

ସମ୍ଭାବ୍ୟ ବାତ୍ୟାକୁ ନେଇ ଗୋପବନ୍ଧୁ ନଗର ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ପୃଥ୍ୱୀରାଜ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ, ସିଡ଼ିପିଓ, ପ୍ରାଣୀ ଚିକିତ୍ସା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ରାଜସ୍ୱ ବିଭାଗ ସମେତ ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ପାନୀୟ ଜଳ ବିଭାଗ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗ ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତତ୍ ସହିତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ସମସ୍ତ ପଞ୍ଚାୟତର ଜନ ସାଧାରଣଙ୍କ ସୁରକ୍ଷା ନିମନ୍ତେ ୩୭ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ଏଥିପାଇଁ ସମସ୍ତ ଆଶ୍ରୟସ୍ଥଳୀରେ ଜଣେ ଲେଖାଏଁ ନୋଡାଲ ଅଫିସର ନିଯୁକ୍ତି ହେବେ। ଚାଳ ଓ ଦୁର୍ବଳ ମାଟି କାନ୍ଥ ଘରେ ବସବାସ କରୁଥିବା ପାଖାପାଖି ୧୩ଟି ପଞ୍ଚାୟତର ୪ ହଜାର ଲୋକଙ୍କୁ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ବୋଲି ବିଡ଼ିଓ ଶ୍ରୀ ପରିଡା ସୂଚନା ଦେଇଛନ୍ତି। ଆଶ୍ରୟସ୍ଥଳୀଗୁଡିକରେ ଆଲୋକ ଓ ପାନୀୟ ଜଳ ତଥା ଶୁଖିଲା ଖାଦ୍ୟ ମହଜୁଦ ରହିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ନିକଟରେ ପ୍ରସବ ହେବାକୁ ଥିବା ଗର୍ଭବତୀଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପୂର୍ବ ଦିନରୁ ରଖାଯିବା ପାଇଁ ନିର୍ଦ୍ଦେଶ ଦେଇଛି ପ୍ରଶାସନ। ଚିହ୍ନଟ ହୋଇଥିବା ସୋନ ନଦୀ କୂଳରେ ସାଇଁକୁଳା, ଜୟପୁର, ବରଡିହି ଓ ନାଲୁହା ନଦୀ କୂଳରେ ପଶୁଦା ପଞ୍ଚାୟତ ଓ କୁଆଁମରା ପଞ୍ଚାୟତର କଣିବଣୀ ଗ୍ରାମର ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ମାତ୍ର ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ପ୍ରଶାସନ କହିଛି। ଏବେ ୧୦ ପ୍ରତିଶତ ଧାନ ପାଚି ଯାଇଛି। ସେହିପରି ଦୁଇ ସପ୍ତାହ ପୂର୍ବରୁ ପାଗ ଅନୁକୂଳ ଥିବାରୁ ବାଡି ବଗିଚାରେ ପରିବା ଚାଷ ଆରମ୍ଭ ହୋଇଛି। ଅଧିକ ବର୍ଷା ଓ ପବନ ହେଲେ ଧାନ ଓ ପନିପରିବା ଚାଷ କ୍ଷତି ହେବ। ତେବେ ବାତ୍ୟା ନାଁ ଶୁଣି ଚାଷୀ ମୁଣ୍ଡରେ ପଡିଛି ଚଡକ ପଡିଛି।

## ଜରଦା ଛକରେ କଂଗ୍ରେସ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର,୨୭।୧୦(ସମିସ): କେନ୍ଦୁଝର କଂଗ୍ରେସ ଜିଲ୍ଲା ସଭାପତି ନିଯୁକ୍ତ ହେବା ପରେ ମନୋଜ କୁମାର ଜେନା ଆଜି ପ୍ରଥମ ଥର ପାଇଁ ଜିଲ୍ଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ ଜିଲ୍ଲା ସୀମାନ୍ତ ଜରଦା ଛକରେ ଘସିପୁରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ରଙ୍କ ନେତୃତ୍ୱରେ ଜିଲ୍ଲା ସଭାପତିଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ଦିଲ୍ଲୀପ କୁମାର ଜେନା, ତାରିଣୀ ପ୍ରସାଦ ପଟ୍ଟନାୟକ, ଦୀପକ ମାଝୀ, କୁଳମଣୀ ବାରିକ୍, ନିରଞ୍ଜନ ଜେନା, ନିରାକାର ରାଉତ, ପ୍ରଶାନ୍ତ ବିଶ୍ୱାଳ, ସଞ୍ଜୟ ରାଉତ, ଲକୀ ସ୍ୱାଇଁ, ବିଶ୍ୱନାଥ ବେହେରା, କିଶନ ଶର୍ମା, ରଞ୍ଜିତ ମାଝୀ, ମୋହନ ମହାନ୍ତଙ୍କ ସହିତ ୫୦୦ରୁ ଅଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଉପଖଣ୍ଡ ଜନଶୁଣାଣିରେ ୨୬୮ ଅଭିଯୋଗ



କପ୍ତିପଦା/ଉଦଳା,୨୭।୧୦(ସମିସ): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସପି ବରୁଣ ଗୁଣ୍ଟୁପାଲି ଯୋଗଦେଇ ୨୬୮ଟି ଅଭିଯୋଗର ଶୁଣାଣି କରିଥିଲେ। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଏବଂ ବିଡିଓ କପ୍ତିପଦା ରେଶ୍ମା ଟେଟେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ସମେତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ଅଭିଯୋଗ ମଧ୍ୟରେ ୨୫୦ଟି ବ୍ୟକ୍ତିଗତ ଏବଂ ୧୮ ଟି ସାମୂହିକ ଅଭିଯୋଗ ଥିଲା। ସେଥିରୁ ୩ଟିର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଜଣଙ୍କୁ ୫ ହଜାର ଲେଖାଏଁ ୧୦ ହଜାର ଏବଂ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ମୋଟ ୧୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ପାଳସା ଓ ଡିଆଁପାଳସା ମୌଜା ଦେଇ ଶ୍ୟାମସୁନ୍ଦରପୁର ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଜମି ରହୁଥିବା ପାଣି ନିଷ୍କାସନ, କପ୍ତିପଦା ବ୍ଲକ ଗୌଡଗାଁ, କୁଆଗୋଠଣା, ନଛିପୁର ଏବଂ ଚୁଇଁପୋଷି ଆଦି ଗ୍ରାମରେ ଚାଷ ନଷ୍ଟ କରୁଥିବା ବୁଲା ଷଣ୍ଢଙ୍କୁ ଗୋଶାଳାକୁ ସ୍ଥାନାନ୍ତର, ରାଣୀପୋଖରୀ ହାଟ ଛକରେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ନିର୍ମାଣ, ଶରତ ବଜାରରେ ଥିବା ଭଗବାନ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାନ ଉନ୍ନତି ଓ ଆଲୋକୀକରଣ, ରାଣୀପୋଖରୀ ପଞ୍ଚାୟତ ଗେରାସାହି, ବୁଧୁସାହି, ମାହୁରୁସାହି, ହୁଡିସାହି ଆଦି ଗ୍ରାମରେ ନୂତନ ଅଙ୍ଗନବାଡି ଗୃହ ନିର୍ମାଣ, ଶରତ ଗ୍ରାମ ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ଏକ ମୋବାଇଲ ଟାୱାର ପ୍ରତିଷ୍ଠା ଆଦି ଅଭିଯୋଗ ଗୁଡିକ ଉପରେ ଶୁଣାଣି କରାଯାଇଥିଲା। ସମସ୍ତ ଅଭିଯୋଗ ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ରମେଶ ପୃଷ୍ଟି, ସତ୍ୟ ପ୍ରକାଶ ପାତ୍ର, ସାଇସ୍ୱରୂପ କର, ଶୁଭ୍ରକାନ୍ତ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଦୁଷ୍କର୍ମ ପୀଡ଼ିତା ପରିବାରକୁ ଭେଟିଲେ ମହିଳା କମିଶନର



ରାସଗୋବିନ୍ଦପୁର, ୨୭।୧୦(ସମିସ): ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ଅଞ୍ଚଳରେ ଯାତ୍ରା ଦେଖି ଫେରୁଥିବା ଦୁଇଜଣ ଆଦିବାସୀ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ପୀଡ଼ିତା ଏବଂ ସେମାନଙ୍କ ପରିବାରକୁ ଭେଟିଛନ୍ତି ମହିଳା କମିଶନର ଶୋଭାନା ମହାନ୍ତି। ବିଜେପି ଜିଲ୍ଲା ଉପ ସଭାପତି ପ୍ରଦୀପ କୁମାର ମହାନ୍ତି, ବରିଷ୍ଠ ବିଜେପି ନେତା ପରୀକ୍ଷିତ ଦେ, ଇଂ ନରୋତ୍ତମ ମହାନ୍ତି, ମନୋରଞ୍ଜନ ପରିଡ଼ା ପ୍ରମୁଖ ପରିବାରକୁ ଭେଟିବା ସହ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ପଚାରି ବୁଝିଥିଲେ। ପରେ ଦୁଷ୍କର୍ମ ହୋଇଥିବା ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ଗ୍ରାମରେ ଗତ ୨୨ ତାରିଖ ବୁଧବାର ଯାତ୍ରା ପରିବେଷଣ ହେଉଥିଲା। ଉକ୍ତ ଥାନା ଅଞ୍ଚଳର ୨ ଜଣ ଆଦିବାସୀ ନାବାଳିକା ଯାତ୍ରା ଦେଖି ସ୍କୁଟି ଯୋଗେ ରାତିରେ ଦୁଇ ଜଣ ପୁରୁଷ ବନ୍ଧୁଙ୍କ ସହିତ ଘରକୁ ଫେରୁଥିଲେ। ଏହି ସମୟରେ ଉକ୍ତ ଥାନା ଅଞ୍ଚଳର ୫ଜଣ ଯୁବକ ମଧୁରିଆ ରାସ୍ତାରେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତେବେ ନାବାଳିକାଙ୍କ ଦୁଇ ପୁରୁଷବନ୍ଧୁ ଏହାକୁ ପ୍ରତିବାଦ କରିବାରୁ ଉକ୍ତ ୫ଜଣ ଯୁବକ ସେମାନଙ୍କୁ ମାରପିଟ କରିବା ସହିତ ମୋବାଇଲ ଫୋନ ଛଡାଇ ନେଇଥିଲେ। ପରେ ନେଇ ଗଣଧର୍ଷଣ କରିଥିଲେ। ତେବେ ପରେ ଜୀବନରୁ ମାରିଦେବାର ଧମକ ଦେଇ ନଳଗଜା କଲେଜ ପଡିଆ ନିକଟରେ ଛାଡି ପଳାଇଥିଲେ।କ୍ଷ ଏନେଇ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳରେ ବେତନଟି ଏସ୍‌ଡ଼ିପିଓ ମିନତୀ ବିଶ୍ୱାଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫ଜଣ ଅଭିଯୁକ୍ତ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜାତୀୟସ୍ତରରେ ଚମକିଲେ କେନ୍ଦୁଝରର ଝିଅ ବୈଷ୍ଣବୀ




କେନ୍ଦୁଝର,୨୭।୧୦(ସମିସ): କେନ୍ଦୁଝରର ଝିଅ ବୈଷ୍ଣବୀ ଗୁପ୍ତା ଗୁଜରାଟର ସୁରଟଠାରେ ଅନୁଷ୍ଠିତ ୧୬ତମ ଜାତୀୟ କୁଡୋ

**ଜାତୀୟ କୁଡୋ ଚାମ୍ପିଅନସିପ ଜୁନିଅର ବର୍ଗରେ ଜିତିଲେ ସ୍ୱର୍ଣ୍ଣ**

ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ଓ ଓଡ଼ିଶା ପାଇଁ ସୁନାମ ଆଣି ଦେଇଛନ୍ତି। କେନ୍ଦୁଝରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ରୀ ବୈଷ୍ଣବୀଙ୍କ ଉଲ୍ଲେଖନୀୟ ସଫଳତା ହାସଲ କରିବା ତାଙ୍କ ବିଦ୍ୟାଳୟ ଏବଂ ଜିଲ୍ଲା ପାଇଁ ବଡ଼ ଆନନ୍ଦର ମୁହୂର୍ତ୍ତ ଆଣିଦେଇଛି। କେନ୍ଦୁଝର ପୂର୍ବତଟ ରେଳବାଇରେ ଟ୍ରେନ ମ୍ୟାନେଜର ଭାବରେ କାର୍ଯ୍ୟ କରୁଥିବା ସଞ୍ଜୟ କୁମାରଙ୍କ ଝିଅ ବୈଷ୍ଣବୀଙ୍କ ବିଜୟ ତାଙ୍କ ସମର୍ପଣ, ଶୃଙ୍ଖଳା ଏବଂ କ୍ରୀଡ଼ା ମନୋଭାବର ପ୍ରମାଣ ଭାବେ ବିଦିତ ହୋଇଛି। ଏହି ଅବସରରେ ଅତ୍ୟନ୍ତ ଖୁସି ପ୍ରକାଶ କରି, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ବୈଷ୍ଣବୀ ଏବଂ ତାଙ୍କ ପରିବାରକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା କେନ୍ଦୁଝର ଏବଂ ଓଡ଼ିଶାର ଅନେକ ଯୁବ ଖେଳାଳିଙ୍କୁ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

## ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କଲେ ବ୍ରତଧାରୀ



ଚମ୍ପୁଆ,୨୭।୧୦(ସମିସ): ସାଂପ୍ରଦାୟିକ ସଦ୍‌ଭାବନା ସହିତ ଧର୍ମୀୟ ଭାବନାର ବାର୍ତ୍ତାବହନ କରୁଥିବା ପାରମ୍ପାରିକ ଛଟପୂଜା ଭକ୍ତିପୂତ ଭାବରେ ପାଳନ କରାଯାଉଥିବା ବେଳେ ଆଜି ଚମ୍ପୁଆ ବୈତରଣୀ ନଦୀତଟ ଛଟଘାଟଠାରେ ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି। ପାରମ୍ପରିକ ରିତିନୀତିରେ ବିଭିନ୍ନ ପ୍ରକାର ଫଳ, ନୂତନ ଲୁଗା ଓ ଡଲାରେ ଧୂପ ଦୀପ ଏବଂ ସ୍ୱତନ୍ତ୍ର ଭାବେ ଏକପ୍ରକାରେ ନିଷ୍ଠାର ସହ ପ୍ରସ୍ତୁତ ପିଠା ପୂଜା କରାଯିବାସହ ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ବର୍ଷାସ୍ୱତେ ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

**■ ଯୋଡ଼ାରେ ଛଟ୍ ପର୍ବ**

## ସୂର୍ଯ୍ୟଙ୍କୁ ଅର୍ଘ୍ୟ ଓ ନୈବେଦ୍ୟ ଅର୍ପଣ

ଯୋଡ଼ା,୨୭।୧୦(ସମିସ): ନେପାଳ ଓ ଉତ୍ତର ଭାରତରୁ ଉତ୍ପତି ହୋଇଥିବା ଛଟ୍ ପର୍ବ ଏବେ ସର୍ବଭାରତୀୟ ସ୍ତରରେ ପହଞ୍ଚିଛି। ଏହିପର୍ବ ୪ଦିନ ବ୍ୟାପି ପାଳନ କରାଯାଉଥିବା ବେଳେ ତୃତୀୟ ଦିନ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜାକରି ଅର୍ଘ୍ୟ ନୈବେଦ୍ୟ ଅର୍ପଣ କରାଯାଇଥାଏ। ତହିଁ ପରଦିନ ଉଦୟଗାମୀ ସୂର୍ଯ୍ୟଙ୍କୁ ପୂଜା କରାଯାଏ। ଏହି ପର୍ବରେ ସୂର୍ଯ୍ୟଙ୍କୁ ପୂଜା କରିବା ସହ ତାଙ୍କ ଭଉଣୀ ଛଟି ମେୟାଙ୍କୁ ମଧ୍ୟ ପୂଜା କରାଯାଏ।



ଯୋଡ଼ା ଖଣି ଅଞ୍ଚଳରେ ବେପାର ବାଣିଜ୍ୟ ପାଇଁ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ନେପାଳ ପ୍ରଭୃତିରୁ ବାସିନ୍ଦା ଆସି ଯୋଡ଼ାରେ ସ୍ଥାୟୀ ବାସିନ୍ଦା ଭାବେ ରହୁଥିବା ନେଇ ଖଣି ଅଞ୍ଚଳରେ ମଧ୍ୟ ଏହି ପର୍ବ ଖୁବ ଧୁମଧାମରେ ପାଳନ ହେଉଥିବା ଦେଖିବାକୁ ମିଳିଛି। କିଛି ବର୍ଷ ହେବ ଏହି ଛଟ ପୂଜାରେ ଅର୍ଘ୍ୟ ଓ ଗଙ୍ଗା ଆରତୀ କରିବା ପାଇଁ ସୁଦୂର ବନାରସରୁ ଜଣାଶୁଣା ପଣ୍ଡିତ ଆସୁଥିବା ବେଳେ ଚଳିତ ବର୍ଷ ଛଟ ପୂଜାରେ ମଧ ଉକ୍ତ ପଣ୍ଡିତ ମଣ୍ଡଳୀ ଯୋଡ଼ା ଆସିଥିବା ଦେଖିବାକୁ ମିଳିଛି। ଯୋଡ଼ା ଅବବାହିକାରେ ପ୍ରବାହିତ ସୁନା ନଦୀକୂଳରେ ଏହି ପୂଜା ଭକ୍ତ ମାନଙ୍କ ଦ୍ୱାରା ସମ୍ପୂର୍ଣ ହୋଇଥିଲା। ପର୍ବ ଦେଖିବା ପାଇଁ ଯୋଡ଼ା ସହରର ଅନେକ ଲୋକ ନଦୀକୂଳରେ ରୁଣ୍ଡହୋଇ ସନ୍ଧ୍ୟାର ଭକ୍ତିପୂର୍ଣ୍ଣ ପରିବେଶର ଆନନ୍ଦ ଉଠାଇଥିଲେ। କାର୍ଯ୍ୟକ୍ରମରେ କମିଟି ପକ୍ଷରୁ ଖୁବ ସୁନ୍ଦର ଆୟୋଜନମାନ କରାଯାଇଥିବା ଦେଖିବାକୁ ମିଳିଥିଲା। ଯୋଡ଼ା ସହରର ଦୁଇଟି ସ୍ଥାନରେ ଯଥା ପୁରୁଣା ମାର୍କେଟ ନିକଟ ନଦୀ କୂଳ ଓ ଶାସ୍ତ୍ରୀ ନଗର ସ୍ଥିତ ନଦୀକୂଳରେ ପାଳନ ହେଉଥିବା ଦେଖିବାକୁ ମିଳିଛି।

## ବିହାରୀ ସାମ୍ପ୍ରଦାୟର ଛଟ୍ ପର୍ବ ପାଳିତ

କରଞ୍ଜିଆ, ୨୭।୧୦(ସମିସ): ସୋମବାର ବିହାରୀ ସମ୍ପ୍ରଦାୟ ଅଧିବାସୀ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ପାଳିଲେ ଛଟ୍‌ପର୍ବ। ପରମ୍ପରା ଅନୁଯାଇ ବିହାରୀ ସମ୍ପ୍ରଦାୟର ଲୋକେ ଦେଓ ନଦୀ କୂଳକୁ ଯାଇ ପରିବାରର ମଙ୍ଗଳ କାମନା କରି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ବ୍ରତଧାରୀମାନେ ଉପବାସ ରହି ପ୍ରସାଦକୁ ମୁଣ୍ଡରେ ମୁଣ୍ଡାଇ ନଦୀକୂଳରେ ପହଞ୍ଚିଥିଲେ। ମାନସିକ କରିଥିବା ଲୋକ ଗୁରୁଣ୍ଡି ଗୁରୁଣ୍ଡି ଘରୁ ନଦୀ ପର୍ଯ୍ୟନ୍ତ ଯାଇଥିଲେ। ଆଜି ଦେଓନଦୀକୂଳେ ବିହାରୀମାନେ ଉତ୍କଣ୍ଠା ସହିତ ରୁଣ୍ଡ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ଆସନ୍ତାକାଲି ବି ଉଦୟଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବେ ବୋଲି ଛଟ ପାଳନ କମିଟିର ନାରାୟଣ ସାଓସୋନାର ପ୍ରକାଶ କରିଛନ୍ତି।

**THE BISRA STONE LIME COMPANY LIMITED**
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website:www.birdgroup.co.in
Email: omdc.sec.dept@gmail.com

**NOTICE OF 114 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 114th Annual General Meeting of The Bisra Stone Lime Company Limited through video conferencing/ other audio visual means.

In this regards Notice is hereby given that the 114th Annual General Meeting (AGM) of The Bisra Stone Lime Company Limited (the 'Company') will be held on Tuesday, 18th November, 2025 at 12:00 Noon IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 114th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.cse-india.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 114th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 114th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 114th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 114th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 27.10.2025

# ଜିଲ୍ଲା ପରିଷଦର ଜଙ୍ଗଲ ଓ ପରିବେଶ ଷ୍ଟାଣ୍ଡିଂ କମିଟି ବୈଠକ

କେନ୍ଦୁଝର,୨୭।୧୦(ସମିସ):



ଜିଲ୍ଲା ପରିଷଦର ଜଙ୍ଗଲ ଓ ପରିବେଶ ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକ ଜିଲ୍ଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷର ଜୋନ-୬ର ସଦସ୍ୟ ତଥା କମିଟି ଅଧ୍ୟକ୍ଷ ଆଶିଷ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ବୈଠକରେ ଜିଲ୍ଲା ପରିଷଦ ଜୋନ ୩୭ ନମ୍ବର ସଦସ୍ୟ ବିମ୍ବାଧର ବିଶ୍ୱାଳ, ଜିଲ୍ଲା ପରିଷଦ ଜୋନ-୩୬ର ସଦସ୍ୟା କୌଶଲ୍ୟା ସେଠୀ, ଜିଲ୍ଲା ପରିଷଦ ଜୋନ-୨୦ର ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ଜୋନ-୩୨ର ସଦସ୍ୟା ଲକ୍ଷ୍ମୀ ପ୍ରଧାନ, ଜିଲ୍ଲା ପରିଷଦ ଜୋନ-୨୫ର ସଦସ୍ୟ ଅରୁଣ କୁମାର ବାରିକ, ଜିଲ୍ଲା ପରିଷଦ ଜୋନ-୯ର ସଦସ୍ୟ ସୁରେନ୍ଦ୍ର ଜେନା, ଜିଲ୍ଲା ପରିଷଦ ଜୋନ-୫ର ସଦସ୍ୟ ରଥ ମୁଣ୍ଡାଙ୍କ ସମେତ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର, ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ ପ୍ରଶାନ୍ତ ପଣ୍ଡା, କେନ୍ଦୁଝର ଡିଭିଜନର ଏସିଏଫ୍ ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜଙ୍ଗଲ ବିଭାଗରେ ବେଧଡ଼କ ଗଛକଟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। କେନ୍ଦୁଝର ଡିଭିଜନର ୭ଟି ରେଞ୍ଜରେ ସଂଖ୍ୟାଲଘୁ କାଠ ମାଫିଆମାନେ ୟୁକାଲିପଟାସ ଏବଂ ଆକାଶିଆ ଗଛ କାଟି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ବିଭିନ୍ନ ଜଙ୍ଗଲରେ ଥିବା ଏହି ପ୍ରଜାତିର ଗଛ କାଟିବାକୁ ବନ ସୁରକ୍ଷା ସମିତି ଆବେଦନ କରୁଛି। ଏହା ଜଙ୍ଗଲ ବିଭାଗ ଅନୁମୋଦନ କରିବା ପରେ ସଂଖ୍ୟାଲଘୁ କାଠ ମାଫିଆମାନେ ଜଙ୍ଗଲ ଭିତରେ ପଶି ଅନୁମତି ଠାରୁ ବହୁ ଗୁଣ ଅଧିକ ଗଛକାଟି ନେଉଛନ୍ତି। ଗଛ କାଟିବା ସମୟରେ ବନବିଭାଗ କର୍ମଚାରୀ ଉପସ୍ଥିତ ରହୁନଥିବାରୁ ଧାର୍ଯ୍ୟଠାରୁ ବହୁ ଅଧିକ ଏବଂ ଶାଳ ଗଛ ଓ ଅନ୍ୟାନ୍ୟ କିସମର ଗଛ କଟାଯାଇଥିବାରୁ କମିଟିର ଅଧ୍ୟକ୍ଷ ଆଶିଷ ଚକ୍ରବର୍ତ୍ତୀ ଉଦ୍‌ବେଗ ପ୍ରକାଶ କରିଥିଲେ। ବନ ବିଭାଗ, କାଠ ମାଫିଆ, ବନ ସୁରକ୍ଷା ସମିତି ସଦସ୍ୟଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ବେଧଡକ ଗଛ କଟା ଚାଲିଛି ବୋଲି ସଦସ୍ୟମାନେ ଏସିଏଫ୍ ଅଶୋକ ଦାସଙ୍କୁ ପ୍ରଶ୍ନ କରିଥିଲେ। ସଂରକ୍ଷିତ ଜଙ୍ଗଲରେ ୟୁକାଲିପଟାସ ଗଛ କାଟିବାକୁ ଅନୁମତି ଦିଆଯାଉଥିବାରୁ ଜଙ୍ଗଲର ଘନତ୍ୱ କମୁଛି ଏବଂ ବନ୍ୟପ୍ରାଣୀ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ପରିବେଶ ଏବଂ ଜଳବାୟୁ ଉପରେ ଏହାର କୁପ୍ରଭାବ ପଡୁଛି। ସେହିପରି ଗଛକଟା ଯିବା ପୂର୍ବରୁ ନିୟମ ଅନୁସାରେ ବିକ୍ରୀ ବାବଦ ଅର୍ଥ ବନ ସୁରକ୍ଷା ସମିତିର ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ। ଏହାର ୪୦ ପ୍ରତିଶତ ଗାଁର ଉନ୍ନତିକରଣ, ୪୦ ପ୍ରତିଶତ ଭିଏସ୍‌ଏସ୍ ସଦସ୍ୟ ଥିବା ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟାଯିବ ଏବଂ ଅବଶିଷ୍ଟ ୨୦ ପ୍ରତିଶତ ଅର୍ଥ ଗଛ କଟାଯାଇଥିବା ଜଙ୍ଗଲରେ ପୁନର୍ବାର ଚାରାରୋପଣ ପାଇଁ ଜମା ରଖିବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଏହି ନିୟମ ପାଳନ ହେଉନାହିଁ ବୋଲି କମିଟି ଅଧ୍ୟକ୍ଷ ଆଶିଷ ଚକ୍ରବର୍ତ୍ତୀ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାରୀ ନିୟମ ଉଲ୍ଲଙ୍ଘନ ହୋଇ ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ବନ ସୁରକ୍ଷା ସମିତିର ସେକ୍ରେଟାରୀ ତଥା ସ୍ଥାନୀୟ ବନରକ୍ଷୀ ବା ବନପାଳ ଏଥିପ୍ରତି ଦୃଷ୍ଟି ଦେଉନଥିଲେ ମଧ୍ୟ ତାଙ୍କ ବିରୁଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଜଙ୍ଗଲରୁ ଗଛ କାଟିବା ପୂର୍ବରୁ ଗଛଗୁଡିକର ଗଣତି କରାଯାଇ ଏ ବାବଦ ଅର୍ଥ ବନ ସୁରକ୍ଷା ସମିତି ଆକାଉଣ୍ଟରେ ଜମା ନ ହୋଇ କେତେକ ସଦସ୍ୟଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟରେ ଜମା ହେଉଥିଲେ ହେଁ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବା ସଦସ୍ୟମାନେ ଅଭିଯୋଗ କରିଥିଲେ। ଅନେକ ଜଙ୍ଗଲ ଅଞ୍ଚଳରେ ବନ ସୁରକ୍ଷା ସମିତି ନଥିବାବେଳେ ସେଠାରେ କାହା ନାଁ ରେ ଅନୁମତି ଦିଆଯାଉଛି ଏବଂ ଗଛ କଟା ବାବଦ ଅର୍ଥ କାହା ଆକାଉଣ୍ଟରେ ଜମା ହେଉଛି ତାହା ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ଚକ୍ରବର୍ତ୍ତୀ ଦାବି କରିଥିଲେ। ଜିଲ୍ଲାରେ ୧୬ଟି ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ସିଟିଓ ନ ନେଇ ଚାଲୁଥିବାରୁ କମିଟି ଅଧ୍ୟକ୍ଷ ଆଶିଷ ଚକ୍ରବର୍ତ୍ତୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଲାଇସେନ୍ସପ୍ରାପ୍ତ ଦେଶି ମଦ ଭାଟି ଚାଲିବା ପୂର୍ବରୁ ସିଟିଓ ନଥିଲେ ଚାଲିପାରିବ ନାହିଁ, ମାତ୍ର ଅନୁମତି ନ ଥାଇ ପ୍ରଶାସନ କିପରି ଅନୁମତି ଦେଲା ତାହାକୁ ନେଇ କମିଟି ଉଦ୍‌ବେଗ ପ୍ରକାଶ କରିଥିଲା। ଜିଲ୍ଲାରେ ୧୬ଟି ଦେଶୀ ମଦଭାଟି ଚାଲିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ କନସେଣ୍ଟ ଟୁ ଅପରେଟ ବା ସିଟିଓ ଏବଂ ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ(ସିଆ) ଠାରୁ ପରିବେଶ ମଞ୍ଜୁରୀ ପାଇବା ଜରୁରୀ। ମାତ୍ର ଏହି ଦେଶୀ ମଦ ଭାଟିଗୁଡିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଠାରୁ ସିଟିଓ ନ ପାଇ ଚାଲିଛି। ମଦ ପ୍ରସ୍ତୁତ ବେଳେ ବ୍ୟାପକ ଜଳ ପ୍ରଦୂଷଣ ହେଉଛି। ମହୁଲ ଫୁଲରୁ ପ୍ରସ୍ତୁତ ମଦ ଯୋଗୁଁ ଦୁର୍ଗନ୍ଧ ହେଉଛି। ମଦ ଭାଟିରୁ ନିର୍ଗତ ବର୍ଜ୍ୟ ସଠିକ୍ ପରିଚାଳନା କରାଯାଉନଥିବାରୁ ପାଶ୍ୱବର୍ତ୍ତୀ ଅଞ୍ଚଳ ଜଳ ଓ ମୃତ୍ତିକା ପ୍ରଦୂଷିତ ହେଉଛି। ସିଟିଓ ଏବଂ ବିନା ପରିବେଶ ମଞ୍ଜୁରୀରେ ଚାଲିଥିବା ଦେଶି ମଦ ଭାଟି ତୁରନ୍ତ ବନ୍ଦ କରିବାକୁ କମିଟି ଅଧ୍ୟକ୍ଷ ଆଶିଷ ଚକ୍ରବର୍ତ୍ତୀ କହିଥିଲେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠିକାଦାରି ଶିଳ୍ପକାରଙ୍କ ଲାଭ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଚତୁରତା ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୫୧- ବଙ୍ଗଳାରେ ବ୍ରିଟିଶ୍ ଇଣ୍ଡିଆନ୍ ଆସୋସିଏସନ୍‌ର ପ୍ରତିଷ୍ଠା।
- ୧୮୬୭- ଭଗିନୀ ନିବେଦିତାଙ୍କ ଜନ୍ମ।
- ୧୮୯୧- ଜାପାନରେ ଆସିଥିବା ଭୂମିକମ୍ପ ଯୋଗୁଁ ୭୩୦୦ ଲୋକଙ୍କ ମୃତ୍ୟୁ।
- ୧୯୪୦- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇଟାଲୀ ଗ୍ରୀସ୍ ଉପରେ ଆକ୍ରମଣ କଲା।
- ୨୦୦୯- ପାକିସ୍ତାନର ପେଶୱାର ସହରରେ ହୋଇଥିବା ଆତ୍ମଘାତୀ ବୋମା ବିସ୍ଫୋରଣରେ ୧୧୭ ଲୋକଙ୍କ ମୃତ ଓ ୨୦୦ରୁ ଅଧିକ ଆହତ।

## ବାରମ୍ବାର ଖାଦ୍ୟ ଗରମ ବଢ଼ାଏ କର୍କଟ ଆଶଙ୍କା



ଗରମ ଗରମ ଖାଦ୍ୟ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। ଏହି କାରଣରୁ ଅନେକ ଖାଦ୍ୟ ଥଣ୍ଡା ହୋଇଗଲା ପରେ ବି ଗରମ କରି ଖାଆନ୍ତି। ହେଲେ ଖାଦ୍ୟକୁ ବାରମ୍ବାର ଗରମ କରି ଖାଇବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ବିଶେଷଜ୍ଞମାନେ ମତ ରଖୁଛନ୍ତି। ଖାଦ୍ୟକୁ ବାରମ୍ବାର ଗରମ କରି ଖାଇବା ଦ୍ୱାରା ପୋଷକତତ୍ତ୍ୱ ନଷ୍ଟ ହୋଇଥିବା ସହ ଏହା ବିଷାକ୍ତ ହୋଇଯାଇଥାଏ। ଏହି ଅଭ୍ୟାସ କେବଳ ପାଚନତନ୍ତ୍ର ଉପରେ ପ୍ରଭାବ ପକାଏ ତାହା ନୁହେଁ, ବରଂ ଶରୀରରେ ବିଷାକ୍ତ ପଦାର୍ଥ ଜମା କରି ଗମ୍ଭୀର ରୋଗର କାରଣ ସାଜେ। ଆର୍ଯ୍ୟୁବେଦ ଅନୁସାରେ, ବାରମ୍ବାର ଗରମ କରାଯାଉଥିବା ଖାଦ୍ୟ ଖାଇଲେ ଶରୀରକୁ ଶକ୍ତି ମିଳେନାହିଁ। ଏଭଳି ଖାଦ୍ୟ ଭଲ ଭାବେ ହଜମ ମଧ୍ୟ ହୋଇ ନ ଥାଏ। ଶରୀରକୁ ଧୀରେ ଧୀରେ ଦୁର୍ବଳ କରିବା ସହ ଏହା ରୋଗ ମଧ୍ୟ ବଢ଼ାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ରନ୍ଧା ଖାଦ୍ୟକୁ ଆଉଥରେ ଗରମ କରିବା ସମୟରେ ଏହାର ତାପମାତ୍ରା ପାଖାପାଖି ୭୦ ଡିଗ୍ରୀ ସେଲିସିୟସ୍ ଥିବା ଦରକାର, ଯଦ୍ୱାରା ଏଥିରେ ଥିବା ଜୀବାଣୁ ନଷ୍ଟ ହୋଇଯିବେ। ତେବେ ଖାଦ୍ୟକୁ ମାତ୍ର ଥରେ ଗରମ କରିବା ଆବଶ୍ୟକ। ବାରମ୍ବାର ଖାଦ୍ୟ ଗରମ କରିବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱ ନଷ୍ଟ ହେବା ସହ କିଛି ଖାଦ୍ୟ ପଦାର୍ଥରେ କର୍କଟକାରକ ରସାୟନ ସୃଷ୍ଟି ହୋଇଥାଏ। ଅଣ୍ଡା ଓ ଚିକେନ୍‌କୁ ବାରମ୍ବାର ଗରମ କରିବା ଦ୍ୱାରା ଏହାର ପ୍ରୋଟିନ୍ ସନ୍ତୁଳନ ବିଗିଡ଼ିଯାଏ, ଫଳରେ ଏହା ହଜମ ହେବା କଷ୍ଟକର ହୋଇ ପଡ଼େ। ସେହିଭଳି ରନ୍ଧା ଯାଇଥିବା ଭାତ ଓ ପାସ୍ତାରେ ଜୀବାଣୁ ସୃଷ୍ଟି ହୋଇଥାନ୍ତି। ଏହାକୁ ଦ୍ୱିତୀୟ ଥର ଗରମ କରିଲେ ବି ଏଥିରେ ଥିବା ଜୀବାଣୁଗୁଡ଼ିକ ମରି ନ ଥାନ୍ତି। ଏଥିଯୋଗୁଁ ଫୁଡ୍ ପଏଜନିଂ ହେବା ଆଶଙ୍କା ବୃଦ୍ଧି ପାଏ। ଆଳୁ, ବ୍ରେଡ୍, ଛଣାଛଣି ଖାଦ୍ୟଗୁଡ଼ିକୁ ଗରମ କରିବା ଦ୍ୱାରା ଏକ୍ରିଲାମାଇଡ୍ ନାମକ ରସାୟନ ସୃଷ୍ଟି ହୋଇଥାଏ, ଯାହା କାର୍ସିନୋଜେନିକ ରସାୟନ ଅଟେ। ଏଭଳି ଖାଦ୍ୟ ଦୀର୍ଘଦିନ ଧରି ସେବନ କରିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଯାଏ। ସବୁବେଳେ ତାଜା ଓ ସୀମିତ ମାତ୍ରାରେ ଖାଦ୍ୟ ପ୍ରସ୍ତୁତ ପାଇଁ ଉଭୟ ଆର୍ଯ୍ୟୁବେଦ ଓ ବିଜ୍ଞାନରେ ପରାମର୍ଶ ଦିଆଯାଇଛି।

## ୧୨ ଡିସେମ୍ବରରେ ‘କିସ୍ କିସ୍ କୋ ପ୍ୟାର୍ କରୁଁ ୨’



କମେଡି କିଙ୍ଗ କପିଲ ଶର୍ମାଙ୍କ ଫିଲ୍ମ ‘କିସ୍ କିସ୍ କୋ ପ୍ୟାର୍ କରୁଁ ୨’ର ରିଲିଜ୍ ଡେଟ୍ ଘୋଷଣା ହୋଇଛି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ କପିଲଙ୍କ ପହିଲା ଭୂମିକାରେ ଦେଖାଯାଇଥିବା ଚାରିଜଣ ହିରୋଇନଙ୍କ ନାମ ମଧ୍ୟ ସାମ୍ନାକୁ ଆସିଛି। ୨୦୧୫ରେ ଆସିଥିବା କପିଲଙ୍କ ଫିଲ୍ମ ‘କିସ୍ କିସ୍ କୋ ପ୍ୟାର କରୁଁ’ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ଏବେ ୧୦ ବର୍ଷ ପରେ ଏହାର ସିକ୍ୱେଲ ଆସିବ। କିଛି ଦିନ ପୂର୍ବରୁ ଫିଲ୍ମ ନିର୍ମାତା ଏହାର ପୋଷ୍ଟର ଜାରି କରିଥିଲେ। ଆଉ ଏବେ କପିଲ ଇନଷ୍ଟାଗ୍ରାମରେ ଏକ ମୋସନ୍ ପୋଷ୍ଟର ସେୟାର୍ କରି ଏହାର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ପୋଷ୍ଟରରେ ଚାରିଜଣ କନିଆଁ ତାଙ୍କୁ ପାଲିଙ୍କିରେ ଉଠାଇଥିବା ଦେଖାଯାଇଛନ୍ତି। ଏହା ଡିସେମ୍ବର ୧୨ରେ ପରଦାକୁ ଆସିବ। ଫିଲ୍ମରେ କପିଲଙ୍କ ସହ ‘ଫୁକ୍ରେ’ ଫେମ୍ ମନଜୋତ ସିଂହ, ଆଏଶା ଖାନ, ହୀରା ବରିନା, ପାରୁଲ ଗୁଲାଟି, ତ୍ରିଧା ଚୌଧୁରୀ ନଜର ଆସିବେ। ଏଥିରେ କପିଲ ବିଭିନ୍ନ ଧର୍ମର ଚାରିଜଣ ମହିଳାଙ୍କୁ ବିବାହ କରିଥିବାର ଦେଖାଯିବେ।

## ଖାଦ୍ୟରେ ପ୍ଲାଷ୍ଟିକ୍ ପ୍ରତି ସପ୍ତାହରେ ପେଟକୁ ଯାଉଛି ୫ ଗ୍ରାମ୍

ବର୍ତ୍ତମାନ ପରିବେଶ ଲାଗି ପ୍ଲାଷ୍ଟିକ୍ ଏକ ବଡ଼ ସମସ୍ୟା ପାଲଟିଛି। ୱାଲ୍ଡ ୱାଇଡ୍ ଫର୍ ନେଚର୍‌ର ରିପୋର୍ଟ ଅନୁସାରେ, ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ୫ ଗ୍ରାମ୍ ପର୍ଯ୍ୟନ୍ତ ପ୍ଲାଷ୍ଟିକ୍ ଖାଇଥାଏ। ଏହି କ୍ରମରେ ଜଣେ ବ୍ୟକ୍ତି ପ୍ରତି ସପ୍ତାହରେ ଏକ କ୍ରେଡିଟ୍ କାର୍ଡ ଆକୃତିର ପ୍ଲାଷ୍ଟିକ୍ ଖାଇଥାଏ। ଅନ୍ୟପଟେ ପ୍ଲାଷ୍ଟିକ୍ କଣିକା କେତେବେଳେ ପାଣିବୋତଲରେ ତ ଆଉ କେତେବେଳେ ଏହା ପ୍ରଦୂଷିତ ବାୟୁରେ ମିଳିଥାଏ। ସେହିପରି ଏକ ରିପୋର୍ଟ ଅନୁସାରେ, ପ୍ରତି ମାସରେ ଆମ ଶରୀରରେ ୨୦ ଗ୍ରାମ୍ ପ୍ଲାଷ୍ଟିକ୍ ଏବଂ ବର୍ଷକରେ ୨୫୦ ଗ୍ରାମ୍ ପ୍ଲାଷ୍ଟିକ୍ ଜମା ହୁଏ। ଫଳରେ ସମୟ ସହିତ ଏବଂ ଟେକ୍ନୋଲୋଜିର ବିକାଶ ଘଟିବାରୁ ଏହାର ପରିମାଣ ବି ଦିନକୁ ଦିନ ବୃଦ୍ଧି ପାଉଛି। ଏହା ଯୋଗୁଁ କେବଳ ସ୍ୱାସ୍ଥ୍ୟ ଖରାପ ହୁଏ ତାହା ନୁହେଁ, ବରଂ କର୍କଟ ଭଳି ମାରାତ୍ମକ ରୋଗ ହେବା ଆଶଙ୍କା ବୃଦ୍ଧି ପାଏ। ଯଦି



ପ୍ଲାଷ୍ଟିକ୍ ପରିବେଶ ବା ମାଟିରେ ବିଘଟନ ହେଉ ନାହିଁ, ତେବେ ଶରୀରରେ ଏହା କିଭଳି ବିଘଟନ ହେବ ସେକଥା ଚିନ୍ତା କରିବା ଦରକାର। ତେଣୁ ମାରାତ୍ମକ ରସାୟନ ଏବଂ ପାର୍ଟିକଲରେ ତିଆରି ପ୍ଲାଷ୍ଟିକ୍ କେଉଁ ଭଳି ଭାବେ କ୍ଷତି ପହଞ୍ଚାଇପାରେ ଏଥିରୁ ଅନୁମାନ କରି ହେଉଛି। ଏହାବାଦ୍ ପ୍ଲାଷ୍ଟିକ୍‌ରେ ସୀସା ଏବଂ ଆର୍ସେନିକର ବ୍ୟବହାର ହୁଏ। ଯାହାକି ଅତ୍ୟନ୍ତ ବିଷାକ୍ତ। ରକ୍ତହୀନତା, ଲିମ୍ଫୋମା, ମସ୍ତିଷ୍କ କର୍କଟ, ସ୍ତନ କର୍କଟ ଭଳି ଅନ୍ୟାନ୍ୟ ବଡ଼ ବଡ଼ ରୋଗ ପ୍ଲାଷ୍ଟିକ୍ ଯୋଗୁଁ ହୋଇପାରେ। ଅନ୍ୟପଟେ ଏହି ରୋଗ ମଣିଷ ଶରୀରକୁ ପୂରା ଖରାପ କରିପାରେ। ଏପରିକି ଏହା ଯୋଗୁଁ ଜୀବନ ଯିବା ଆଶଙ୍କା ଅଛି।



## ସୁବର୍ଣ୍ଣା

## ଅର୍ଥନୈତିକ ବିକାଶ ପଥେ ଆଖଣ୍ଡଳମଣି ଏଫ୍‌ପିଓ

**କୃଷକଙ୍କ ଆୟ ବୃଦ୍ଧି, ବଜାର ପ୍ରବେଶକୁ ସୁଦୃଢ଼, ସାମୂହିକ କାର୍ଯ୍ୟ ମାଧ୍ୟମରେ ସଶକ୍ତ କରିବା ଦିଗରେ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ପଥ ଦେବାର ଅନନ୍ୟ ଭୂମିକା ତୁଲାଉଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ ଆଖଣ୍ଡଳମଣି କୃଷକ ଉତ୍ପାଦକ ସଂଗଠନ। ୫୦୦ ଜଣ ସଦସ୍ୟଙ୍କୁ ନେଇ ୨୦୨୧ ମସିହାରେ ଏହି କୃଷକ ସଂଗଠନ ପଞ୍ଜୀକୃତ ହୋଇଥିଲା। ସଂଗଠନଟି ବାଣିଜ୍ୟିକ ଅଭିବୃଦ୍ଧି ସମେତ ସାମାଜିକ ସଶକ୍ତିକରଣ ପାଇଁ ଏକ ମାଧ୍ୟମ। ଏହା ସ୍ଥାନୀୟ ଚାଷୀମାନଙ୍କୁ ନିଜ ଉତ୍ପାଦ ବିକ୍ରୟ କରିବା, ସ୍ଥାୟୀ ଆୟ, ଆର୍ଥିକ ସ୍ଥିରତା ଏବଂ ଜୀବନର ଉନ୍ନତ ଗୁଣବତ୍ତା ପ୍ରଦାନ କରିଥାଏ।**



ସ୍ଥାନୀୟ ଚାଷୀଙ୍କୁ ସଂଘବଦ୍ଧ ଗଠନ ମାଧ୍ୟମରେ ନିଜ ଉତ୍ପାଦ ବିକ୍ରୟ କରିବା, ନୂତନ ଜ୍ଞାନକୌଶଳ ପ୍ରୟୋଗ ବ୍ୟବସାୟରେ ଲାଭ କରିବା ଏହି ସଂଗଠନର ମୂଳ ଲକ୍ଷ୍ୟ। ଏହି ସଂଗଠନଟି ଡାଲି, ପନିପରିବା, କୁକୁଡ଼ା ପାଳନ ଭଳି ପ୍ରମୁଖ କାର୍ଯ୍ୟକଳାପରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଦକ୍ଷତା ବିକାଶ ସହିତ ସଦସ୍ୟଙ୍କ ଜୀବନକୁ ପରିବର୍ତ୍ତିତ କରିବାରେ ସହାୟକ ହୋଇପାରିଛି। କୃଷି ବିଜ୍ଞାନ କେନ୍ଦ୍ର, ନାବାର୍ଡ, ଏନ୍‌ଏଫ୍‌ଏସ୍‌ଏମ୍, ସେଲକୋ ଫାଉଣ୍ଡେସନ୍ ଭଳି ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଏହି ସଂଗଠନକୁ ଆର୍ଥିକ ସାହାଯ୍ୟ ମିଳିଛି। ସଂଗଠନଟି ଏକତ୍ରୀକରଣ, ବିପଣନ, ବିହନ, ସାର, କୀଟନାଶକ, ଜୈବିକ ସାର ପ୍ରଭୃତିର ବଣ୍ଟନ, ସ୍ଥାନୀୟ ଡାଲିର ମୂଲ୍ୟବୃଦ୍ଧି, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାରେ ଆଗଭର ହୋଇପଡ଼ିଛି। ତା ସହିତ ସଂଗଠନଟି ଚାଷୀଙ୍କୁ ବଜାର ସହିତ ସିଧାସଳଖ ଯୋଡିହେବାକୁ ସୁଯୋଗ ଦିଏ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ‘ସେଣ୍ଟର ଅଫ୍ ଏକ୍ସଲେନ୍ସ’ ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ ସହାୟତାରେ ଉପଯୁକ୍ତ ମାର୍ଗଦର୍ଶନ ଏବଂ ତାଲିମ ଭଳି ଅନେକ ପ୍ରକାର ସହଯୋଗ ଯୋଗାଇ ଦିଆଯାଇଛି। ଫଳରେ ଚାଷୀମାନେ ଲାଭାନ୍ୱିତ ହୋଇପାରୁଛନ୍ତି। ଚାଷୀଙ୍କୁ ବିଭିନ୍ନ ସେବା ଯୋଗାଇଦେବା ସମୟରେ ଏହି ସଂଗଠନ ଚାଷରେ ରୋଗ ପୋକ, ଉଚିତ ମୂଲ୍ୟର ଅଭାବ ଆଦି ଅନେକ ସମସ୍ୟା ଦେଇ ଗତି କରିଛି। ଏହାର ସମାଧାନ ସ୍ୱରୂପ ମଧ୍ୟସ୍ଥିବିହୀନ ବଜାର ସଂଯୋଗ, ସାମୂହିକ ବିପଣନ ଓ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ, ଆଧୁନିକ ଜ୍ଞାନ ଓ କୌଶଳ ଜନିତ କର୍ମଶାଳା, ଶିକ୍ଷାମୂଳକ ପରିଭ୍ରମଣ, କୁକୁଡା ପାଳନ ପାଇଁ ପଶୁ ଚିକିତ୍ସା ସହାୟତା ଓ ଟିକାକରଣ ପ୍ରଦାନ, ଫସଲ ବିବିଧିକରଣ ଭଳି ବିଭିନ୍ନ କାର୍ଯ୍ୟକ୍ରମମାନ ଏହି ସଂଗଠନ ଆୟୋଜନ କରିସାରିଛି। ଯୋଜନା ଏବଂ ଋଣ ସୁବିଧା ପାଇବା ପାଇଁ ବିଭିନ୍ନ ସରକାରୀ ଏଜେନ୍ସୀ ଓ ରାଜ୍ୟ ସରକାରଙ୍କ ସହିତ ସମ୍ପର୍କ ସ୍ଥାପନ କରାଯାଇଛି। ଆଗାମୀ ଦିନରେ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଦିଗରେ ପଦକ୍ଷେପ, ପ୍ରକ୍ରିୟାକରଣ ୟୁନିଟ୍, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ନୂତନ ବଜାର ସଂଯୋଗୀକରଣ ବ୍ୟବସ୍ଥା ଆଦି କରିବାର ଲକ୍ଷ୍ୟ ରଖିଛି ଏହି କୃଷକ ଉତ୍ପାଦକ ସଂଗଠନ।

## ଆଳୁଲଗା ଯନ୍ତ୍ର

ଆମ ରାଜ୍ୟରେ ହାତଗଣତି ଚାଷୀ ଆଳୁ ଚାଷ କରନ୍ତି। ଅଧିକ ଉର୍ବରଯୁକ୍ତ ମାଟିରେ ଆଳୁ ଚାଷ ଭଲ ହୋଇଥାଏ। ଆଳୁ ଚାଷ ମୁଖ୍ୟତଃ ରବିଋତୁରେ ହୋଇଥାଏ। ଚାଷୀମାନେ ପାରମ୍ପରିକ ପ୍ରଣାଳୀରେ ମାଟି ପ୍ରସ୍ତୁତଠୁ ନେଇ ବିହନ ଲଗାଇଥାନ୍ତି। ଏକର ଜମିରେ ଆଳୁ ଲଗାଇବାକୁ ୪ରୁ ୫ ଜଣ ଲୋକ ନିୟୋଜିତ ହୋଇଥାନ୍ତି। ଏଥିପାଇଁ ଘଣ୍ଟା



ଘଣ୍ଟା ସମୟ ଲାଗେ। ଖର୍ଚ୍ଚ ବଢ଼େ। ହେଲେ ଏବେ ବଜାରରେ ଏକ ଅତ୍ୟାଧୁନିକ ମେସିନ୍ ଉପଲବ୍ଧ ରହିଛି। ଯେଉଁଥିରେ ଆଳୁ ବିହନ ଲଗାଇବା ସହଜ ହେବ। ପଟାଟୋ ପ୍ଲାଣ୍ଟର ନାମକ ଏହି ମେସିନ୍‌ଟି କିଛି ଘଣ୍ଟାରେ ଆଳୁ ବିହନ ଲଗାଇଥାଏ। ଯନ୍ତ୍ରଟି ଏକର ଜମିରେ ମାତ୍ର ୨୦ରୁ ୩୦ ମିନିଟ୍‌ରେ ବିହନ ବୁଣିପାରେ। ଏହି ଯନ୍ତ୍ର ବିହନ ଲଗାଇବା ସହ ସଠିକ୍ ଦୂରତ୍ୱରେ ବିହନ ପୋତିଥାଏ। ଖତ ଏବଂ ମାଟି ପ୍ରୟୋଗ କରିବାରେ ସକ୍ଷମ ହୁଏ। ଏହି ଯନ୍ତ୍ରଟି ଟ୍ରାକ୍ଟର ସାହାଯ୍ୟରେ ଚାଲିଥାଏ। ଆଳୁ ଲଗାଯନ୍ତ୍ରରେ ଆଳୁ ବିହନକୁ ଟାଙ୍କିରେ ରଖିବାକୁ ହୁଏ। ତଳପାର୍ଶ୍ୱରୁ ଗୋଟିଏ ଗୋଟିଏ ଗଜାକୁ ସଠିକ୍ ଦୂରତ୍ୱରେ ପକାଇବାକୁ ଯନ୍ତ୍ରଟି ଗାତ ଖୋଳିଥାଏ। ଏଥିପାଇଁ ଯନ୍ତ୍ରରେ ବ୍ଲେଡ ରହିଛି। ତେବେ ଯନ୍ତ୍ରଟି ଖତ ପ୍ରୟୋଗ କରୁପାରୁ ଥିବାରୁ ଫସଲ ସମାନ ଭାବେ ବଢ଼ିଥାଏ।


## ରୋଷେଇ ବର୍ଜ୍ୟରୁ ତରଳ ଔଷଧ

**ଗଛକୁ ପ୍ରାକୃତିକ ଖତ ଦେବାକୁ ଚାହୁଁଥିଲେ ରୋଷେଇଘରୁ ତରଳ ଜୈବିକ ଘୋଳ ପ୍ରସ୍ତୁତ କରିପାରିବେ। ଏହି ଜୈବିକ ଘୋଳରେ ସୂକ୍ଷ୍ମ ତତ୍ତ୍ୱ, ଖଣିଜ, ଭିଟାମିନ୍ ଥାଏ। ଏହା ଫସଲକୁ ପୋଷକତତ୍ତ୍ୱ ପ୍ରଦାନ କରିବା ସହ ମାଟିର ଗୁଣବତ୍ତାକୁ ବଜାୟ ରଖି ଗଛ ବୃଦ୍ଧିରେ ସହାୟ ହୁଏ।**



ପରିବା ଧୁଆ ପାଣିରେ ନାନା ପୋଷକତତ୍ତ୍ୱ ରହିଛି। ସେହି ପାଣିକୁ ଏକପାତ୍ରରେ ରଖି ସେଥିରେ ପରିବା ଓ ଫଳ ଚୋପା ପକାଇ ଅଳ୍ପ ମାଟି ଓ ଗୋବର ପକାଇଲେ ପାଣିରେ ଜୈବିକ ତତ୍ତ୍ୱ ସଢ଼ିଯାଏ। ପୋଷକତତ୍ତ୍ୱ ତରଳି ଯାଏ। ଏହି ପାଣିକୁ ଢାଙ୍କୁଣୀ ଦେଇ ୩ ରୁ ୫ ଦିନ ଘୋଡାଇ ଛାଇ ସ୍ଥାନରେ ରଖି ଦୈନିକ ଗୋଳାଯାଏ। ୪ରୁ ୫ ଦିନ ପରେ ଉକ୍ତ ଘୋଳକୁ ଛାଣି ଏକ ଲିଟର ତରଳ ଖତରେ ୫ ଲିଟର ପାଣି ମିଶାଇ ଫସଲରେ ସିଞ୍ଚନ ଦ୍ୱାରା ଗଛକୁ ପୋଷାକତତ୍ତ୍ୱ ମିଳିଥାଏ। ମାଟିର ଗୁଣବତ୍ତା ବୃଦ୍ଧି କରେ। ତେବେ ତରଳ ଖତକୁ ୭ ଦିନ ମଧ୍ୟରେ ଉପଯୋଗ କରିଦେବା ଭଲ।

## ହାତରୁ ଜାଣନ୍ତୁ ମାଟିର ଆର୍ଦ୍ରତା



ଜମିରେ ବିହନ ବୁଣିବା ପୂର୍ବରୁ ଚାଷୀଭାଇ ମାଟିର ଉର୍ବରଶକ୍ତି ଓ ଆର୍ଦ୍ରତା ପରୀକ୍ଷା କରିଥାନ୍ତି। ଅବଶ୍ୟ ଏଥିପାଇଁ ମାଟିକୁ ଲ୍ୟାବ୍‌କୁ ନେବାକୁ ପଡ଼ିଥାଏ। ହେଲେ ଏବେ ଜଣେ ବ୍ୟକ୍ତି ନିଜ ହାତରେ ବି ମାଟିର ଆର୍ଦ୍ରତା ବିଷୟରେ ଜାଣିପାରିବେ। କୃଷି ବିଶେଷଜ୍ଞଙ୍କ ମତରେ ମାଟିରେ ସନ୍ତୁଳିତ ଆର୍ଦ୍ରତା ଥିଲେ ସୋରିଷ, ଚଣା, ମସୁର, ମଟର ଏବଂ ଗହମ ଆଦି ଚାଷ ପାଇଁ ବୁଣାବୁଣି କରିବାକୁ ଭଲ ସମୟ। ତେଣୁ ମାଟିର ଆର୍ଦ୍ରତା ପରୀକ୍ଷା କରିବାକୁ ପ୍ରଥମେ ମାଟିକୁ ହାତରେ ମୁଠା କରିବାକୁ ହୁଏ। ଯଦି ମାଟି ହାତ ପାପୁଲିରେ ଲାଗି ଯାଉଥାଏ, ମାଟିରୁ ପାଣି ନ ଗଡ଼େ ତେବେ ଏହା ଆର୍ଦ୍ରତା ଠିକ୍ ଥିବାକୁ ସୂଚାଏ। ସେହିପରି ଚାଷ ଜମିରେ ଚାଲିଲେ ଯଦି ପାଦ ଚିହ୍ନ ପଡୁଛି ହେଲେ ମାଟି ଆପଣଙ୍କ ଜୋତାରେ ଲାଖିଯାଉନାହିଁ, ତେବେ ବୁଣାବୁଣି କାର୍ଯ୍ୟ କରିପାରିବେ। ସଠିକ୍ ସମୟରେ ଫସଲ ବୁଣିଲେ ଉତ୍ପାଦନ ଭଲ ହୁଏ। ଯଦି ଚାହିଁବେ ବଜାରରେ ମାଟିର ଆର୍ଦ୍ରତା ମାପିବା ପାଇଁ ମିଟର ମିଳୁଛି ତାହାକୁ ମଧ୍ୟ ବ୍ୟବହାର କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ କେଣ୍ଡା ୮୫% ପାଚି ଯାଇଥିଲେ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କାଟି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଧାନ ବେଙ୍ଗଳା ସମ୍ଭବ ନ ହେଲେ କଟା ଧାନକୁ ପଲିଥିନ୍ ଦ୍ୱାରା ଘୋଡାଇ ସୁରକ୍ଷିତ ରଖନ୍ତୁ। ଜମିରୁ ବଳକା ପାଣି ନିଷ୍କାସନ କରିବାକୁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ।
- ଅମଳ ଉପଯୋଗୀ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଶୀତଦିନିଆ ପରିବା ଓ ଡାଲିଜାତୀୟ ଫସଲକୁ ବୁଣିବା ଓ ଲଗାଇବା କାର୍ଯ୍ୟ ସାମୟିକ ବନ୍ଦ ରଖନ୍ତୁ। କୀଟନାଶକ ଓ ସାର ପ୍ରୟୋଗ ମଧ୍ୟ ସାମୟିକ ବନ୍ଦ ରଖନ୍ତୁ।
- ଭାରି ବର୍ଷା ଯୋଗୁ ନଇଁ ପଡ଼ିଥିବା ବା ଦୁର୍ବଳ ହୋଇଥିବା କଦଳୀ ଓ ଅମୃତଭଣ୍ଡା ଆଦି ଗଛକୁ ବାଡ଼ି/ବାଉଁଶ ବାନ୍ଧି ଢେରା ଦିଅନ୍ତୁ।
- ପ୍ରାଣୀମାନଙ୍କୁ କୃମିନାଶକ ଔଷଧ ଖୁଆଇବା ଏବଂ ଫାଟୁଆ ଓ ବ୍ରୁସେଲୋସିସ୍ ରୋଗ ପାଇଁ ଟିକାକରଣ କରାନ୍ତୁ।
- ଅଧିକ ବର୍ଷା ଯୋଗୁ ପୋଖରୀରୁ ମାଛ ବାହାରି ନ ଯିବା ପାଇଁ ପୋଖରୀ ହୁଡ଼ାରେ ଜାଲ ଲଗାନ୍ତୁ। ବର୍ଷା ସମୟରେ ପ୍ରାଣୀଙ୍କୁ ଘର ଭିତରେ ରଖନ୍ତୁ। ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ।

## ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ବଭୂମା ଦ. ଆଫ୍ରିକା ଅଧିନାୟକ

ଜୋହାନ୍ସବର୍ଗ,୨୬।୧୦(ଏଜେନ୍ସି): ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ଖେଳାଳି ତାଲିକା ଘୋଷଣା କରାଯାଇଛି। ପାକିସ୍ତାନ ସହ ୧-୧ରେ ସିରିଜ୍ ଡ୍ର ରଖିଥିବା ଦକ୍ଷିଣ ଆଫ୍ରିକା ଦଳରେ ଜଣେ ଖେଳାଳି ପରିବର୍ତ୍ତନ କରାଯାଇଛି। ତେମ୍ବା ବଭୂମା ଦଳର ନେତୃତ୍ୱ ନେବାକୁ ଫେରିଛନ୍ତି। ଏହା ଛଡ଼ା ଅନ୍ୟ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହି ସିରିଜ୍ ଲାଗି ଦଳରେ ୩ଜଣ ପ୍ରମୁଖ ସ୍ପିନରଙ୍କୁ ସାମିଲ କରାଯାଇଛି। ବାମହାତୀ କେଶବ ମହାରାଜ, ସାଇମନ ହାର୍ମର ଓ ସେନୁରନ ମୁଥୁସ୍ୱାମୀଙ୍କୁ ଦଳରେ ସାମିଲ କରିଛି। ଫାଷ୍ଟ ବୋଲର କାଗିସୋ ରାବାଡା, କର୍ବିନ ବୋଶ୍, ମାର୍କୋ ଜାନ୍‌ସେନ ରହିଛନ୍ତି।ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ କୋଲକାତାରେ ନଭେମ୍ବର ୧୪ରୁ ଆରମ୍ଭ ହେବ। ଏହା ପରେ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଖେଳାଯିବ। ଏହା ପରେ ଭାରତ ସହ ନଭେମ୍ବର ୩୦ରୁ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ଡିସେମ୍ବର ୯ ରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଘୋଷିତ ଦଳ: ତେମ୍ବା ବଭୂମା (ଅଧିନାୟକ), ଆଇଡେନ୍ ମାର୍କରମ, ରିୟାନ ରିକେଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଏଲ ଭେରିନ୍, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, ଟୋନି ଡି ଜୋର୍ଜି, କର୍ବିନ ବୋଶ୍, ୱିଆନ ମୁଲ୍ଡର, ମାର୍କୋ ଜାନ୍‌ସେନ, କାଗିସୋ ରାବାଡା, କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମର।

### ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି

## ରୌପ୍ୟ ବିଜୟୀ ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର, ୨୭ ।୧୦ (ସମିସ): ଓମାନର ରାଜଧାନୀ ମସ୍କଟରେ ଉଦ୍‌ଯାପିତ ହୋଇଯାଇଥିବା ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଭାରତ ରନର୍ସଅପ୍ ହୋଇଛି। ଫାଇନାଲରେ କାଜାଖସ୍ତାନ ୨୭-୦ ସ୍କୋରରେ ଭାରତକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲା। ଟୁର୍ଣ୍ଣାମେଣ୍ଟ ସାରା ଅପରାଜେୟ ରହିଥିବା ଭାରତ ଫାଇନାଲରେ କିନ୍ତୁ ଏହି ଧାରାକୁ



ବଜାୟ ରଖିପାରି ନ ଥିଲା। ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ ଏଥିସହ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜର ଡିଭିଜନ-୧ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିଛି। ଯାହାକି ଏସିଆ ରଗ୍‌ବୀରେ ଶୀର୍ଷସ୍ତରୀୟ ଟୁର୍ଣ୍ଣାମେଣ୍ଟ। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ରୌପ୍ୟ ବିଜୟୀ ଭାରତୀୟ ଦଳରେ ଓଡ଼ିଶାର ୪ଜଣ ଖେଳାଳି ଖେଳୁଥିଲେ। ସେମାନେ ହେଲେ ଆଶିଷ ଶବର, ଗଣେଶ ମାଝି, ଯୁଗଳ କିଶୋର ମାଝି ଓ ଶାହନୱାଜ ଅହମ୍ମଦ। ଏମାନଙ୍କ ମଧ୍ୟରୁ ଆଶିଷ, ଗଣେଶ ଓ ଯୁଗଳ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

## ମହିଳା ଟି-୨୦ : ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ,୨୭।୧୦(ସମିସ): ୧୯ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟରେ ଓଡ଼ିଶା କ୍ରମାଗତ ପରାଜୟ ବରଣ କରିଛି। ଗତକାଲି ଭିଲାଇରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ସୌରାଷ୍ଟ୍ରଠାରୁ ୨ ୱିକେଟରେ ହାରିଥିବା ଓଡ଼ିଶା ଆଜି ଉତ୍ତରପ୍ରଦେଶଠାରୁ ଦୟନୀୟ ଭାବେ ୯ ୱିକେଟରେ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ମାତ୍ର ୧୮.୨ ଓଭର ଖେଳି ୫୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ପ୍ରତିପକ୍ଷ ଦଳର ଚାନ୍ଦନୀ ମିଶ୍ର ଓ ଖୁସି ତ୍ୟାଗୀ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ୫୮ ରନ୍‌ର ବିଜୟ ଲକ୍ଷ୍ୟକୁ ଉତ୍ତରପ୍ରଦେଶ ମାତ୍ର ୧୨.୫ ଓଭରରେ ୧ୱିକେଟ ହରାଇ ହାସଲ କରିନେଇଥିଲା।

### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ସେମି ପୂର୍ବରୁ ଭାରତକୁ ଝଟ୍‌କା; ପ୍ରତୀକା ବାଦ୍

ନଭି ମୁମ୍ବଇ, ୨୭ ।୧୦ (ଏଜେନ୍ସି)



ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ (୧୩ ପଏଣ୍ଟ), ଇଂଲଣ୍ଡ (୧୧), ଦକ୍ଷିଣ ଆଫ୍ରିକା (୧୦) ଓ ଭାରତ (୭) ଯଥାକ୍ରମେ ପଏଣ୍ଟ ଟେବଲର ପ୍ରଥମ ୪ଟି ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଏବଂ ଗୁରୁବାର ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ତେବେ ଦ୍ୱିତୀୟ ସେମିଫାଇନାଲ ପୂର୍ବରୁ ଆୟୋଜକ ଭାରତୀୟ ଦଳକୁ ଜୋର୍‌ଦାର ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଇନଫର୍ମ ଓପନର୍ ପ୍ରତୀକା ରାୱଲ ବିଶ୍ୱକପ୍‌ର ବଳକା ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ବାଂଲାଦେଶ ବିପକ୍ଷ ଶେଷ ଲିଗ୍ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ପ୍ରତୀକାଙ୍କ ଗୋଇଠି ମୋଡ଼ି ହୋଇଯାଇଥିଲା। ଫଳରେ ସେ ଗୁରୁତର ଆଘାତ ପାଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଏପରିକି ଭାରତୀୟ ଇନିଂସରେ ସେ ଆଉ ବ୍ୟାଟିଂ କରିବାକୁ ଆସି ନ ଥିଲେ।

ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ପ୍ରତୀକା ନ ଖେଳିବା ଭାରତୀୟ ଦଳ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ପ୍ରତୀକା ଚଳିତ ବିଶ୍ୱକପ୍‌ରେ ଦମ୍‌ଦାର ଫର୍ମରେ ରହିଥିଲେ। ୭ଟି ଇନିଂସରେ ସେ ୫୧.୩୩ ହାରରେ ୩୦୮ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୨୨ ରନର ଦମ୍‌ଦାର ଶତକୀୟ ପାଳି ସାମିଲ ରହିଛି। ବିଶ୍ୱକପ୍‌ରେ ସର୍ବାଧିକ ରନ ସଂଗ୍ରହକାରୀ ତାଲିକାରେ ପ୍ରତୀକା ସାଥୀ ଖେଳାଳି ସ୍ମୃତି ମନ୍ଧାନା (୩୬୫)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମନ୍ଧାନାଙ୍କ ସହ ପ୍ରତୀକା ବିଶ୍ୱକପ୍‌ରେ ଭାରତକୁ ଏକାଧିକ ମ୍ୟାଚରେ ଉଲ୍ଲେଖନୀୟ ପ୍ରାରମ୍ଭ ଦେଇଛନ୍ତି। ତେଣୁ ଅଷ୍ଟ୍ରେଲିଆ ଭଳି ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲରେ ସେ ନ ଖେଳିବା ଭାରତ ପାଇଁ ନିଶ୍ଚିତ ମହଙ୍ଗା ସାବ୍ୟସ୍ତ ହେବ। ତାଙ୍କ ସ୍ଥାନରେ ହର୍ଲିନ ଦେଓଲ କିମ୍ବା ଅମନଜୋତ୍ କୌର ପାଳି ଆରମ୍ଭ କରିପାରନ୍ତି।

## ଆଇସିୟୁରୁ ବାହାରିଲେ ଶ୍ରେୟସ୍



ସିଡନୀ,୨୬।୧୦(ଏଜେନ୍ସି): ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ଆହତ ହେବା ପରେ ଏବେ ଅଷ୍ଟ୍ରେଲିଆରେ ଚିକିତ୍ସିତ ହେଉଛନ୍ତି। ଦୁଇଦିନ ଧରି ଆଇସିୟୁରେ ରହିବା ପରେ ଆଜି ତାଙ୍କୁ ବାହାର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି ଖୁବ୍ ଶୀଘ୍ର ଭଲ ହୋଇଯିବେ ବୋଲି ଆଶା କରାଯାଉଛି। ଏହା ମଧ୍ୟରେ ଶ୍ରେୟସଙ୍କ ପରିବାର ସଦସ୍ୟଙ୍କୁ ଖୁବ୍ ଶୀଘ୍ର ସିଡନୀ ପଠାଇବାର ବ୍ୟବସ୍ଥା ହୋଇଛି। କ୍ୟାଚ୍ ଧରିବାକୁ ଯାଇ ଆଘାତ ପାଇବା ପରେ ତାଙ୍କ ପ୍ଲୀହାରେ କ୍ଷତ ହୋଇଥିବାରୁ ସେ ହସ୍ପିଟାଲରୁ କେବେ ଛାଡ଼ ପାଇବେ କିମ୍ବା ସୁସ୍ଥ ହେବାକୁ କେତେଦିନ ଲାଗିବ ତାହା କହିବା କଷ୍ଟକର। ବିସିସିଆଇ ମେଡିକାଲ ଟିମ୍ ତାଙ୍କ ପାଖରେ ରହି ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଛନ୍ତି।

ସୂଚନାଯୋଗ୍ୟ ଅଷ୍ଟ୍ରେଲିଆ ସହ ସିଡ୍‌ନୀରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ପ୍ରତିପକ୍ଷ ୱିକେଟ ରକ୍ଷକ ଆଲେକ୍ସ କ୍ୟାରୀଙ୍କ ଏକ କ୍ୟାଚ୍ ଧରିବା ବେଳେ ଅଡୁଆ ସ୍ଥିତିରେ ଶ୍ରେୟସ ପଡ଼ିଯାଇଥିଲେ। କ୍ୟାଚ୍ ଧରିବା ପରେ ପଡ଼ିଆରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାହାରକୁ ନିଆଯାଇଥିଲା। ପ୍ରାଥମିକ ଅବସ୍ଥାରେ ତାଙ୍କ ପଞ୍ଜରା ହାଡ଼ରେ ଆଘାତ ଲାଗିଛି ବୋଲି ଆଶଙ୍କା କରାଯାଉଥିଲା। ବିସିସିଆଇ ମେଡିକାଲ ଟିମ୍ କୌଣସି ରିସ୍କ ନ ନେଇ ତାଙ୍କୁ ଶୀଘ୍ର ମେଡିକାଲରେ ଭର୍ତ୍ତି କରିଥିଲେ। ସ୍କାନ୍‌ରୁ ଦେହ ଭିତ (ପ୍ଲୀହା)ରେ ରକ୍ତସ୍ରାବ ହେଉଥିବା ଜଣାଯାଇଥିଲା। ଏହା ଜଣାପଡ଼ିବା ପରେ ତାଙ୍କୁ ତୁରନ୍ତ ଆଇସିୟୁରେ ରଖାଯାଇଥିଲା। ତୃତୀୟ ଦିନିକିଆରେ ରୋହିତ ଶର୍ମା- ବିରାଟ କୋହଲିଙ୍କ ଶ୍ରେଷ୍ଠ ପ୍ରଦର୍ଶନ ବଳରେ ଭାରତ ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲା। ଏହା ପରେ ଭାରତୀୟ ଦଳ ବୁଧବାର ଟି-୨୦ ମ୍ୟାଚ୍ ଖେଳିବାକୁ କାନବେରା ଯାଇଛନ୍ତି। କିନ୍ତୁ ଆୟର ମେଡିକାଲରେ ଅଛନ୍ତି। ସେ କେବଳ ଦିନିକିଆ ଫର୍ମାଟ ଲାଗି ମନୋନୀତ ହେଉଥିବାରୁ ଦକ୍ଷିଣ ଆଫ୍ରିକା ସିରିଜ୍ ତାଙ୍କ ଲାଗି ପରବର୍ତ୍ତୀ ଟୁର୍ଣ୍ଣାମେଣ୍ଟ ହେବ। ରାଞ୍ଚିରେ ନଭେମ୍ବର ୩୦ରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। କିନ୍ତୁ ଏହି ସିରିଜ୍‌ରେ ତାଙ୍କର ଖେଳିବା ଆଶା କମ୍ ବୋଲି କୁହାଯାଉଛି।

### ଦିନକ ପରେ ଟି-୨୦ ସିରିଜ୍

## ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଚିନ୍ତିତ ନୁହନ୍ତି ଗମ୍ଭୀର

କାନବେରା,୨୭।୧୦(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ପ୍ରସ୍ତୁତି ଆରମ୍ଭ କରିଦେଇଛି। କାନବେରାରେ ବୁଧବାରଠାରୁ ଏହି ସିରିଜ୍ ଆରମ୍ଭ ହେବ। ଏଥିଲାଗି ଉଭୟ ଦଳ ପ୍ରସ୍ତୁତ ହେଉଥିଲା ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫର୍ମରେ ନାହାନ୍ତି। ସେ ଖେଳିଥିବା ଗତ ୭ଟି ମ୍ୟାଚ୍‌ରେ ମାତ୍ର ୭୨ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ଏଭଳି ସ୍ଥିତିରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ସହ ସେମାନଙ୍କ ଘରୋଇ ମାଟିରେ ଖେଳିବା ବିଶ୍ୱ ଚାମ୍ପିଅନ ଭାରତ ଲାଗି ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଛିଡା ହୋଇଛି। କିନ୍ତୁ ଏହି ଚ୍ୟାଲେଞ୍ଜ କିମ୍ବା ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଆଦୌ ଚିନ୍ତିତ ନୁହଁନ୍ତି ଭାରତୀୟ ହେଡ୍ କୋଚ୍ ଗୌତମ ଗମ୍ଭୀର। ତାଙ୍କ ମତରେ ଭାରତ ଏବେ ଆକ୍ରମଣାତ୍ମକ



ବ୍ରାଣ୍ଡ (ଅଲଟ୍ରା ଆଗ୍ରେସିଭ୍)ର କ୍ରିକେଟ ଖେଳୁଛି। ଏହା ଆମ ଯୋଜନାରେ ରହିଛି। ଏଥିରେ ଜଣେ ବ୍ୟାଟର ଫେଲ ହେଲେ କିଛି ଫରକ ପଡ଼ିବ ନାହିଁ। ଯୁବ ଖେଳାଳି ଅଭିଷେକ ଶର୍ମା ଓ ତିଳକ ବର୍ମା ଭଲ ଫର୍ମରେ ଅଛନ୍ତି। ଦଳର ରଣନୀତି ଅନୁଯାୟୀ ସମସ୍ତେ ଖେଳୁଛନ୍ତି। ସୂର୍ଯ୍ୟଙ୍କ ନେତୃତ୍ୱରେ ଭାରତ ଏସିଆ କପ୍ ଚାମ୍ପିଅନ ହୋଇଛି। ଏଣୁ ଦଳର ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିବାକୁ ବଦ୍ଧ ପରିକର ଅଛନ୍ତି। ଏଭଳି ସ୍ଥିତିରେ ସୂର୍ଯ୍ୟକୁମାରଙ୍କ ଫର୍ମ ହରାଇବା ଆମକୁ ଅଡୁଆ ସ୍ଥିତିରେ ପକାଇବ ନାହିଁ ବୋଲି ଗମ୍ଭୀର ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏପରି ଖେଳିବାବେଳେ ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍‌ରେ ଜଣେ ଖେଳାଳି ଫେଲ୍ ମାରିଲେ, ତାହା କିଛି ପ୍ରଭାବ ପକାଇବ ନାହିଁ। ସୂର୍ଯ୍ୟ ଯଦି ୩୦ ବଲ୍‌ରେ ୪୦ ରନ୍ କରି ଆଉଟ ହୁଅନ୍ତି ଏବଂ ଭାରତ ପରାଜିତ ହୋଇଯାଏ, ତେବେ ତାହା ଦଳର ରଣନୀତି ବିଫଳ ହେଲା ବୋଲି କୁହାଯିବ। ଖେଳାଳିମାନେ ଯେପରି ସାହସିକ କ୍ରିକେଟ ଖେଳୁଛନ୍ତି ତାହା ବେଶ ଉତ୍ସାହଜନକ। ସୂର୍ଯ୍ୟ ରିଦିମକୁ ଫେରିବା ଲାଗି ଗୋଟିଏ ବଡ଼ ଇନିଂସର ଆବଶ୍ୟକତା ରହିଛି। ମୁଁ ଆଶା କରୁଛି ଅଷ୍ଟ୍ରେଲିଆରେ ସେ ଏପରି ଏକ ବଡ଼ ଇନିଂସ ଖେଳିବେ ବୋଲି ଗମ୍ଭୀର କହିଛନ୍ତି।



## ଆହତ ଲାଗି ୨୦୨୫ରେ ଆଉ ଖେଳିବେନି ସିନ୍ଧୁ

ନୂଆଦିଲ୍ଲୀ, ୨୭ ।୧୦ (ଏଜେନ୍ସି): ଆଘାତଜନିତ ସମସ୍ୟା ଲାଗି ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଚଳିତ ସିଜନର ବଳକା ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ୟୁରୋପିଆନ୍ ଲେଗ୍ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଥିବାବେଳେ ସିନ୍ଧୁଙ୍କୁ ପାଦରେ ଆଘାତ ଲାଗିଥିଲା। ଡାକ୍ତରଙ୍କ ପରାମର୍ଶ ପରେ ୩୦ ବର୍ଷୀୟା ଏହି ତାରକା ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଚଳିତ ସିଜନରେ ଆଉ ନ ଖେଳିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସିନ୍ଧୁଙ୍କ ପାଇଁ ଚଳିତ ବର୍ଷ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥିଲା। ଅଧିକାଂଶ ଟୁର୍ଣ୍ଣାମେଣ୍ଟରେ ସେ ପ୍ରଥମ କିମ୍ବା ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇଥିଲେ। ଗତବର୍ଷ ଡିସେମ୍ବରରେ ସିନ୍ଧୁ ସୟଦ ମୋଦି ଇଣ୍ଟରନ୍ୟାସନାଲ ସୁପର୍ ୩୦୦ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ। ଯାହାକି ତାଙ୍କର ଶେଷ ଅନ୍ତର୍ଜାତୀୟ ଟ୍ରଫି ଥିଲା।

### ରାଜ୍ୟ ପାରା ସନ୍ତରଣ ଉଦ୍‌ଯାପିତ

## ମୋନାଲି, କବିତାଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୧୦(ସମିସ): ଓଡ଼ିଶା ରାଜ୍ୟ ପାରା ସନ୍ତରଣ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଆକ୍ୱାଟିକ୍‌ସେଣ୍ଟରପରିସରରେସୋମବାରଉଦ୍‌ଯାପିତ ହୋଇଯାଇଛି।ଅକ୍ଟୋବର୨୫ଓ୨୬ ତାରିଖ ଦୁଇଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୪୦ ଜଣ ପାରାସନ୍ତରଣକାରୀ ଯୋଗଦେଇଥିଲେ। ଏହି ପ୍ରତିଯୋଗିତା ଲାଗି ହାଇଦ୍ରାବାଦ୍‌ରେ ନଭେମ୍ବର ୧୫ରୁ ୧୮ ତାରିଖଯାଏ ହେବାକୁ ଥିବା ଜାତୀୟପାରାସନ୍ତରଣ



ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ। ପୁରୁଷ ବିଭାଗରେ ବଲାଙ୍ଗିରର ମୋହନ ମାଝୀ ଓ ନୂଆପଡ଼ାର ଆକାଶ ବନଛୋର ୩ଟି ଲେଖାଏଁ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ମହିଳା ବିଭାଗରେ କେନ୍ଦ୍ରାପଡ଼ାର ମୋନାଲି ସ୍ୱାଇଁ ଓ ଗଞ୍ଜାମର କବିତା ଦଳାଇ ହ୍ୟାଟ୍ରିକ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଖେଳ ଶେଷରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ସୋନାଲି ଚାନ୍ଦ ମୁଖ୍ୟ ଅତିଥି ଓ ଆୟୋଜକ ଓଡ଼ିଶା ପାରା ଆଥଲେଟିକ ଆସୋସିଏସନ ସଭାପତି କମଳାକାନ୍ତ ରଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ସବ୍‌ଜୁନିୟର ବାଳକ ଫୁଟବଲ

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

କଟକ,୨୭।୧୦(ସମିସ): ପଞ୍ଜାବ ଅମୃତସରର ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ର ପ୍ରଥମ ମ୍ୟାଚରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ମିଜୋରାମ ୧୩-୦ ଗୋଲରେ ଓଡ଼ିଶାକୁ ହରାଇଛି। ପ୍ରଥମାର୍ଦ୍ଧରେ ୬ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୭ଟି ଗୋଲ ସ୍କୋର କରି ମିଜୋରାମ ସହଜ ବିଜୟ ହାସଲ କରିଥିଲା। ବିଜୟୀ ଦଳର ଏଲ ଜାସନ ୪ଟି, ଅଧିନାୟକ ଏଲ ବର୍ଣ୍ଣାଡ ୩ଟି ଗୋଲ ଦେଇଥିଲେ। ସତ୍ୟଜିତ ସିଂହଙ୍କ ନେତୃତ୍ୱରେ ଗଠିତ ଓଡ଼ିଶା ଦଳ ଆସନ୍ତା ୨୯ରେ ମଣିପୁର ବିପକ୍ଷରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଚାମ୍ପିଅନ ଟାଇଟନ୍ସକୁ ଦେଢ଼ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର,୨୭।୧୦(ସମିସ): ରାଜଧାନୀ ଉପକଣ୍ଠସ୍ଥ ଘାଟିକିଆ ହାଇସ୍କୁଲ ପଡ଼ିଆରେ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ୍ ଟେନିସ ବଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଇଟନ୍ସ ଚାମ୍ପିଅନ ଓ ସିଡିଏ ଲାୟନ୍ସ ରନର୍ସ ଅପ୍ ହୋଇଛନ୍ତି। ଚାମ୍ପିଅନ ଦଳକୁ ଦେଢ଼ (୧.୫) ଲକ୍ଷ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଦଳକୁ ୮୦,୦୦୦ ଟଙ୍କା ଓ ଟ୍ରଫି ସହ ମୋଟ ୬ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ସୁଦେଷ୍ଣା ପଣ୍ଡା ମୁଖ୍ୟଅତିଥି, ଶ୍ରାବଣୀ ପ୍ରଧାନ, ରାଜୀବ ପଣ୍ଡା, ଦରିଦ୍ରନାରାୟଣ ନାୟକ ଓ ଜ୍ଞାନଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।




### ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି

# ଭଲ ସ୍ଥିତିରେ ଉତ୍ତରପ୍ରଦେଶ

କଟକ,୨୭।୧୦(ସମିସ)

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଘରୋଇ ଉତ୍ତରପ୍ରଦେଶ ଦଳ ଓଡ଼ିଶା ଠାରୁ ବିଜୟ ଆଶା ଛଡ଼ାଇ ନେଇଛି। ପ୍ରଥମ ପାଳିରେ୧୩୭ରନର ଅଗ୍ରଣୀ ହାସଲ କରି ସାରିଥିବା ଉତ୍ତରପ୍ରଦେଶ ହାତରେ ଆହୁରି ୪ଟି ୱିକେଟ ବାକି ରହିଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସ। ଏଣୁ ପରାଜୟଆଶାକୁ ଏଡାଇ ମ୍ୟାଚ୍ ଡ୍ର ରଖି ୧ ପଏଣ୍ଟ ହାତେଇବାକୁ ଓଡ଼ିଶା ଉଦ୍ୟମ କରିବ ବୋଲି ଅନୁମାନ କରାଯାଉଛି।

**କରନ, ଆରାଧ୍ୟଙ୍କ ଶତକ**

ଓଡ଼ିଶାର ପ୍ରଥମ ପାଳି ୨୪୩ରନ ଜବାବରେ ଉତ୍ତରପ୍ରଦେଶ ୩ ୱିକେଟ ବିନିମୟରେ ୨୬୨ରନ ସଂଗ୍ରହ କରିଥିଲା। ଅଧିନାୟକ କରନ ଶର୍ମା ୮୩ରନ ଏବଂ ଆରାଧ୍ୟ ଯାଦବ ୮୦ରନରେ ଅପରାଜିତ ରହିଥିଲେ। ଆଜି ଉଭୟ ଏଠାରେ ଶତକୀୟ ପାଳି ଖେଳି ଦଳ ପାଇଁ ୩ ପଏଣ୍ଟ ନିଶ୍ଚିତ କରିଥିଲେ। କରନ ୧୨୧ରନ କରିଥିବା ବେଳେ ସ୍ପିନର ବାଦଲ ବିଶ୍ୱାଳଙ୍କ ଶିକାର ହୋଇଥିଲେ। ଆରାଧ୍ୟ ୧୦୧ରନରେ ରିଟାୟର୍ଡ ହର୍ଟ ହୋଇ କ୍ରିଜ ଛାଡ଼ିଥିଲେ। ପ୍ରଶାନ୍ତ ବୀର ୬ରନ କରିଥିବା ବେଳେ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ୩ୟ ଦିବସର ଅନ୍ତିମ ବଲରେ ପ୍ରିୟମ ଗର୍ଗଙ୍କୁ ୩୧ରନରେ ସୁମିତ ଶର୍ମା ଆଉଟ କରି ଦଳ ପାଇଁ ୬ଷ୍ଠ ସଫଳତା ଦେଇଥିଲେ। ଭିପରାଜ ନିଗମ ୧୪ରନରେ ଅପରାଜିତ ରହିଛନ୍ତି। ସମ୍ବିତ ବରାଳ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଛନ୍ତି। ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି। ତେବେ ଓଡ଼ିଶାର ପ୍ରମୁଖ ବୋଲରମାନେ ୱିକେଟ ହାସଲ ନକରି ପାରିବା ମହଙ୍ଗା ସାବ୍ୟସ୍ତ ହୋଇଛି। ରାଜେଶ ମହାନ୍ତି ୧୮ଓଭର, ସୁନୀଲ ରାଉଳ ୧୪ଓଭର, ଗୋବିନ୍ଦ ପୋଦ୍ଦାର ୧୩ ଓଭର ବୋଲିଂ କରିବା ସତ୍ତ୍ୱେ କୌଣସି ସଫଳତା ପାଇ ନାହାନ୍ତି।

## ରଣଜୀ ଟ୍ରଫି: ୧୪୧ ବଲରେ ପୃଥ୍ୱୀଙ୍କ ଦ୍ୱିଶତକ




ଚଣ୍ଡିଗଡ଼, ୨୭ ।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ମହାରାଷ୍ଟ୍ର ଓପନର୍ ପୃଥ୍ୱୀ ଶ' ବିସ୍ଫୋରକ ଦ୍ୱିଶତକୀୟ ପାଳି ଖେଳି ଚର୍ଚ୍ଚାକୁ ଆସିଛନ୍ତି। ଘରୋଇ ଚଣ୍ଡିଗଡ଼ ବିପକ୍ଷରେ ଚାଲିଥିବା ଏହି ମ୍ୟାଚର ଦ୍ୱିତୀୟ ପାଳିରେ ପୃଥ୍ୱୀ ୧୫୬ ବଲରେ ଅପରାଜିତ ୨୨୨ ରନ କରିଥିଲେ। ଯେଉଁଥିରେ ୨୯ ଚୌକା ଓ ୫ ଛକା ସାମିଲ ରହିଥିଲା। ପୃଥ୍ୱୀ ୧୪୧ ବଲରେ ନିଜର ଦ୍ୱିଶତକ ପୂରଣ କରିଥିଲେ। ଫଳରେ ଭାରତୀୟ ଭାବେ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ସେ ତୃତୀୟ ଦ୍ରୁତତମ ଦ୍ୱିଶତକ ହାସଲ କରିଛନ୍ତି। ଭାରତୀୟ ଭାବେ ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଦ୍ୱିଶତକ ହାଇଦରାବାଦ୍ ଓପନର୍ ତନ୍ମୟ ଅଗ୍ରୱାଲଙ୍କ ନାମରେ ରହିଛି। ଗତବର୍ଷ ତନ୍ମୟ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୧୧୯ ବଲରେ ଦ୍ୱିଶତକ ପୂରଣ କରିଥିଲେ। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରବି ଶାସ୍ତ୍ରୀ ରହିଛନ୍ତି। ୧୯୮୫ରେ ବରୋଦା ବିପକ୍ଷ ମ୍ୟାଚରେ ମୁମ୍ବଇ ତାରକା ଶାସ୍ତ୍ରୀ ୧୨୩ ବଲରେ ଦ୍ୱିଶତକ ମାରିଥିଲେ।

## ଭୁବନେଶ୍ୱର-ବି'କୁ ଜିତାଇଲେ ମୃତ୍ୟୁଞ୍ଜୟ

କଟକ,୨୭।୧୦(ସମିସ): ୧୬ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଉଛି। ଆଜି ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୮ ୱିକେଟରେ ସମ୍ବଲପୁର-ବିକୁ ପରାସ୍ତ କରିଛି। ଦଳର ପ୍ରମୁଖ ଅଲରାଉଣ୍ଡର ମୃତ୍ୟୁଞ୍ଜୟ ରାୟ ଲେଗବ୍ରେକ୍ ସ୍ପିନ ଯାଦୁରେ ସମ୍ବଲପୁରର ୪ଟି ୱିକେଟ ଦଖଲ କରିଥିଲେ। ୨୨ରନ ବିନିମୟରେ ମୃତ୍ୟୁଞ୍ଜୟଙ୍କୁ ଏହି ସଫଳତା ମିଳିଥିଲା। ସମ୍ବଲପୁର-ବିର ଇନିଂସ୍ ମାତ୍ର ୬୬ରନରେ ସୀମିତ ରହିବା ପରେ ଦୁଇ ୱିକେଟ ହରାଇ ଭୁବନେଶ୍ୱର-ବି ବିଜୟୀ ହୋଇଥିଲା। ମୃତ୍ୟୁଞ୍ଜୟ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



## ସିକେ ନାଇଡୁ ଟ୍ରଫି: ଓଡ଼ିଶାର ସ୍ଥିତି ଦୃଢ଼

କଟକ,୨୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଆସାମ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଅଗ୍ରଣୀର ନିକଟତର ହୋଇଛି। ଆସାମର ପାଳିକୁ ୨୧୬ରନରେ ସୀମିତ ରଖିବା ପରେ ଘରୋଇ ଓଡ଼ିଶା ଦଳ ୩ ୱିକେଟ ବିନିମୟରେ ୧୬୯ରନ ସଂଗ୍ରହ କରିଛି। ଓପନର ଓମ ଟି ମୁଣ୍ଡେ ୮୪ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ବିଜୟ ପଏଣ୍ଟ ହାତେଇବା ଲକ୍ଷ୍ୟରେ ରହିଛି। ଅସମାପ୍ତ ପ୍ରଥମ ପାଳି ୨୦୦/୯ରୁ ଆଜି ଆସାମ ବ୍ୟାଟିଂ ଆରମ୍ଭ କରିଥିଲା। ୯୪ରନରେ ଅପରାଜିତ ଥିବା ରାଜବୀର ସିଂହ ୧୦୫ରନ କରି ଆୟୁଷ ବାରିକଙ୍କ ୩ୟ ଶିକାର ପାଲଟିଥିଲେ। ଆସାମାର ଇନିଂସ୍ ୨୧୬ରନରେ ପରିସମାପ୍ତି ଘଟିଥିଲା। ଓଡ଼ିଶା ପକ୍ଷରୁ ରିତେଶ ପ୍ରିୟରଞ୍ଜନ ସର୍ବାଧିକ ୪ଟି ୱିକେଟ ଦଖଲ କରିଛନ୍ତି। ଓମ୍ ଏବଂ ପାନକଲ ଶଶାଙ୍କ ଓପନିଂ ଯୋଡ଼ିରେ ୧୦୩ରନର ଭାଗିଦାରୀ ସୃଷ୍ଟି କରିଥିଲେ। ଶଶାଙ୍କ ୪୮ରନ, ଓମ୍ ୮୪ରନରେ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧ରନରେ ଆଉଟ ହୋଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS